

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୩ ଅଗଷ୍ଟ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 13 AUGUST 2023
Vol.No. 35 ■ No. 213 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସ୍କୁଲ୍‌ରେ ବଜ୍ରପାତ: ୧୬ ଛାତ୍ରଛାତ୍ରୀ ଆହତ

କେନ୍ଦ୍ରାପଡ଼ା , ୧୨/୦୮ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ କୁଦାନଗରୀ ହାଇସ୍କୁଲରେ ବଜ୍ରପାତ ହେବାରୁ ୧୬ ଜଣ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୫ ଜଣ ଛାତ୍ରୀ ହୋଇଥିବା ବେଳେ ୨ ଜଣ ହେଉଛନ୍ତି ଛାତ୍ର । ୧୫ ଛାତ୍ରୀଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଛି । ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟମାନେ ପାଟକୁରା ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ସମସ୍ତଙ୍କ ଅବସ୍ଥା ଭଲ ଅଛି । ଏହି ସମସ୍ତ ଛାତ୍ରଛାତ୍ରୀମାନେ ଆଦର୍ଶ ବିଦ୍ୟାଳୟର । ସେମାନେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ପଢ଼ନ୍ତି । ବର୍ତ୍ତମାନ କୁଦାନଗରୀ ହାଇସ୍କୁଲରେ ଅସ୍ଥାୟୀ ଭାବେ ଚାଲିଛି ଏହି ଆଦର୍ଶ ବିଦ୍ୟାଳୟ । ଆଜି ଅପରାହ୍ନରେ ଆଦର୍ଶ ବିଦ୍ୟାଳୟର ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କ ଶେଷ କ୍ଲାସ ଚାଲିଥିବା ବେଳେ ହଠାତ ବଜ୍ରପାତ ହୋଇଥିଲା ।

▶▶ପୃଷ୍ଠା ୭

# ୪ ପାରିତ ବିଲ୍ ଉପରେ ମୋହର ମାରିଲେ ରାଷ୍ଟ୍ରପତି

### ୨ଟିକୁ ନେଇ ରହିଛି



ନୂଆଦିଲ୍ଲୀ,୧୨/୦୮ :ଚଳିତ ମୌସୁମୀ ଅଧିବେଶନ ବେଳେ ଉଭୟ ଲୋକସଭା ଓ ରାଜ୍ୟସଭାରେ ପାରିତ ହୋଇଥିବା ୪ଟି ବିଲ୍ ଉପରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୋହର ମାରିଛନ୍ତି । ଏହାର ଅର୍ଥ ଏହି ବିଲ୍‌ଗୁଡ଼ିକ ଆଇନରେ ପରିଣତ ହୋଇଛି । ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକସନ ବିଲ୍, ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ (ସଂଶୋଧନ) ବିଲ୍, ଜନ ବିଶ୍ୱାସ (ସଂଶୋଧନ) ବିଲ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନ୍ୟାଶନାଲ କ୍ୟାପିଟାଲ ଟେରିଟୋରୀ ଅଫ ଦିଲ୍ଲୀ (ସଂଶୋଧନ) ବିଲ୍ ମୌସୁମୀ ଅଧିବେଶନ ବେଳେ ସଂସଦର ଉଭୟ ଗୃହରେ ପାରିତ ହୋଇଥିଲା । ତେବେ ଆଇନରେ ପରିଣତ ହୋଇଥିବା ୪ଟି ବିଲ୍ ମଧ୍ୟରୁ ୨ଟିକୁ ବିରୋଧୀ କଡ଼ା ବିରୋଧ କରିଥିଲେ । ଉକ୍ତ ଦୁଇ ବିଲ୍ ଆଇନରେ ପରିଣତ ହୋଇଥିଲେ ହେଁ ବିବାଦ ଶେଷ ହୋଇନାହିଁ । ନ୍ୟାଶନାଲ କ୍ୟାପିଟାଲ ଟେରିଟୋରୀ ଅଫ ଦିଲ୍ଲୀ (ସଂଶୋଧନ) ବିଲ୍ ଦ୍ୱାରା କେନ୍ଦ୍ର ସରକାର ଦିଲ୍ଲୀର ପ୍ରଶାସନିକ ସେବାକୁ ନିୟନ୍ତ୍ରଣ କରିବାକୁ ଯୋଜନା କରିଛନ୍ତି । ସୁପ୍ରିମକୋର୍ଟ ପ୍ରଥମେ ଦିଲ୍ଲୀର ପ୍ରଶାସନିକ ବଦଳି ଓ ନିଯୁକ୍ତି ଅଧିକାର ରାଜ୍ୟ ସରକାରଙ୍କ ବୋଲି କହିଥିଲେ । ଏହାକୁ ମାତ ଦେବା ପାଇଁ କେନ୍ଦ୍ର ସରକାର ପ୍ରଥମେ ଅଧ୍ୟାଦେଶ ଆଣିଥିଲେ । ଏହାପରେ ମୌସୁମୀ ଅଧିବେଶନରେ ନ୍ୟାଶନାଲ କ୍ୟାପିଟାଲ ଟେରିଟୋରୀ ଅଫ ଦିଲ୍ଲୀ (ସଂଶୋଧନ) ବିଲ୍‌କୁ ପାସ କରାଯାଇଛି । ବିରୋଧୀ ମେଣ୍ଟ ଏହାକୁ ବିରୋଧ କରିଥିବା ବେଳେ ପ୍ରଥମେ ଏହି ବିଲ୍ ବେଶ ସହଜରେ ଲୋକସଭାରେ ପାରିତ ହୋଇଥିଲା । ରାଜ୍ୟସଭାରେ ବିଜେପି ପାଖରେ ବିଲ୍ ପାସ କରାଇବାକୁ ସଂଖ୍ୟା ନଥିଲା । ହେଲେ ବିଜେଡି ଓ ୱାଇଏସ୍‌ଆର କଂଗ୍ରେସ ଭଳି ଦଳ ବିଲ୍‌କୁ ସମର୍ଥନ କରିବାରୁ ବିରୋଧୀ ରାଜ୍ୟସଭାରେ ମଧ୍ୟ ଫେଲ ମାରିଥିଲେ । ସରକାର ଏହାକୁ ଦିଲ୍ଲୀ ସରକାର କରୁଥିବା ଦୁର୍ନୀତିକୁ ରୋକିବା ପାଇଁ ଅଣାଯାଇଥିବା ଯୁକ୍ତି ରଖିଛନ୍ତି । ହେଲେ ଗଣତାନ୍ତ୍ରିକ ପରମ୍ପରା ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ମାତ ଦେବା ପାଇଁ କେନ୍ଦ୍ର ସରକାର ନ୍ୟାଶନାଲ କ୍ୟାପିଟାଲ ଟେରିଟୋରୀ ଅଫ ଦିଲ୍ଲୀ (ସଂଶୋଧନ) ବିଲ୍‌କୁ ପାରିତ କରିଥିବା କହିଛନ୍ତି । ଆଉ ଗୋଟିଏ ବିଲ ଯାହା ଏବେ ଆଇନରେ ପରିଣତ ହୋଇଛି, ସେଇଟା ହେଲେ ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକସନ ବିଲ୍ । ମଣିପୁର ପ୍ରସଙ୍ଗରେ ବିରୋଧୀ ଆଲୋଚନା କରିବା ପାଇଁ ନାରାବାଜୀ କରୁଥିବା ବେଳେ ଭୟସ ଭୋଟ ବା ବାଚନିକ ଭୋଟରେ ଏହି ବିଲ୍ ପାରିତ ହୋଇଥିଲା । ବିରୋଧୀ ବିଲ୍‌ରେ କିଛି ସଂଶୋଧନ କରିବାକୁ ଦାବି କରିଥିଲେ ମଧ୍ୟ ଏହା ମଧ୍ୟ ଫେଲ ମାରିଥିଲା । ଅନଲାଇନ ପ୍ଲାଟଫର୍ମରେ ଭାରତୀୟଙ୍କ ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ପାଇଁ ସରକାର ଏହି ବିଲ୍ ଆଣିଥିବା କହିଛନ୍ତି । ତଥ୍ୟ ସାର୍ବଜନୀନ ହେଲେ ଦୋଷୀକୁ ୨୫୦ କୋଟି ଯାଏ ଜୋରିମାନା ଦେବାର ବ୍ୟବସ୍ଥା ଏଥିରେ ରହିଛି । ବିରୋଧୀଙ୍କ କହିବା କଥା ଏପରି ଆଇନ ଦ୍ୱାରା ସରକାର ଦେଶକୁ ଗୋଟିଏ ସର୍ଭେଲାନ୍ସ ଷ୍ଟେଟରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

## ଟିଏମସି ରକ୍ତର ଖେଳ ଖେଳିଛି ବୋଲି କହିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୨/୦୮ : ପଞ୍ଚାୟତ ନିର୍ବାଚନ ବେଳେ ପଶ୍ଚିମବଙ୍ଗରେ ଦେଖାଯାଇଥିବା ହିଂସାକାଣ୍ଡ ପ୍ରସଙ୍ଗ ଆଜି ଉଠାଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ପଶ୍ଚିମବଙ୍ଗର କ୍ଷମତାସୀନ ମମତା ବାନାର୍ଜୀଙ୍କ ଟିଏମସି ପଞ୍ଚାୟତ ନିର୍ବାଚନ ବେଳେ ରକ୍ତର ଖେଳ ଖେଳିଥିଲା ବୋଲି ମୋଦି ଅଭିଯୋଗ କରିଛନ୍ତି । ଭିଡିଓ କନଫରେନ୍ସିଂରେ ପଶ୍ଚିମବଙ୍ଗର କ୍ଷେତ୍ରୀୟ ପଞ୍ଚାୟତି ରାଜ ପରିଷଦକୁ ସମ୍ବୋଧନ କରିବା ବେଳେ ମୋଦି କହିଛନ୍ତି, "ଟିଏମସି ଖୁନୀ ଖେଲ ଖେଲା ହୈ ।" ଏହାର ଅର୍ଥ ଟିଏମସି ରକ୍ତର ଖେଳ ଖେଳିଛି ବୋଲି ମୋଦି କହିଛନ୍ତି । ଟିଏମସି ଭୋଟରଙ୍କୁ ଭୟଭୀତ କରୁଛି ଓ ସେମାନଙ୍କ ଜୀବନକୁ ନର୍କରେ ପରିଣତ କରିଛି ବୋଲି ମୋଦି କହିବାକୁ ପଛାଇ ନାହାନ୍ତି । ସେ କହିଛନ୍ତି, "ବିଜେପି ପ୍ରାର୍ଥୀ ଯେମିତି ନାମାଙ୍କନ ଦାଖଲ କରିପାରିବେ ନାହିଁ, ତାକୁ ନିଶ୍ଚିତ କରିବା ପାଇଁ ସେମାନେ (ଟିଏମସି) ଯାହା ବି ଦରକାର ସେସବୁ କରୁଛନ୍ତି । ସେମାନେ କେବଳ ବିଜେପି କର୍ମୀ ନୁହନ୍ତି, ବରଂ ଭୋଟରଙ୍କୁ ମଧ୍ୟ ଡରାଉଛନ୍ତି । ବୁଥଗୁଡ଼ିକୁ ଦଖଲ କରିବା ପାଇଁ କଣ୍ଟ୍ରାକ୍ଟ ଦିଆଯାଉଛି । ରାଜ୍ୟରେ ଏମିତି ରାଜନୀତି କରିବା ସେମାନଙ୍କ ଶୈଳୀ । ଟିଏମସି ଭୋଟ ଗଣତି ଦିନ ଗୁଣ୍ଡାମାନଙ୍କୁ ଟଙ୍କା ଦେଇଥିଲା ଓ ସେମାନଙ୍କୁ ବୁଥ ଦଖଲ କରିବା ପାଇଁ କହିଥିଲା । ଗଣତି ବେଳେ ଟିଏମସି ଅଫିସରୁ ବିଜେପି କର୍ମୀଙ୍କୁ ବଳପୂର୍ବକ ବାହାର କରି ଦେଇଥିଲା । ସେମାନଙ୍କୁ ଭୋଟ ଗଣତି ଦେଖିବାକୁ ମଧ୍ୟ ଦେଇ ନଥିଲା ।

▶▶ପୃଷ୍ଠା ୭

## ଉତ୍କୃଷ୍ଟ ତଦନ୍ତ ପାଇଁ ଗୃହମନ୍ତ୍ରୀ ପଦକ: ଓଡ଼ିଶାରୁ ୪ ପୁଲିସ ଅଧିକାରୀ ମନୋନୀତ

ଭୁବନେଶ୍ୱର, ୧୨/୦୮ (ନି.ପ୍ର): ବିଭିନ୍ନ ମାମଲାର ଉତ୍କୃଷ୍ଟ ତଦନ୍ତ ପାଇଁ ଚଳିତ ବର୍ଷ ୪ ଜଣ ଓଡ଼ିଆ ପୁଲିସ ଅଧିକାରୀଙ୍କୁ ପଦକ ମିଳିବ । ଏନେଇ ଶନିବାର କେନ୍ଦ୍ର ଗୃହମନ୍ତ୍ରୀ ପଦକ ଘୋଷଣା ହୋଇଛି । ଦେଶର ବିଭିନ୍ନ ରାଜ୍ୟରୁ ଚଳିତ ବର୍ଷ ଏହି ପଦକ ଲାଗି ୧୪୦ ଜଣ ପୁଲିସ ଅଧିକାରୀ ମନୋନୀତ ହୋଇଛନ୍ତି । ଏଥିରେ ୨୨ ଜଣ ମହିଳା ପୁଲିସ ଅଧିକାରୀ ସାମିଲ ଅଛନ୍ତି । ଓଡ଼ିଶାରୁ ଯେଉଁ ୪ ଜଣ ତାଲିକାରେ ସାମିଲ ଅଛନ୍ତି, ସେମାନେ ହେଲେ ଇନ୍ସପେକ୍ଟର ଦୁର୍ଗେଶ ନନ୍ଦିନୀ ମହାନ୍ତି, ଇନ୍ସପେକ୍ଟର ପ୍ରଶାନ୍ତ କୁମାର ସାହୁ, ଡେପୁଟୀ ଏସପି ମାନସ ରଞ୍ଜନ ପ୍ରଧାନ ଓ ଡେପୁଟୀ ଏସପି ପ୍ରଭାତ କୁମାର ବିଶ୍ୱାଳ ।

▶▶ପୃଷ୍ଠା ୭



## ୧୦ ଓଏଏସ୍ ଅଫିସରଙ୍କ ବଦଳି: ୫ ଜିଲ୍ଲାରେ ନୂଆ ଅତିରିକ୍ତ ଜିଲ୍ଲାପାଳ

ଭୁବନେଶ୍ୱର, ୧୨/୦୮ (ନି.ପ୍ର): ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି । ୫ଟି ଜିଲ୍ଲାରେ ନୂଆ ଅତିରିକ୍ତ ଜିଲ୍ଲାପାଳଙ୍କ ନିଯୁକ୍ତି ସମେତ ମୋଟ ୧୦ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ବଦଳି ହୋଇଛି । ବରଗଡ଼,ମୟୂରଭଞ୍ଜ, କନ୍ଧମାଳ, ସୁନ୍ଦରଗଡ଼ ଓ ନୂଆପଡ଼ା ଜିଲ୍ଲାରେ ନୂଆ ଅତିରିକ୍ତ ଜିଲ୍ଲାପାଳଙ୍କୁ ନିଯୁକ୍ତି ମିଳିଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ନୂଆପଡ଼ା ଅତିରିକ୍ତ ଜିଲ୍ଲାପାଳ ତଥା ବରିଷ୍ଠ ଓଏଏସ୍ ଅଫିସର ଅଗସ୍ତି ପ୍ରଧାନଙ୍କୁ ଦକ୍ଷିଣାଂଚଳ ଆରଡିସି କାର୍ଯ୍ୟାଳୟରେ ବନ୍ଦୋବସ୍ତ ଓ ଚକବନ୍ଦୀ ଅତିରିକ୍ତ କମିଶନର ଭାବେ ବଦଳି କରାଯାଇଛି । ସେହିପରି ରେଢ଼ାଖୋଲ ଉପଜିଲ୍ଲାପାଳ ପବିତ୍ର ବେହେରାଙ୍କୁ ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି । ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା(କ)ଙ୍କୁ ମୟୂରଭଞ୍ଜ




▶▶ପୃଷ୍ଠା ୭

# ପଞ୍ଚଭୂତରେ ବିଲୀନ ହେଲେ ବୀର ଯବାନ ସୁଶାନ୍ତ ଖୁଣ୍ଟିଆ



ଆନନ୍ଦପୁର , ୧୨/୦୮ (ନି.ପ୍ର): ନକ୍ସଲ ଗୁଳିରେ ସହିଦ୍ ଓଡିଆ ଯବାନ ସୁଶାନ୍ତ କୁମାର ଖୁଣ୍ଟିଆଙ୍କ ଶେଷକୃତ୍ୟ ସଂପନ୍ନ । ଆନନ୍ଦପୁରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ଅନ୍ତିମ ସଂସ୍କାର କରାଯାଇଛି । ବୈତରଣୀ ନଦୀକୂଳ ଶ୍ମଶାନ ଘାଟରେ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା । ସି ଆର୍ ପି ଏଫ୍ ପକ୍ଷରୁ ତୋପ ସଲାମୀ ଦିଆଯିବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ସହିଦ ସୁଶାନ୍ତ କୁମାର ଖୁଣ୍ଟିଆଙ୍କ ପର୍ଥିବ ଶରୀର ଆନନ୍ଦପୁରରେ ପହଞ୍ଚିବା ପରେ ଅଶ୍ରୁଳ ବିଦାୟ ଦିଆଯାଇଛି । ସହିଦ୍ ଯବାନଙ୍କ ମରଶରୀରକୁ ରାଞ୍ଚିରୁ କେନ୍ଦୁଝରେ ଦେଇ ଆସିବା ପରେ ଶୈଳଙ୍ଗ ଛକ ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହା ପରେ ଏକ ବିଶାଳ ଶୋଭାଯାତ୍ରାରେ ଘସିପୁରା, ଶାଳପଡା, ଆନନ୍ଦପୁର ବ୍ରିଜ ଛକ, ବଡ଼ଦାଣ୍ଡ ଦେଇ ମରଶରୀର ୬ ନମ୍ବର ୱାର୍ଡରେ ଥିବା ତାଙ୍କ ଘରେ ପହଞ୍ଚିଥିଲା । ତାଙ୍କ ଘରେ ପରିବାର ସମ୍ପର୍କୀୟ ଶେଷ ଦର୍ଶନ କରିବା ପରେ ଶୋଭାଯାତ୍ରାରେ ବୈତରଣୀ ନଦୀକୂଳ ଶ୍ମଶାନକୁ ନିଆ ଯାଇଥିଲା । ସହିଦ୍ ସୁଶାନ୍ତ ଅମର ରହେ ଧ୍ୱନିରେ ଚାରିଆଡ଼େ ପ୍ରକମ୍ପିତ ହୋଇଥିଲା । ହଜାର ହଜାର ଲୋକଙ୍କ ଉପସ୍ଥିତିରେ ସହିଦଙ୍କୁ ଶେଷ ସମ୍ମାନ ପ୍ରଦାନ କରାଯାଇଥିଲା । ଅନ୍ତିମ ସଂସ୍କାର ସମୟରେ ବିଧାୟକ ଭାଗିରଥି ସେଠୀ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ଏସ୍ ଡି ପିଓ ପ୍ରଶାନ୍ତ କୁମାର ବେହେରା, ପୂର୍ବତନ ବିଧାୟକ ମାୟାଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଝାଡ଼ଖଣ୍ଡ କୋଲହନ ଜଙ୍ଗଲରେ ନକ୍ସଲଙ୍କ ଅତର୍କିତ ଆକ୍ରମଣରେ ସହିଦ ହୋଇଛନ୍ତି ସୁଶାନ୍ତ ଖୁଣ୍ଟିଆ ।

## ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୨/୦୮ (ନି.ପ୍ର): ଆଗାମୀ ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ୧୫ ତାରିଖ ପରେ ବର୍ଷାର ପରିମାଣ ବୃଦ୍ଧି ପାଇବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୨୪ ଘଂଟା ମଧ୍ୟରେ ବାଲେଶ୍ୱର , ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, କେନ୍ଦୁଝର, ମୟୁରଭଂଜ, ଢେଙ୍କାନାଳ,ଅନୁଗୁଳ ଜିଲ୍ଲାରେ ବିଜୁଳି ଘଡଘଡି ସହ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଏହା ବ୍ୟତୀତ କେନ୍ଦୁଝର, ମୟୁରଭଂଜ ଓ ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ । ଏଥିପାଇଁ ଏସମସ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

## ଅଜାଙ୍କ ଦଶାହରେ ଅଘଟଣ: ପାଣିରେ ବୁଡ଼ିଗଲେ ଦୁଇ ନାତି

ସୋର, ୧୨/୦୮ (ନି.ପ୍ର): ଅଜାଙ୍କ ଦଶାହରେ ଦୁଇ ନାତିଙ୍କ ମୃତ୍ୟୁ । ଲଣ୍ଡା ହୋଇ ଗାଧୋଉଥିଲା ବେଳେ ପାଣିରେ ବୁଡ଼ି ଉଭୟେ ମୃତ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ସୋର ୱାଦା ଅଞ୍ଚଳରେ । ୱାଦା ଅଞ୍ଚଳର ସ୍ୱର୍ଗତ ବିଷ୍ଣୁ ଚରଣ ପାଢ଼ୀଙ୍କ ଦଶାହ କର୍ମରେ ଯୋଗ ଦେବା ପାଇଁ ୱାଦା ଗ୍ରାମର ପିତାମ୍ବର ପାଢ଼ୀଙ୍କ ପୁଅ ସୁଶାନ୍ତ ଓ ବିଦୁ ଅଞ୍ଚଳର ଚନ୍ଦନ କର ପଥରକଟା ଘାଟତୁଠ ନିକଟରେ ଥିବା ଏକ ଗାଡ଼ିଆରେ ଗାଧୋଉଥିବା ବେଳେ ପାଣିରେ ବୁଡ଼ିଯାଇଥିଲେ । ଦୀର୍ଘ ସମୟ ପରେ ସମ୍ପର୍କୀୟମାନେ ଜାଣିପାରି ଉକ୍ତ ଗାଡ଼ିଆରୁ ଉଭୟଙ୍କୁ ଉଦ୍ଧାର କରି ଚନ୍ଦନଙ୍କୁ ବାଗୁଡ଼ି ଡାକ୍ତରଖାନାକୁ ନେଇଥିବା ବେଳେ ସୁଶାନ୍ତଙ୍କୁ ସୋର ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଉଭୟଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

## ଚାକିରି ନାଁରେ ଠକେଇ ମାମଲା: ୩ ଗିରଫ

ଭୁବନେଶ୍ୱର, ୧୨/୦୮ (ନି.ପ୍ର): ଶିକ୍ଷିତ ବେକାରୀ ଯୁବକଙ୍କୁ ଚାକିରି ଲୋଭ ଦେଖାଇ ଦେଢ କୋଟି ଟଙ୍କା ଠକେଇ ମାମଲାରେ ୩ ଜଣ ସାଇବର ଠକଙ୍କୁ ଗିରଫ କରାଯାଇଛି । ସାଇବର ଠକମାନେ ଜାତୀୟସ୍ତରୀୟ କଂପାନୀ ଯେପରି ନାଲ୍‌କୋ, ଜିନ୍ଦଲ, ବେଦାନ୍ତ ଆଦିରେ ଚାକିରି ଦେବା ନାଁରେ ଠକେଇ କରୁଥିଲେ । ଅଭିଯୋଗ ପରେ ଘଟଣାର ତଦନ୍ତ କରି ଭୁବନେଶ୍ୱର ସାଇବର ଥାନା ପୁଲିସ ୩ଜଣ ଠକଙ୍କୁ ଗିରଫ କରିଛି । ସେମାନଙ୍କ ମଧ୍ୟରୁ ଜଣେ ଓଡିଶାର ହୋଇଥିବା ବେଳେ ଅନ୍ୟ ୨ ଜଣ ଦିଲ୍ଲୀର । ଗିରଫ ଅଭିଯୁକ୍ତମାନେ ହେଲେ ସନ୍ଦୀପ ବାଇ, ରାଜ ସିହ୍ନା ଓ ରାଜେଶ ସାମନ୍ତରାୟ । ସୂଚନା ଅନୁସାରେ ସାଇବର ଠକମାନେ ଯୁବକମାନଙ୍କୁ ଆକର୍ଷଣୀୟ ଲୋଭ ଦେଖାଇ ସେମାନଙ୍କର

▶▶ପୃଷ୍ଠା ୭

## ସାଂସଦ ପଦ ଫେରିବା ପରେ ୱାୟନାଡରେ ରାହୁଲ ଗାନ୍ଧି

### ମଣିପୁର ହିଂସାକୁ ନେଇ ପୁଣି

ନୂଆଦିଲ୍ଲୀ,୧୨/୦୮ : ସାଂସଦ ପଦ ଫେରି ପାଇବା ପରେ ପ୍ରଥମଥର ପାଇଁ ନିଜ ନିର୍ବାଚନ ମଣ୍ଡଳୀକୁ ଯାଇଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧି । କେରଳର ୱାୟନାଡରୁ ଲୋକସଭାକୁ ନିର୍ବାଚିତ ହୋଇଥିବା ରାହୁଲ ଗାନ୍ଧି ମାନହାନୀ କେସ୍‌ରେ ଫସି ସାଂସଦ ପଦ ହରାଇଥିଲ । ତେବେ ପ୍ରାୟ ୧୩୩ ଦିନ ପରେ ଗତ ସୋମବାର ସେ ପୁଣି ସାଂସଦ ପଦ ଫେରି ପାଇଥିଲେ । ସାଂସଦ ପଦ ଫେରି ପାଇବା ପରେ ରାହୁଲ ଗାନ୍ଧି ୱାୟନାଡ ଯିବା ସହ ସେଠାରେ ମଣିପୁରରେ ଜାରି ରହିଥିବା ଭୟଙ୍କର ହିଂସା ପ୍ରସଙ୍ଗ ଉଠାଇଛନ୍ତି । ଏଥିସହ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତୀବ୍ର ସମାଲୋଚନା ମଧ୍ୟ କରିଛନ୍ତି । ୱାୟନାଡରେ ଗୋଟିଏ ସଭାକୁ ସମ୍ବୋଧନ କରି ରାହୁଲ ଗାନ୍ଧି କହିଛନ୍ତି ଯେ ରାଜନୀତିରେ ସେ ୧୯ ବର୍ଷ ହେଲା ଥିଲେ ମଧ୍ୟ କେବେ ହେଲେ ମଣିପୁର ଭଳି ସ୍ଥିତି ଦେଖିବାକୁ ପାଇ ନଥିଲେ । ରାହୁଲ ଗାନ୍ଧି ମଣିପୁର ଯାଇଥିବା ବେଳେ ସେଠାରେ ମହିଳାମାନଙ୍କ ଠାରୁ ଶୁଣିଥିବା ଛାତି ଥରାଇ ଦେବା ଭଳି ଘଟଣା ସବୁ ଲୋକଙ୍କୁ କହିଥିଲେ । ସେ ଜଣେ ମା' କେମିତି ତାଙ୍କ ପୁଅକୁ ହରାଇ ପାଗଳପ୍ରାୟ ଅବସ୍ଥାରେ ରହିଛି, ସେକଥା ମଧ୍ୟ କହିଛନ୍ତି ।



▶▶ପୃଷ୍ଠା ୭

# କୁଡୁମୁଲୁଗୁମ୍ମା ଡିଗ୍ରୀ ମହାବିଦ୍ୟାଳୟରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ମାଲକାନଗିରି, ୧୨/୦୭ (ନି.ପ୍ର): କୁଡୁମୁଲୁଗୁମ୍ମା ସ୍ଥିତ ଡାରଉଇନ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ହେବାକୁ ଥିବା ସପ୍ତାହ ବ୍ୟାପି ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏହି ଅଂଚଳରେ ଅଧ୍ୟାପନାରତ ଜଣେ ଅବସରପ୍ରାପ୍ତ ଭାରତୀୟ ସୈନିକ ହର ପ୍ରସାଦ ସ୍ୱାଇଁଙ୍କୁ ବିଶିଷ୍ଟ ଅତିଥି ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ସମାଜସେବୀ ଭଗବାନ ସାହୁଙ୍କୁ ମଧ୍ୟ ଅନୁରୂପ ସମ୍ବର୍ଦ୍ଧନା କରାଯାଇଛି ।

ଅନ୍ୟ ମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟାପିକା ତଥା ଜାତୀୟ ସେବା ସଂସ୍ଥାର ସହଯୋଜିକା ସଞ୍ଜିତା ଖୋସଲା, ଶ୍ରୀଦେବୀ ପରିଡା, ଅଧ୍ୟାପକ ବିଶ୍ୱଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ଏବଂ ଏଥିରେ ମହାବିଦ୍ୟାଳୟର ପାଖାପାଖି ୫୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ସର୍ବ ପ୍ରଥମେ ମାଟି ମା କୁ ପ୍ରଣାମ ସହ ଦେଶର ବୀର ସହୀଦ ମାନଙ୍କ ଉଦ୍ଦେଶ୍ୟରେ ସ୍ମୃତି ଚାରଣ କରାଯାଇଥିଲା । ଏହା ପରେ ମୁଖ୍ୟ ଅତିଥି ଶ୍ରୀ ସ୍ୱାଇଁ କହିଥିଲେ ଯେ, ବର୍ତମାନ ସମୟର ଆହ୍ୱାନକୁ ସ୍ୱୀକାର କରି ରାଷ୍ଟ୍ର ନିର୍ମାଣ ପାଇଁ ଯୁବ ଶକ୍ତିର ଆବଶ୍ୟକତାକୁ ଗୁରୁତ୍ୱ ଦେଇଥିଲେ । ସେ ପୁରାତନ ଭାରତର ଐତିହ୍ୟ ଓ ଅଖଣ୍ଡତା ବିଷୟରେ ଉଲ୍ଲେଖ କରିଥିବା ବେଳେ, ସ୍ୱାଧୀନ ଭାରତର ଇତିହାସ ଓ ସହୀଦ ବୀର ଯବାନ ମାନଙ୍କ ବୀରତ୍ୱଗାଥା ଉପରେ ବିସ୍ତାର ଭାବେ ଆଲୋଚନା କରିଥିଲେ । ଅନ୍ୟ ଅତିଥି ଶ୍ରୀ ସାହୁ, ଭାରତର ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଆଖି ଆଗରେ ରଖି ସମସ୍ତେ ଅଗଷ୍ଟ ୯ ତାରିଖ ଠାରୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ଘରେ ତ୍ରିରଙ୍ଗା ପତାକା ଲଗାଇବା ପାଇଁ ଆହ୍ୱାନ ଦେଇଥିଲେ । ଏହାପରେ ଜାତୀୟ ସେବା ସଂସ୍ଥାର ସହଯୋଜିକା ଶ୍ରୀମତି ଖୋସଲା ଭାରତ ରାଷ୍ଟ୍ରର ଐକ ଉଦ୍ଦେଶ୍ୟରେ ସମସ୍ତଙ୍କୁ ଏକ ଶପଥପାଠ କରାଇଥିଲେ ।

ଶେଷରେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା, ଯେଉଁଥିରେ ଅତିଥି ମାନଙ୍କ ସହ ମହାବିଦ୍ୟାଳୟର ଅଧ୍ୟାପକ/ ଅଧ୍ୟାପିକା ଓ ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

# ବୃହତ ବ୍ୟବଧାନରେ ବିଜେଡି ବିଜୟୀ : ମୁଖ୍ୟମନ୍ତ୍ରୀ ଓ ବିଧାୟକଙ୍କୁ ସବୁ ଶ୍ରେୟ ଦେଲେ ଚକ୍ରଧର

ଧର୍ମଶାଳା, ୧୨/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ୧୫ ନଂ ଜୋନ ଜିଲା ପରିଷଦ ଉପ ନିର୍ବାଚନରେ ବିଜେଡିର ବାଜିମାତ । ୧୦ ହଜାରରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟୀ ହେଲେ ବିଜେଡି ପାର୍ଥୀ ଚକ୍ରଧର ବେହେରା । ଏହି ସଫଳତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ସମସ୍ତ ଶ୍ରେୟ ଦେବା ସହ ସମସ୍ତ ଭୋଟ ଭାଇଭଉଣୀମାନଙ୍କ ବିଜୟ ବୋଲି ଚକ୍ରଧର ତାଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି । ଚକ୍ରଧର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିର ମହେଶ୍ୱର ତାରାଇଙ୍କୁ ୧୦ ହଜାର ୧୯୬ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛନ୍ତି । ତେବେ କଂଗ୍ରେସ ୪ ଅଙ୍କ ଛୁଇଁବାରେ ସଫଳ ହୋଇପାରି ନାହିଁ । ଏହି ନିର୍ବାଚନରେ ବିଜେଡି ମୋଟ ୧୬ ହଜାର ୬୩୬ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପି ୬ ହଜାର ୪୪୦ ଖଣ୍ଡ ଭୋଟ ହାତେଇଥିବା ବେଳେ କଂଗ୍ରେସର ବୈରାଗି ମଲିକ ମାତ୍ର ୮୫୧ ଖଣ୍ଡ ଭୋଟ ପାଇଥିଲେ । ଆଜି ଧର୍ମଶାଳା ମହାବିଦସ୍ୟାଳୟ ପରିସରରେ ଏହି ଭୋଟ ଗଣତି ସକାଳ ୮ଟାରୁ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଗଣତି କରାଯାଇ ଶେଷରେ ଫଳାଫଳ ଘୋଷଣା କରାଯାଇ ଚକ୍ରଧରଙ୍କୁ ବିଜୟୀ ଘୋଷିତ କରାଯାଇଥିଲା । ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏହି ଉପ ନିର୍ବାଚନ ୩ ପ୍ରମୁଖ ରାଜନୈତିକ ପାଇଁ ବେଶ ଗୁରୁତ୍ୱ ବହନ କରୁଥିଲା । ସବୁ ଦଳ ଭୋଟ ହାତେଇବାକୁ କସରତ ଲଗାଇଥିଲେ । କିନ୍ତୁ ଶେଷରେ ବିଜେଡି ବାଜିମାତ କରିଥିଲା । ବିଜୟୀ ଘୋଷିତ ହେବା ପରେ ଧର୍ମଶାଳାରେ ବିଜୟ ଉତ୍ସବ ପାଳନ କରାଯାଇଥିଲା । ଚକ୍ରଧର ନିଜ ସମର୍ଥକଙ୍କ ସହ ଧର୍ମଶାଳା ବିଧାୟକଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି । କଡା ସୁରକ୍ଷା ମଧ୍ୟରେ ସକାଳ ସମୟରେ ପ୍ରାର୍ଥୀ ଓ ଏଜେଂଟମାନଙ୍କ ଉପସ୍ଥିତିରେ ଭୋଟ ବାକ୍ସ ଖୋଲାଯାଇ ଭୋଟ ଗଣତି କରାଯାଇଥିଲା । ଏଠାରେ ସୂଚନା ଥାକକି, ୨୦୨୨ ମସିହା ପଂଚାୟତ ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ଭାଗ୍ୟଧର ସେଠୀ ୪ ହଜାର ୨ଶହ ଭୋଟରେ ବିଜୟୀ ହୋଇଥିଲେ । ତେବେ ତାଙ୍କର ଅକାଳ ବିୟୋଗରେ ଏଠାରେ ଚଳିତ ମାସ ୯ ତାରିଖ ଦିନ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା ।

## ବିପଦରେ ମଙ୍ଗଳା ମୁହାଣ

ପୁରୀ, ୧୨/୦୭ (ନି.ପ୍ର): ପୁରୀ ସହର ଦିନକୁ ଦିନ ବଢିବାରେ ଲାଗିଛି । ସହର ବଢିବା ସହିତ ସବୁଜ ପରିବେଶ ନଷ୍ଟ ହେଉଛି । ସମୁଦ୍ରର ଉଚ୍ଚ ଢେଉକୁ ବାଲିବନ୍ତ ଓ ହେନ୍ତାଳ ବଣ ପ୍ରତିହତ କରି ଜନବସତିକୁ ରକ୍ଷା କରୁଛି । ସିପସରୁବୁଲି ଷ୍ଟର୍ଲିନ ହୋଟେଲ ନିକଟରେ ମଙ୍ଗଳା ନଦୀ ମୁହାଣ ସମୁଦ୍ର ସହ ସଂଯୋଗ ହୋଇଛି । ମୁହାଣ ନିକଟ ନଦୀର ଦୁଇ ପାର୍ଶ୍ୱରେ ୩୦ ଫୁଟରୁ ଅଧିକ ଉଚ୍ଚର ବଡ଼ ବଡ଼ ବାଲିବନ୍ତ ରହିଥିଲା । ଏବେ ମଙ୍ଗଳା ନଦୀରେ ସୁ ଉଚ୍ଚ ସେତୁ ନିର୍ମାଣ କାମ ଚାଲିଥିବାରୁ ସେହି ବନ୍ତକୁ ତଡ଼ା ଯାଇଛି । ବନ୍ତରେ ଥିବା ଝାଉଁ ଗଛ ସବୁ ନଷ୍ଟ ହୋଇଯାଇଛି । ଦିନକୁ ଦିନ ମୁହାଣ ଅଂଚଳର ସବୁଜ ପରିବେଶ ନଷ୍ଟ ହେବାରେ ଲାଗିଛି । ବାଲିବନ୍ତର ବାଲି ଭୁଷୁଡ଼ିବା ଫଳରେ ସେହି ବାଲି ନଦୀ ଭିତରକୁ ଯାଇ ସମୁଦ୍ର ପଥକୁ ଅବରୋଧ କରୁଛି । ଯାହାଫଳରେ ମଙ୍ଗଳା ନଦୀର ପାଣି ୟୁଟର୍ଣ୍ଣ କରି ସ୍ୱର୍ଗଦ୍ୱାର ସମୁଦ୍ର କୂଳ ଖାଉଛି । ନଦୀରୁ ଅଧିକ ପାଣି ସମୁଦ୍ରରେ ପ୍ରବେଶ କରିବାରୁ ସ୍ୱର୍ଗଦ୍ୱାର ନିକଟ ସମୁଦ୍ର ଫୁଲି ଉଠୁଛି । କିଛି ବର୍ଷ ତଳେ ସ୍ୱର୍ଗଦ୍ୱାର ନିକଟ ସମୁଦ୍ର କୂଳ ଖାଇବାରୁ ଉଠାଦୋକାନ ସମୁଦ୍ର ପାଣିରେ ଭାସିଥିଲା । ମଙ୍ଗଳାଘାଟ ବ୍ରିଜ ଠାରୁ ଷ୍ଟର୍ଲିନ ମୁହାଣ ପର୍ଯ୍ୟନ୍ତ ନଦୀର ଦୁଇ ପାର୍ଶ୍ୱରେ ଶକ୍ତ ନଦୀବନ୍ଧ ନଥିବାରୁ ବାଲିବନ୍ତ ଅବକ୍ଷୟ ଘଟୁଛି ବୋଲି ପରିବେଶବିତ୍ ମାନେ କହିଛନ୍ତି । ଏହି ଅଂଚଳରେ ଅଧିକ ସଂଖ୍ୟକ ଝାଉଁ ଗଛ ଲଗାଇବା ସହ ବନ୍ତର ସୁରକ୍ଷା ପାଇଁ ଅଂଚଳବାସୀ ଦାବି କରିଛନ୍ତି ।

# ୭୭ତମ ସ୍ୱାଧିନତା ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ

ଭୁବନ, ୧୨/୦୭ (ନି.ପ୍ର): ଭୁବନ ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ୭୭ତମ ସ୍ୱାଧିନତା ଦିବସ ଓ ନିଖିଳ ଉତ୍କଳ ସ୍ୱାୟତ ଶାସନ ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏନ୍.ଏ.ସି. ସଦଭାବନା ଗୃହରେ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ, କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର କୁମାର ସାହୁ, ଶକ୍ତି ପ୍ରସାଦ ସାହୁ, ମେଡିକାଲ ଅଫିସର ଡ଼ା. ରମେଶ କୁମାର ସାହୁ, ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ବିଶ୍ୱାଳ, ସମସ୍ତ କାଉନସିଲର, ବଣିକ ସଂଘ କର୍ମକର୍ତା, ବିଦ୍ୟାଳୟ, ମହାବିଦ୍ୟାଳୟ ଶିକ୍ଷକ/ ଅଧ୍ୟାପକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସକାଳ ୭ଟା ସମୟରେ ନିଜ ବିଦ୍ୟାଳୟରେ ଜାତୀୟ ପତାକା ଉତୋଳନ କରାଯିବ । ଏନ୍ ଏ ସି ତରଫରୁ ନୂଆ ବଜାର (ବସଷ୍ଟାଣ୍ଡ) ଠାରେ ସକାଳ ୮ଟା ୩୦ ମିନିଟ ସମୟରେ ନଗରପାଳଙ୍କ ଦ୍ୱାରା ପତାକା ଉତୋଳନ କରାଯିବ । ପ୍ରତ୍ୟେକ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ୟାରେଡ ଅନୁଷ୍ଠିତ ହେବ ଓ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯିବ ବୋଲି ନିଷ୍ପତି ହୋଇଥିଲା । ଅନୁରୂପ ଭାବେ ସ୍ୱତନ୍ତ୍ର ଭାବେ ସ୍ୱାୟତ ଶାସନ ଦିବସ ପାଳନ କରାଯିବ । ଏହି ଅବସରରେ ରଗଡ଼ି ସ୍ଥିତ ନୂତନ ଭେଣ୍ଡିଂ ଜୋନ୍, ଅତ୍ୟାଧୁନିକ ଶ୍ମଶାନ, ୧୫ଟି ୱାର୍ଡ ରେ ନିର୍ମାଣ ହୋଇଥିବା ବ୍ରାହ୍ମଣୀ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦଘାଟନ କରାଯିବ ଏବଂ ନୂତନ ଭାବେ ୧୧୪ ଜଣ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମଙ୍କୁ ଭତା ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା ।

# ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଉଦ୍‌ଘାଟିତ

ମାଲକାନଗିରି , ୧୨/୦୭ (ନି.ପ୍ର): ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା ନିକଟସ୍ଥ ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟ ପରିସରରେ, ନୂତନ ଭାବେ ନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନି ବାସ ଆଜି ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନୀ ଯୋଗ ଦେଇଥିଲା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଖଇରପୁଟ ଜୋନ୍ ର ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ଆଦର୍ଶ ବିଦ୍ୟାଳୟ ପ୍ରିନ୍ସପାଲ୍ ମହେଶ୍ୱର ସାହୁ, ସମାଜସେବୀ ଭଗବାନ ସାହୁ, ଫାର୍ମାସିଷ୍ଟ ସଞ୍ଜୟ କୁମାର ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ । ଏହି ଉତ୍ସବରେ କୁଡୁମୁଲୁଗୁମ୍ମା ର ପୁରୋହିତ ରମେଶ ଚନ୍ଦ୍ର ରଥ ଉଦଘାଟନୀ/ ଗୃହ ପ୍ରବେଶ ନିମନ୍ତେ ମନ୍ତ୍ରପାଠ ଓ ପୂଜାର୍ଚ୍ଚନା କରିଥିଲା ବେଳେ ଏଥିରେ କର୍ତା ରୁପରେ ବିଦ୍ୟାଳୟ ର ଅଧ୍ୟକ୍ଷ ଶ୍ରୀ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରକାଶ ଥାଉକି ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟଟିର ଅବସ୍ଥିତି ଏକ ଗ୍ରାମୀଣ ଅଞ୍ଚଳରେ ଓ ମୁଖ୍ୟ ସଡ଼କ ଠାରୁ ବହୁ ଦୂରରେ ରହୁଥିବାରୁ ଏହି ବିଦ୍ୟାଳୟରେ ପାଠ ପଢୁଥିବା ଶହଶହ ଛାତ୍ରଛାତ୍ରୀ ମାନଙ୍କ ଯାତାୟାତ ପାଇଁ ବିଶେଷ କଷ୍ଟସାଧ ହେଉଥିଲା । ଖାସକରି ଝିଅପିଲା ମାନେ ବସ୍ ଓ ଅଟୋ ରିକ୍ସା ରେ ଯାତାୟାତ କରି, ବିଦ୍ୟାଳୟରେ ସଠିକ୍ ସମୟରେ ପହଂଚିବା କଷ୍ଟକର ହୋଇପଡୁଥିଲା । ଆଜି ଏହି ଛାତ୍ରୀନି ବାସ ଉଦଘାଟନ ହେବା ଫଳରେ ବହୁ ଦୂର ଦୁରାନ୍ତରୁ କଷ୍ଟସାଧ କରି ଆସୁଥିବା ଅନେକ ଛାତ୍ରୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଏହି ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ର ନିର୍ମାଣ କାର୍ଯ୍ୟ ପ୍ରାୟ ଏକ ବର୍ଷ ଆଗରୁ ସରିଯାଇଥିଲେ ମଧ ପ୍ରାଶାସନିକ ଅବହେଳା ଓ ଠିକାଦାରଙ୍କ ଅସହଯୋଗ ଯୋଗୁଁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ପାରିନଥିଲା । ବିଦ୍ୟାଳୟ ର ପ୍ରିନ୍ସପାଲ ଶ୍ରୀ ସାହୁ ଗଣ ମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ବର୍ତମାନ ଏହି ଛାତ୍ରୀ ବାସ ରେ ୫୫ ଜଣ ଝିଅ ପିଲା ଆବେଦନ କରିଛନ୍ତି ଓ ଆଗାମୀ ଦିନରେ ଆଉ ଏକ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଗଲା ପରେ, ଛାତ୍ର ମାନଙ୍କ ରହିବା ସମସ୍ୟା ର ସମାଧାନ ହୋଇଯିବ । ବହୁ ଦୂର ଦୁରାନ୍ତରୁ ରୁ ଆସୁଥିବା ପିଲାମାନଙ୍କ ଛାତ୍ରାବାସ ରେ ରହିବା ଯୋଗ୍ୟ ଦାବିଟି, ଅନେକ ଦିନ ପରେ ପୁରଣ ହୋଇଥିବାରୁ ଅଞ୍ଚଳବାସୀ ଆନନ୍ଦବ୍ୟକ୍ତ କରିଛନ୍ତି ।

## ଟାଉନହଲରେ ପ୍ରଦର୍ଶିତ ହେବ ଓଡ଼ିଆ ଚଳଚ୍ଚିତ୍ର ନିୟତି

ପୁରୀ, ୧୨/୦୭ (ନି.ପ୍ର): ଓଡ଼ିଆ ସିନେମାର ଏନ୍ତୁଡ଼ିଶାଳ ପୁରୀ । ପୁରୀରେ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ସୀତା ବିବାହ ପ୍ରଥମେ ଲକ୍ଷ୍ମୀ ଟକିଜରେ ପ୍ରଦର୍ଶିତ ହୋଇଥିଲା । କଳା ପରମ୍ପରାର ସହର ପୁରୀ । ପୁରୀରେ ସିନେମା ହଲଟିଏ ନାହିଁ । ପୁରୀର କଳାକାର, ନିର୍ଦ୍ଦେଶକ ଓ ଲେଖକ ପୁରୀର ହୋଇଥିବାରୁ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ର ନିୟତି ବେଶ ଆଦୃତ ହେବ ବୋଲି ନିର୍ଦ୍ଦେଶକ ଓ ଲେଖକ ପିନାକୀ ଶ୍ରୀଚନ୍ଦନ ଆଜି ବଳଗଣ୍ଡି ଛକ ସ୍ଥିତ ଭକ୍ତ ସାଲବେଗ ପାଠ ସଭାଗୃହରେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଅଗଷ୍ଟ ୧୫ ଦିନ ସ୍ଥାନୀୟ ଟାଉନ ହଲଠାରେ ୫ଟି ସୋରେ ପ୍ରଦର୍ଶିତ ହେବ । ସକାଳ ୯ଟା, ୧୨ଟା, ଅପରାହ୍ନ ୩ଟା, ସଂଧ୍ୟା ୬ଟା ଓ ରାତି ୯ଟାରେ ଏହି ସିନେମା ନିୟତି ପ୍ରଦର୍ଶିତ ହେବ । ୨୪ ଫୁଟ ଓସାରର ଏଲଡ଼ି ପରଦାରେ ଏହି ସିନେମା ପ୍ରଦର୍ଶିତ ହେବ । ପୂର୍ବରୁ ୨ଟି ସିନେମା ଦମନ ଓ ପ୍ରତିକ୍ଷା ଟାଉନହଲରେ ପ୍ରଦର୍ଶିତ ହୋଇ ସିନେମା ପ୍ରେମୀଙ୍କ ମନରେ ଆଗ୍ରହ ସୃଷ୍ଟି କରିଥିଲା । ଏହି ସିନେମା ଦେଖିବା ପାଇଁ ଟିକେଟର ମୂଲ୍ୟ ଶହେ ଟଙ୍କା ରଖାଯାଇଛି । ସକାଳ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଟାଉନହଲ ଠାରେ ଏହି ଟିକେଟ ବିକ୍ରୟ ବ୍ୟବସ୍ଥା କରାଯାଇଛି । ବୁକିଂ ପାଇଁ ମୋବାଇଲ ନମ୍ବର ୭୩୭୭୨୯୦୫୦୧/ ୯୪୩୭୯୨୦୨୬୬ ରେ ଯୋଗାଯୋଗ କରିପାରିବେ । ଏହି ସାମ୍ବାଦିକ ସମ୍ମିଳନୀରେ ପିନାକୀ ଶ୍ରୀଚନ୍ଦନଙ୍କ ସହ ସୌମ୍ୟରଞ୍ଜନ ଶତପଥୀ, ଅଭିଷେକ ଶ୍ରୀଚନ୍ଦନ, ବାଳକୃଷ୍ଣ ପୂଜାପଣ୍ଡା, ସୁଧାଂଶୁ ନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ସାଧାରଣ ଜନତାଙ୍କ ଉପସ୍ଥିତିରେ ଏନ୍‌ଏସି କାଉନସିଲ ବୈଠକ ଅନୁଷ୍ଠିତ

ଭୁବନ, ୧୨/୦୭ (ନି.ପ୍ର): ପ୍ରଥମ ଥର ପାଇଁ ସାଧାରଣ ଜନତାଙ୍କ ଉପସ୍ଥିତିରେ ଭୁବନ ବିଜ୍ଞାପିତ ଅଂଚଳ ପରିଷଦର କାଉନସିଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏନ୍.ଏସି ସଦଭାବନା ଗୃହରେ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତା କରି ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ନିର୍ବାହୀ ଅଧିକାରୀ ଶ୍ୟାମ ସୁନ୍ଦର ସାହୁ ପୂର୍ବ ବୈଠକର ବିବରଣୀ ପାଠ କରି ଏହାକୁ ଦୃଢ଼ୀକରଣ କରିଥିଲେ । କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ନାଥ ସାହୁ ଓ ଶକ୍ତି ପ୍ରସାଦ ସାହୁ ସହରର ବିଭିନ୍ନ ରାସ୍ତା ସମ୍ପର୍କରେ ସୂଚନା ଦେଇଥିଲେ । ଏହି ସମସ୍ତ ରାସ୍ତାକୁ ଫେବର୍ ରାସ୍ତା କରାଯିବ ଓ ଏଥିପାଇଁ ୬ କୋଟି ୭୨ ଲକ୍ଷ ଅଟକଳ ହୋଇଥିବା ସଂପର୍କ ରେ ସୂଚନା ଦେଇଥିଲେ । ନଗରପାଳ ଶୁଭେନ୍ଦୁ କୁମାର ସାହୁ କାଉନସିଲର ମାନଙ୍କ ମତାମତ ଲୋଡ଼ିବାରୁ ୯ ନମ୍ବର ୱାର୍ଡ କାଉନସିଲର ପପୁ କୁମାର ସାହୁ, ୬ ନମ୍ବର ୱାର୍ଡ କାଉନସିଲର ସୁଶାନ୍ତ ନାୟକ ଓ ୧୩ ନମ୍ବର ୱାର୍ଡ କାଉନସିଲର ମନ ମୋହନ ସାହୁ ଅଭିଯୋଗ କରି କହିଥିଲେ ଯେ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନାମରେ ଠିକାଦାର କରୁଥିବା କାର୍ଯ୍ୟ ଅତ୍ୟନ୍ତ ନିମ୍ନ ମାନର ହେଉଛି ଓ କାର୍ଯ୍ୟ ସଂପର୍କରେ ସ୍ଥାନୀୟ କାଉନସିଲରଙ୍କୁ କୌଣସି ସୂଚନା ଦିଆଯାଉ ନାହିଁ କି କୌଣସି ପରାମର୍ଶ ଗ୍ରହଣ କରାଯାଉନାହିଁ । ଭବିଷ୍ୟତରେ ଆଉ ଏଭଳି ହେବନାହିଁ, ଯେଉଁ ୱାର୍ଡ ରେ ଯେଉଁ କାମ ହେବ ସ୍ଥାନୀୟ କାଉନସିଲରଙ୍କୁ ସେଥିରେ ସାମିଲ କରାଯିବ ଓ ତାଙ୍କ ପରାମର୍ଶ ଅନୁସାରେ କାର୍ଯ୍ୟ ହେବ ବୋଲି ନଗର ପାଳ ଶୁଭେନ୍ଦୁ ସାହୁ ସାନ୍ତ୍ୱନା ଦେଇଥିଲେ । ରଗଡ଼ି ଛକ ଠାରେ ନିର୍ମିତ ୨୬ଟି ଷ୍ଟଲ ମଧ୍ୟରୁ ୧୬ ଜଣ ପୂର୍ବରୁ ସେଠାରେ କେବିନ୍ ପକାଇ ବ୍ୟବସାୟ କରୁଥିଲେ । ତେଣୁ ଅଗ୍ରାଧିକାର ଭିତିରେ ସେହି ୧୬ ଜଣଙ୍କୁ ୧୬ ଟି ଷ୍ଟଲ ଦିଆଯିବ । ସେମାନେ ୨୫ ହଜାର ଟଙ୍କା ସିକ୍ୟୁରିଟି ଓ ମାସିକ ୬୦୦ ଟଙ୍କା ଭଡ଼ା ଦେବାକୁ ନିଷ୍ପତି ନିଆଯାଇଥିଲା । ବଳକା ୧୦ ଟି ଷ୍ଟଲ ପାଇଁ ଲଟେରୀ ମାଧ୍ୟମରେ ଚୟନ କରାଯିବ ବୋଲି ସୂଚନା ଦିଆଯାଇଥିଲା । ଏହି ବୈଠକ ରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମର ମଲ୍ଲିକ ଙ୍କ ପ୍ରତିନିଧି ନରେନ୍ଦ୍ର କୁମାର ସାହୁ ଙ୍କ ସମେତ ମେଡିକାଲ ଅଫିସର ଡ଼ା ରମେଶ କୁମାର ସାହୁ, ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ବିଶ୍ୱାଳ, ସମସ୍ତ କାଉନସିଲର, ବଣିକ ସଂଘ କର୍ମକର୍ତା, ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ, ମହାବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ୟାଙ୍କ ଖାତା ସମସ୍ୟା ବାହାନାରେ କାର୍ଯ୍ୟାଦେଶ ପାଇଁ କିସ୍ତି ଟଙ୍କା ମିଳିପାରୁନି

ଗଞ୍ଜାମ, ୧୨/୦୭ (ନି.ପ୍ର): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ କେ.ଖରିଡ଼ା ଗ୍ରାମପଂଚାୟତର କେ.ଖରିଡ଼ା ଗ୍ରାମରେ ଦେଖିବାକୁ ମିଳିଛି ଏହିଭଳି ଦୁଃଖଦ ଘଟଣା । କେ.ଖରିଡ଼ା ଗ୍ରାମର ସବିତା ମହାନ୍ତି ସ୍ୱାମୀ ଭଗବାନ ମହାନ୍ତି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକକୁ ଯାଇ ନିରାଶ ହୋଇ ଫେରୁଛନ୍ତି । ଏହି ବିଷୟ ନେଇ ବି. ଡି.ଓ.ଙ୍କୁ ଅବଗତ କଲା ପରେ ମଧ କିଛି ସୁଫଳ ମିଳି ନାହିଁ । ଆଜି କାଲି କହି ଦିନ ଗଡ଼େଇବାରେ ଲାଗିଛନ୍ତି । ଅନ୍ୟ ବ୍ୟାଙ୍କରେ ଖାତା ରହିଥିବାରୁ ଏପରି ହେଉଛି ବୋଲି ସଫେଇ ଦେଉଛନ୍ତି । କାରଣ ସେମାନେ ପ୍ରବାସୀ ଭାବରେ ଚେନ୍ନାଇରେ କାମ କରୁଥିଲେ । ଆବାସ ଯୋଜନା କାର୍ଯ୍ୟାଦେଶ ଆସିବାରୁ ଗ୍ରାମକୁ ଆସି ଘର କାମ ଧାର କରଜ କରି ଆରମ୍ଭ କରିଛନ୍ତି । ନିଜର ଘର କାମ ଯେତେ ଶୀଘ୍ର ସରିବ ସେହି ଅପେକ୍ଷାରେ ପରିବାର । ଅନ୍ୟ ପଟେ ଘର ଅପେକ୍ଷାରେ ଦାଦନ ଦୁଃଖ ।୧୯/ ୦୬/୨୦୨୩ ରେ କାର୍ଯ୍ୟାଦେଶ ପାଇଛନ୍ତି ହେଲେ ଆଜ କୁ ପାଖା ପାଖି ୫୦ ଦିନ ହେଲାଣି ଏ ପର୍ଯ୍ୟନ୍ତ ପ୍ରଥମ କିସ୍ତି ଟଙ୍କା ଆସିନାହିଁ । ଅନ୍ୟ ପଟେ ଘର ତିଆରି କରିବାକୁ କହିବାରୁ ପ୍ରଥମେ ଥିବା ଚାଳ ଛପର ଘର ଭାଙ୍ଗି ଦେଇଥିବାରୁ ଅସରାଏ ବର୍ଷା ହେଲେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ପରିବାର ଲୋକେ । ସରକାରଙ୍କ ନିୟମ ଅନୁସାରେ, ୪ ମାସ ମଧ୍ୟରେ ନ ସରିଲେ ପ୍ରୋତ୍ସାହନମୂଳକ ରାଶି ୨୦ ହଜାର ମିଳିପାରିବ ନାହିଁ । ତେବେ ଏଥିପାଇଁ କିଏ ଦାୟୀ ରହିବେ ତାକୁନେଇ ଉଠିଛି ପ୍ରଶ୍ନ ? ଗୋଟିଏ ପଟେ ପ୍ରବାସୀ ଦୁଃଖ ଅନ୍ୟ ପଟେ ଘର ସମସ୍ୟା, ତେଣୁ ସେହି ପରିବାରକୁ ଅତିଶିଘ୍ର କିସ୍ତି ଟଙ୍କା ପ୍ରଦାନ କରିବାକୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।

## ସଡକ ଦୁର୍ଘଟଣାରେ ଦୁଇ ଶିକ୍ଷୟିତ୍ରୀ ଗୁରୁତର

କେନ୍ଦ୍ରାପଡ଼ା, ୧୨/୦୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ଗୋଗୁଆ ସ୍କୁଲର ଦୁଇଜଣ ଶିକ୍ଷୟିତ୍ରୀ ସଡକ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ, ଗୋଗୁଆ ସ୍କୁଲର ରାଇମଣି ଟୁଡୁ ଓ ସମାପିକା ଲେଙ୍କା ଉଭୟ ଗୋଗୁଆ ସ୍କୁଲରେ ଚାକିରୀ କରୁଥିବା ବେଳେ କେନ୍ଦ୍ରାପଡା ସହରର ମନକରପୁର ଓ ମାଧପୁର ରେ ରହି ସ୍କୁଟିରେ ଦୈନିକ ଯାତାୟତ କରନ୍ତି । ଆଜି ଅପରାହ୍ନରେ ସ୍କୁଲରୁ ଫେରୁଥିବା ବେଳେ ଗଣ୍ଡାକିଆ ରାସ୍ତାରେ ଥିବା ଏକ ଗଛରେ ସେମାନଙ୍କ ସ୍କୁଟି ଭାରସାମ୍ୟ ହରାଇ ପିଟି ହୋଇଥିଲା । ଫଳରେ ଉଭୟ ରାସ୍ତା ଉପରକୁ ଛିଟିକି ପଡି ଗୁରୁତର ଭାବେ ଆହତ ହୋଇଛନ୍ତି । ଖବର ପାଇ ୧୦୮ ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଁଚି ଉଭୟ ଶିକ୍ଷୟିତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତି କରିଥିବା ଜଣାପଡିଛି ।

# ମହାଭାରତର ପଂଚୁପାଣ୍ଡବଙ୍କ ସ୍ମୃତି ବହନ କରୁଛି ଫୁଲକଁଳେଇ ଖଲି ଚଉତି ଘାଟ

ଚମ୍ପୁଆ, ୧୨/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଜଜପଶି ପଂଚାୟତ ଅନ୍ତର୍ଗତ ଫୁଲକଁଅଳେଇ ଗ୍ରାମର ବୈତରଣୀ ନଦୀ କୂଳ ଘାଟରେ ଥିବା ଖଲି ଚଉତି ଘାଟ ମହାଭାରତ ଯୁଗ ପଂଚୁପାଣ୍ଡବଙ୍କ ସ୍ମୃତି ଆଜିବି ଉଜୀବିତ ରହିଛି । କଥିତ ଅଛି ପାଣ୍ଡବମାନେ ଯୁଧିଷ୍ଠିର, ଅର୍ଜୁନ, ଭୀମ, ନକୁଳ ଓ ସହଦେବଙ୍କ ସହିତ ମାତା କୁନ୍ତୀ, ପତ୍ନୀ- ଦ୍ରୋପଦୀ ଙ୍କ ସହିତ ଅଜ୍ଞାତ ବନବାସ କରିବା ପୂର୍ବରୁ ଏଠାରେ ରୋଷେଇ କରି ପଥର ଚଟାଣ ଦେହରେ ରଖି ଭୋଜନ କରିଥିବା ଦୃଷ୍ଟାନ୍ତ ଅନୁଯାୟୀ ପଥର ଦେହରେ ଖଲି, ଚଉତି(ଚଉପଦୀ ) ଓ ଘଟର ଚିହ୍ନ ରହିଛି । ଏଣୁ ଲୋକେ ଏ ସ୍ଥାନକୁ ଖଲି ଚଉତି ଘଟ ବା ଖଲି ଚଉତି ଘାଟ ବୋଲି କହି ଥାନ୍ତି କ୍ଷ ଏଠାକାର ପ୍ରକୃତି, ପରିବେଶ ବେଶ ମନ ମୁଗ୍ଧକର କ୍ଷ ଅନେକ ଜିଜ୍ଞାସୁ, ଗବେଷକ ଅନେକ ସମୟରେ ସେ ସ୍ଥାନକୁ ପରିଦର୍ଶନ କରିବାକୁ ଆସିଥିବା ଦେଖିବାକୁ ମିଳେ । କିଛି ବର୍ଷ ଆଗରୁ ଗତ ୨୫ ନଭେମ୍ବର ୧୯୭୭ ରିଖ ରାହାସ ପୁର୍ଣିମା ଦିନ ଫୁଲକଁଅଳେଇ ଗ୍ରାମର ହଳଧର ଦେହୁରୀ ଜମିରେ ଚାଷ କରୁଥିବାବେଳେ କେତେ ଗୋଟି ଦେବ ଦେବୀଙ୍କର ପଥର ମୂର୍ତି ପାଇଥିଲେ । ରାଜ୍ୟ ପ୍ରତ୍ନତତ୍ତ୍ୱବିତ ବିଭାଗ ତାହା ଗବେଷଣା କରି ଏହି ପଥର ମୂର୍ତିଗୁଡିକ ପ୍ରାଚୀନ ପ୍ରସ୍ତର ଯୁଗର ବୋଲି ପ୍ରକାଶ କରିଛନ୍ତି କ୍ଷ ଏହି ସବୁ ମୂର୍ତି ମଧ୍ୟରେ ଗୋଟିଏ ଷଡଭୁଜା ବନ ଦୁର୍ଗା ପ୍ରତିମା ଅନ୍ୟତମ କ୍ଷ ଏଥିରୁ ଅନୁମିତ ଯେ ପ୍ରାଚୀନ ପ୍ରସ୍ତର ଯୁଗରୁ ଏଠାରେ ମୂର୍ତି ପୂଜା ପଦ୍ଧତି ପ୍ରଚଳିତ । ଏବେ ମଧ୍ୟ ଏହି ଷଡ଼ଭୁଜା ବନଦୁର୍ଗା ମୂର୍ତି ଫୁଲକଁଅଳେଇ ଗାଁ ର ଠାକୁର ଘରେ ପୂଜା ପାଉଥିବା ଗ୍ରାମର ସଂସ୍କୃତି ସମ୍ପନ୍ନ ବ୍ୟକ୍ତି ରମେଶ ଚନ୍ଦ୍ର ନାଏକ ପ୍ରକାଶ କରନ୍ତି । ଫୁଲକଁଅଳେଇ ଗ୍ରାମର ଅନତି ଦୂରରେ ମୟୁରଭଞ୍ଜର ଆଦିପୁର ଓ କେନ୍ଦୁଝରର ପ୍ରଥମ ଭଞ୍ଜ ବଂଶ ରାଜା ଜ୍ୟୋତି ଭଞ୍ଜଙ୍କ ଜ୍ୟୋତିପୁର ଗ୍ରାମରେ ଥିବା ବୈତରଣୀ କୂଳରେ ଭଗ୍ନ ରାଜ ପ୍ରସାଦ ବିଦ୍ୟମାନ । ନନ୍ଦପୁରର କପିଳେଶ୍ୱର ସମେତ ବିରାଟ ଗଡ଼ର ଭଗ୍ନାବଶେଷ, ଝଂଟି କିଚକେଶ୍ୱରୀ ମନ୍ଦିର ଓ ଏକାଦଶ ରୁଦ୍ର ମନ୍ଦିର ଏଠାରୁ ଅଳ୍ପ ଦୂରରେ ରହିଥିବା ହେତୁ ଏହି ସ୍ଥାନ ସମ୍ପର୍କ ରେ ପୁଙ୍ଖାନୁପୁଙ୍ଖ ପ୍ରତ୍ନତାତ୍ତ୍ୱିକ ଗବେଷଣା କରାଗଲେ ପ୍ରସ୍ତର ଯୁଗର ସଭ୍ୟତା ସମେତ ଭଞ୍ଜ ବଂଶ ସମନ୍ଧରେ ବହୁ ତଥ୍ୟ ଜଣାଯିବ ବୋଲି ଭଣ୍ଡା, ସଂଜୀବନୀ ସାହିତ୍ୟ ସଂସଦ ର ସମ୍ପାଦକ, ଲେଖକ, ସଂଗ୍ରାହକ ଶ୍ରୀ ଡମ୍ବରୁ ମହାନ୍ତ ଗବେଷକମାନଙ୍କର ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି ।

# ଦିବ୍ୟାଙ୍ଗ ଅବିବାହିତ ଯୁବକଙ୍କୁ ପରିବାର ନିୟୋଜନ ଅସ୍ତ୍ରୋପଚାର କରାଯାଇଥିବା ଅଭିଯୋଗ

ମାଲକାନଗିରି, ୧୨/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ଆମ୍ବଗୁଡା ଗାଁର ଦିବ୍ୟାଙ୍ଗ (ମୂକ) ଅବିବାହିତ ଯୁବକଙ୍କୁ ପରିବାର ନିୟୋଜନ ଅସ୍ତ୍ରୋପଚାର କରାଯିବା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ । ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ ଓ ଆଶା କୋର୍ଡିନେଟର ଏହାର ତଦନ୍ତ କରିବେ । ଏମାନେ ମାଥିଲି ବ୍ଲକ ଆମ୍ବଗୁଡା ଯାଇ ପୀଡ଼ିତଙ୍କୁ ଭେଟିବେ । ତଦନ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ ସୂଚନା ଦେଇଛନ୍ତି । ମାଲକାନଗିରି ଜିଲ୍ଲା ଆମ୍ବଗୁଡା ଗାଁର ଚମ୍ପା ଦୁରୁଆଙ୍କ ସହ ସ୍ୱାସ୍ଥ୍ୟ ବିଭାଗ ଏମିତି ଖେଳ ଖେଳିଛି ଜାଣିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ସ୍ୱାମୀଙ୍କ ମୃତ୍ୟୁ ପରେ ଦିବ୍ୟାଙ୍ଗ ପୁଅ ଗଙ୍ଗା ଦୁରୁଆଙ୍କୁ ନେଇ ଚମ୍ପାଙ୍କ ଆଖିରେ ଥିଲା ଆଖିଏ ସ୍ୱପ୍ନ । ପୁଅ ବାହା କରାଇବ, ନାତି ନାତୁଣୀଙ୍କ ମେଳରେ ତାର ଶେଷ ଜୀବନ କଟିବ । ହେଲେ ସ୍ୱାସ୍ଥ୍ୟ ବିଭାଗ ନିରୀହ ସରଳ ଆଦିବାସୀ ମହିଳା ଚମ୍ପା ଦୁରୁଆଙ୍କ ସ୍ୱପ୍ନକୁ ଛଡ଼ାଇ ନେଲା । ବାପ ଛେଉଣ୍ଡ ପୁଅ ଗଙ୍ଗା ଦୁରୁଆଙ୍କ ସରଳତାର ସୁଯୋଗ ନେଇ କିଛି ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ପରିବାର ନିୟୋଜନ ଅସ୍ତ୍ରୋପଚାର କରିଥିବା ଅଭିଯୋଗ ହୋଇଛି । ତେବେ ସବୁଠୁ ସାଂଘାତିକ କଥା ହେଉଛି, ଅବିବାହିତ ଗଙ୍ଗାକୁ କାଗଜପତ୍ରରେ ବିବାହିତ ଦର୍ଶାଇ ଅସ୍ତ୍ରୋପଚାର କରାଯାଇଛି । କେବଳ ପରିବାର ନିୟୋଜନ ଅସ୍ତ୍ରୋପଚାର ସଂଖ୍ୟା ବଢାଇବାକୁ ଯାଇ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଜଣେ ନିରୀହ ଆଦିବାସୀ ପରିବାରର ବଂଶ ବୁଡ଼ାଇ ଦେଇଛନ୍ତି । ଗତ ୩ ତାରିଖରେ ମାଥିଲି ସବଡିଭିଜନ ମେଡିକାଲ ପରିସରରେ ଘଟିଛି ଏହି ଅଭାବନୀୟ ଘଟଣା । ଅସ୍ତ୍ରୋପଚାର ପରେ କିଛି ଔଷଧ ଓ ୨ ହଜାର ଟଙ୍କା ଦେଇ ଗଙ୍ଗା ଦୁରୁଆଙ୍କୁ ଘରକୁ ପଠାଇ ଦେଇଥିଲେ କର୍ମଚାରୀ । ଘଟଣା ସାମ୍ନାକୁ ଆସିବା ପରେ ଅଂଚଳରେ ଏହାକୁ ନେଇ ଚାଂଚଲ୍ୟ ଖେଳିଯାଇଛି । ଆଦିବାସୀ ପରିବାରର ସରଳତାର ସୁଯୋଗ ନେଇ ଓ ବନ୍ଧ୍ୟାକରଣ ସଂଖ୍ୟା ବଢାଇବା ପାଇଁ ଏଭଳି ଅନ୍ୟାୟ କରାଯାଇଥିବା କୁହାଯାଉଛି । ଏହାକୁ ତୀବ୍ର ବିରୋଧ କରି ସଂପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା ।

# ଅମୃତ ସରୋବର ପୋଖରୀ ହୁଡାରେ ବୃକ୍ଷରୋପଣ

ଚମ୍ପୁଆ, ୧୨/୦୭ (ନି.ପ୍ର): ସ୍ୱାଧୀନତାର ୭୫ ବର୍ଷ ପୂର୍ତୀ ଅମୃତ ମହୋତ୍ସବ ପାଳନ ଅବସରରେ ଚମ୍ପୁଆ ବ୍ଲକ ରଙ୍ଗାମାଟିଆ ଗ୍ରାମ ପଂଚାୟତ ଅନ୍ତର୍ଗତ ରଙ୍ଗାମାଟିଆ ଗ୍ରାମ ଅମୃତ ସରୋବର ପୋଖରୀ ହୁଡ଼ାରେ ୭୫ଟି ଗଛ ବୃକ୍ଷରୋପଣର ଶୁଭାରମ୍ଭ କରାଯାଇଛି । ଚମ୍ପୁଆ ବନ ବିଭାଗ ଦ୍ୱାରା ପ୍ରେରିତ ଆମ୍ବ, ଲିମ୍ବ, ଅଁଳା, ଫାଶୀ, ହରିଡ଼ା, ବେଲ ପ୍ରଭୃତି ଚାରାକୁ ରଙ୍ଗାମାଟିଆ ସରପଂଚ ମାଧୁରୀ ନାଏକଙ୍କ ଦ୍ୱାରା ରୋପଣ କରାଯାଇ ଶୁଭାରମ୍ଭ କରାଯାଇଥିଲା । ବୃକ୍ଷରୋପଣ କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ଅଜୟ ବେହେରା, ପି ଓ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଜି ଆର୍‌ଏସ୍ ଛତ୍ରପତି ଶେଖରଚାନ୍ଦ ମହାନ୍ତ, ପିଅନ ଗଦାଧର ନାୟକ, ବନରକ୍ଷୀ ଜ୍ୟୋତି ରୂପା ପାଣି, ସାଗରୀକା ବେଜଙ୍କ ସହିତ ବି ପି ଟି ରଣଜିତ ପ୍ରଧାନ, ସମାଜସେବୀ ମଙ୍ଗୁଲୁ ମହାକୁଡ଼, କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ସାମିଲ ଥିଲେ । ପ୍ରଥମେ ସରପଂଚ ମାଧୁରୀ ନାଏକଙ୍କ ନେତୃତ୍ୱରେ ପଂଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମା ତାରିଣୀ, ଶକ୍ତି ସ୍ୱୟଂଶ୍ରୀ, ମା ମନ୍ଦାକିନୀ, ପ୍ରିୟଦର୍ଶିନୀର ସଦସ୍ୟାମାନଙ୍କ ଦ୍ୱାରା ପ୍ରାଥମିକ ବିଦ୍ୟାଳୟ, ହାଟ ପଡିଆ ଓ ଗ୍ରାମ୍ୟ ମୁଖ୍ୟ ରାସ୍ତାକୁ ସଫେଇ କରାଯାଇ ସଚେତନତାର ବାର୍ତା ବାଂଟିଥିଲେ । ପ୍ରକାଶ ଥାଉ କି ଚମ୍ପୁଆ ବ୍ଲକର ବାଇଶି ପଂଚାୟତର ଅମୃତ ସରୋବରରେ ବୃକ୍ଷରୋପଣ ପାଇଁ ବନ ବିଭାଗ ଦ୍ୱାରା ୭୫ଟି କରି ଗଛ ପ୍ରତି ପଂଚାୟତକୁ ପ୍ରଦାନ କରିଥିବା ଜଣାଯାଇଛି ।

## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୧୪
(ପୂର୍ବ ପ୍ରକାଶିତ ଉତ୍ତାରୁ...)

॥ ଛରି ॥

ତୁ କ'ଣ ଦେଖିପାରୁ ନାହୁଁ, ଅପାର ଗଭା ବେନିପାର୍ଶ୍ୱରେ କେମିତି ମଲ୍ଲିଫୁଲର କଢ଼ସବୁ ତଳକୁ ଓହଳି ରହିଛି । ରାହୁ ଚନ୍ଦ୍ରକୁ ଗ୍ରାସକରେ ଅଳ୍ପ ସମୟ ପାଇଁ । ସେଥିପାଇଁ ସେ ତରତର ହୋଇ ଅମୃତ ପାନ କରିଥାଏ । ଅପାର ମୁଖଚନ୍ଦ୍ରକୁ କେଶ ରାହୁ ଗିଳୁଥିବାରୁ ତାର ବେନି କଳଦେଇ ଧବଳ ବର୍ଣ୍ଣର ଅମୃତଧାର ଖସିପଡୁଛି ।

ଉର୍ମିଳା କଥାଶୁଣି ମାଣ୍ଡବୀ, ଶ୍ରୁତକୀର୍ତ୍ତି ସହିତ ବେଶକାରିଣୀମାନେ ହସି ଉଠିଥିଲେ । ସେମାନଙ୍କୁ ଶୁଣାଇ ମୁଁ କହିଥିଲି, ତୁମେ ତିନିଟା ଏମିତି ଅଲାଜୁକୀ ହେଲ ଯେ, ତୁମ ତୁଣ୍ଡରେ ବାଡ଼ବତା ନାହିଁ । ମନକୁ ଯାହା ଆସୁଛି କହିଯାଉଛ ।

ତୁ ଚିନ୍ତାକର ନାହିଁ ଅପା । ତୋତେ ଯାହା କହୁଛୁ ତୋ ବରକୁ ଆମେ ତିନିଜଣ ମିଶି ତିନିଗୁଣା କରି କହିବୁ । ସେତେବେଳେ ତୁ ଆମକୁ ସହିପାରିବୁ ତ ?

ମୋ ତିନିଭଉଣୀଙ୍କ କଥା ଶୁଣି ବେଶକାରିଣୀମାନେ କହିଥିଲେ, ଜେମାଦେଇମାନେ, ଆମକୁ ଆମ କାମ କରିବାକୁ ଦିଅନ୍ତୁ । ବିଳମ୍ବ କଲେ ମହାରାଣୀ ଆମ ଉପରେ ବିରକ୍ତ ହେବେ ।

ସେମାନଙ୍କ କଥାଶୁଣି ଉର୍ମିଳା, ମାଣ୍ଡବୀ, ଶ୍ରୁତକୀର୍ତ୍ତି ତୁନି ହୋଇ ଯାଇଥିଲେ ।

ବେଶକାରିଣୀମାନେ ନାନା ପ୍ରକାରର ଅଳଙ୍କାରରେ ମୋତେ ସଜାଇ ଦେଇଥିଲେ । ବକ୍ଷଦେଶରେ ଖଞ୍ଜି ଦେଇଥିଲେ ସରିସରି ସୁବର୍ଣ୍ଣର ହାର । ଅଣ୍ଟାରେ ସୁବର୍ଣ୍ଣର ସୁତା । ବାହୁରେ ବାହୁଟି । ପାଦରେ ନୂପୁର । ସୁନାଜରି ଖଚିତ ପାଟଶାଢ଼ୀଟିଏ ପିନ୍ଧାଇଦେଇ ସେମାନେ ମୋତେ ଆଣି ଦର୍ପଣ ସମ୍ମୁଖରେ ଛିଡ଼ା କରାଇ ଦେଇଥିଲେ । ଦର୍ପଣରେ ନିଜର ଛବି ଦେଖି ଚମକି ଉଠିଥିଲି ମୁଁ । ମୁଁ କ'ଣ ଜନକ ନନ୍ଦିନୀ ଜାନକୀ । ସତ କହୁଛି ସୁଧାମୟୀ, ପ୍ରୀତିଦା ସେଦିନ ମୁଁ ନିଜେ ନିଜକୁ ଚିହ୍ନିପାରି ନଥିଲି । ବିଦର୍ଭ ରାଜନନ୍ଦିନୀ ବୈଦେହୀ କ'ଣ ସତରେ ଏତେ ସୁନ୍ଦର ହୋଇପାରେ ? ମୋ ପାଖରେ ଛିଡ଼ା ହୋଇ କାନପାଖରେ ଚୁପିଚୁପି ଉର୍ମିଳା କହିଥିଲା, ଅପା ! ତୁ ଏ ରୂପ ନେଇ ସ୍ୱୟମ୍ବର ସଭାକୁ ଯାଆନା । ମୋର ଯାହା ମନେହେଉଛି ତୋତେ ଦେଖି ଅନେକ ରାଜପୁତ୍ର ନିରାଶ ହୋଇ ପ୍ରାଣ ତ୍ୟାଗ କରିବେ । ସେମାନଙ୍କ ମୃତ୍ୟୁର କାରଣ ତୁ ହେବୁ । ତୁ ମନେମନେ ଯାହାଙ୍କୁ ପାଇବା ପାଇଁ ବ୍ରତଧାରଣ କରିଚୁ, ଉପବାସ ରହି ଅଖଣ୍ଡ ଦୀପ ଜାଳୁଛୁ, ସେ ତୋତେ ଦେଖି ଧୈର୍ଯ୍ୟ ରଖିପାରିବେ ତ ? ଶିବଧନୁକୁ ଉତ୍ତୋଳନ କରିପାରିବେ ତ ?

ଉର୍ମିଳାର କଥାକୁ ସଂପୂର୍ଣ୍ଣ କରିବାକୁ ନଦେଇ ମାଣ୍ଡବୀ କହି ପକାଇଥିଲା, ଉର୍ମିଳା ତୁ କ'ଣ ଜାଣିନାହୁଁ ଯିଏ ଅରଣ୍ୟରେ ଭୀତିସଂଚ୍ଚର କରୁଥିବା ତାଡ଼କାକୁ ବିନାଶ କରିଦେଇ ପାରିଲେ, ପଥରେ ଆସୁଆସୁ ଚରଣଧୂଳିରେ ପଥରକୁ ଦିବ୍ୟ ନାରୀର ରୂପ ଦେଇପାରିଲେ, ସେ କ'ଣ ସାମାନ୍ୟ ରାଜପୁତ୍ର ହୋଇଥିବେ ? ସେ ଯେମିତି ରୂପରେ ସିଦ୍ଧ, ଗୁଣରେ ମଧ୍ୟ ସେମିତି ପ୍ରସିଦ୍ଧ । ସେ ଧୈର୍ଯ୍ୟବାନ୍, ବୀର, ଶାନ୍ତ, ସୌମ୍ୟ ପୁଣି ରୌଦ୍ର । ତାଙ୍କ ବ୍ୟତୀତ ଶିବଧନୁକୁ ଭାଂଗିବ କିଏ ?

ମାଣ୍ଡବୀର କଥାକୁ ମୁଁ ମନଭରି ପିଇ ଯାଉଥାଏ । ପ୍ରକୃତରେ ସେ ସାଧାରଣ ରାଜପୁତ୍ର ନୁହଁନ୍ତି । ସେ ବୀର ଶ୍ରେଷ୍ଠ । ତା ହୋଇ ନଥିଲେ ହଜାର ହଜାର ସଂଖ୍ୟାରେ ସାଧାରଣ ଲୋକ ତାଙ୍କ ଦର୍ଶନ ପାଇଁ ମିଥିଳା ଦାଣ୍ଡରେ ଭିଡ଼ଜମାଇ ନଥାନ୍ତେ ? ତାଙ୍କୁ ଅତି ନିକଟରୁ ଦେଖି ମଧ୍ୟ ତାଙ୍କ ଆଖି ସହିତ ବେଶି ସମୟ ଆଖି ସେ ମିଳାଇ ପାରିନଥିଲେ । ତାଙ୍କ ତରଫରୁ କେତେ କଥା ସେ ପଚ୍ଚରିଥିଲେ ମଧ୍ୟ ମୋ ପାଟିରୁ କାହିଁକି କେଜାଣି ବଚନ ସ୍ଫୁରି ନଥିଲା । ତୃଷିତା ଚକୋରୀ ସଦୃଶ ନେତ୍ରଯୁଗଳରେ ମୁଁ ତାଙ୍କ ରୂପସୁଧା ପାନକରି ଯାଉଥିଲି । ମନ ହେଉଥିଲା ଆଉକିଛି ସମୟ ସେ ପୁରୁଷ ଉତ୍ତମଙ୍କୁ ମୁଁ ଚକ୍ଷୁ ପୂରାଇ ଦେଖିଥା'ନ୍ତି । ତାହା ସମ୍ଭବ ହେଲା ନାହିଁ । କାଳେ କିଏ ଦେଖିନେବ । କ'ଣ ଭାବିବେ ସେ। ଜନକ ନନ୍ଦିନୀ ସୀତା ଏକାକୀ ନିରୋଳା ଏ ପୁଷ୍ପ ଉଦ୍ୟାନରେ କାହା ସହିତ କଥା ହେଉଛି ? କଥାଟି ସଂଗେସଂଗେ ପ୍ରଘଟ ହୋଇ ଯାଇଥା'ନ୍ତା। ସେଥିପାଇଁ ମୋର ଇଚ୍ଛା ନଥିଲେ ବି ମୁଁ ସେ ସ୍ଥାନରୁ ଧାଇଁ ପଳାଇ ଆସିଥିଲି ।

ମୋତେ ସ୍ଥିର ହୋଇଯିବାର ଦେଖି ଉର୍ମିଳା ପ୍ରଶ୍ନ କରିଥିଲା, ଅପା ! ତୁ ଏମିତି ଚୁପ୍‌ଚାପ୍ ହୋଇଗଲୁ କାହିଁକି ? କ'ଣ ତୋ ମନରେ ଭାବୁଛୁ ? ତୁ ଭାବୁଛୁକି ଆମେ ତୋ ବର ଉପରେ ନଜର ପକାଇବୁ ? ତୋ ସ୍ନେହ ପ୍ରେମରେ ଭାଗ ବସାଇବୁ ?

ଉର୍ମିଳାର କଥାରେ ମୁଁ ପ୍ରକୃତିସ୍ଥ ହୋଇଥିଲି। ମନକୁ ମନ ହସି ଉଠିଥିଲି ମୁଁ । ଉର୍ମିଳାକୁ ଶୁଣାଇ ଶୁଣାଇ କହିଥିଲି, ଆଲୋ ସୁମୁଖୀ ତୁ ସିନା ମୋତେ ଏମିତି କହୁଛୁ । ତୋ ମନ ତ ସେହି ଗୌରବର୍ଣ୍ଣର ଯୁବକ 'ଲକ୍ଷ୍ମଣ' ନିକଟରେ ବନ୍ଧା ପଡ଼ିଯାଇଛି ।

ମୋ କଥା ଶୁଣି ମାଣ୍ଡବୀ, ଶ୍ରୁତକୀର୍ତ୍ତି କହିଥିଲେ ତୁମେ ଦୁଇଜଣ ତୁମ ମନ ମୁତାବକ ବର ବାଛିନେଲ । ଆମ କଥା କିଏ ପଚ୍ଚରୁଛି ।

ସେମାନଙ୍କ କଥା ଶୁଣି ଉର୍ମିଳା କହିଥିଲା, ଅପା ପରା କହିଛି, ତାଙ୍କର ଆଉ ଦୁଇ ଭାଇ ଅଛନ୍ତି ସେ ଦୁହିଁଙ୍କ ହାତରେ ତୁମ ଦୁହିଁଙ୍କୁ ଟେକିଦେବେ ।

ଉର୍ମିଳା କଥାରେ ଆମେ ଚ୍ଚରିଭଉଣୀ ହସି ଉଠିଥିଲୁ । ଏହି ସମୟରେ ଦାସୀମାନେ ଆସି କହିଥିଲେ, ଦେବୀ ଜାନକୀ । ରାଜମାତା ଆଦେଶ ଦେଲେ ତୁମେ ଏ ସ୍ଥାନରୁ ଯାଇ ଅନ୍ତଃପୁରର ବାହାରେ ଥିବା କକ୍ଷରେ ପହଞ୍ଚ । ବଶିଷ୍ଠ, ବିଶ୍ୱାମିତ୍ର ଆଦି ଋଷିମାନେ ସେଠାରେ ଅଛନ୍ତି । ସେମାନେ ତୁମକୁ କଲ୍ୟାଣ କରିବେ । ତାପରେ ତୁମେ ପୁଷ୍ପ ହାନ୍ଦୋଳାରେ ବସି ସ୍ୱୟମ୍ବର ସ୍ଥଳକୁ ଯାତ୍ରା କରିବ ।

ଦାସୀମାନଙ୍କ କଥା ଶୁଣି ଉର୍ମିଳା, ମାଣ୍ଡବୀ, ଶ୍ରୁତକୀର୍ତ୍ତି ମୋର ହାତଧରି ନେଇ ଯାଇଥିଲେ । ମୁଁ ଯାଇ ମୁନିମାନଙ୍କୁ ପ୍ରଣାମ କରନ୍ତେ ସେମାନେ ଆଶୀର୍ବାଦ କରି ମୋତେ ସ୍ୱୟମ୍ବର ସ୍ଥଳକୁ ଯିବାପାଇଁ ନିର୍ଦ୍ଦେଶ ଦେଲେ । ପୁରନାରୀମାନେ ଶଙ୍ଖ ହୁଳହୁଳିରେ କମ୍ପାଇ ଦେଇଥିଲେ ରାଜଭବନକୁ । ରାଜପୁରୋହିତଙ୍କ କଣ୍ଠରୁ ଝରିପଡ଼ିଥିଲା ମଂଗଳ ମନ୍ତ୍ର । ପୁଷ୍ପଚନ୍ଦନ ବିଛେଇ ହୋଇ ପଡ଼ିଥିଲା ମୋ ଉପରେ । ମୋର ହାତଧରି ମୋ ତିନି ଭଉଣୀ ପଥ କଢ଼ାଇ ନେବା ସମୟରେ ମୋ ସମ୍ମୁଖକୁ ଆସି ମୋର ମାତା କାନ୍ଦିକାନ୍ଦି ମୋତେ କୋଳାଗ୍ରତ କରନ୍ତେ, ବିଶ୍ୱାମିତ୍ର କହିଥିଲେ, ଝିଅ ତୁମର ଆଜି ତୁମ ଘରର ମମତା, ତୁମ ମାନଙ୍କର ସ୍ନେହ ପ୍ରେମକୁ ପଛକୁ ପକାଇ ଦେଇ ଅନ୍ୟ କେଉଁ ରାଜ୍ୟକୁ ବାଟ କାଟିବ । ଏ ହାତ ସଂସାରର ନିୟମ ମହାରାଣୀ। କାନ୍ଦିଲେ କ'ଣ ଏ ନିୟମର ବ୍ୟତିକ୍ରମ ହେବ।ହସହସ ମୁଖରେ ସୀତାକୁ ବିଦାୟ ଦିଅ। ସ୍ୱୟମ୍ବର ମୁହୂର୍ତ୍ତ ଗଡ଼ି ଯିବ । ତୁମେମାନେ ସମସ୍ତେ ଯାଇ ଦେଖ କେଉଁ ବୀର ପୁରୁଷ ରାଜା ଜନକଙ୍କ ପଣଭାଂଗି ଶିବଧନୁ ଉତ୍ତୋଳନ କରିପାରୁଛି ।

ଏହାକହି ଋଷି ବିଶ୍ୱାମିତ୍ର ବିଦାୟ ନେଇଥିଲେ ।

ମୋ ଭଉଣୀମାନେ ମୋତେ ନେଇ ବସାଇ ଦେଇଥିଲେ ପୁଷ୍ପରଥରେ । ପୁଷ୍ପରଥକୁ ଅନାଇ ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି । କଣ ନକରିଛନ୍ତି ମୋ ପିତା ମୋ ପାଇଁ । ସୁବର୍ଣ୍ଣ ରଥରେ ପୁଷ୍ପର ଛାଉଣୀ । ରନ୍‌ଚ୍ଚନ୍ଦୁଆ ଟଂଗାଯାଇଛି ପୁଷ୍ପର ରଥର ଭିତରେ ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର

# ରାଜନୀତିର ସଞ୍ଜ୍ଞା ଏବେ ବଦଳିଗଲାଣି !

**ଦୁର୍ଗା ଚରଣ ଷଡ଼ଙ୍ଗୀ**



ବିଶାଳ ଭାରତ ବର୍ଷ ସଂପ୍ରତି ଏକ ଦୁଃସମୟ ଦେଇ ଗତି କରୁଛି। ବାହ୍ୟ ରୂପରେ ଦେଖାଯାଉଥିବା ଦୃଶ୍ୟ- ଅଭ୍ୟନ୍ତରର ଦୃଶ୍ୟକୁ କେବେ ବି ପ୍ରଭାବିତ କରିପାରିବ ନାହିଁ। ଅଥଚ ଅଭ୍ୟନ୍ତରର ସୌନ୍ଦର୍ଯ୍ୟ -ବାହ୍ୟ ରୂପକୁ ଅନେକ ମାତ୍ରାରେ ପ୍ରଭାବିତ କରି ଆଲୌକିକତା ଆଡ଼କୁ ନେଇଯିବ। ଠିକ୍ ମଣିଷର ସୌନ୍ଦର୍ଯ୍ୟ ଓ ରୂପ ବିନ୍ୟାସ ସେତିକି ବେଳେ ସୁନ୍ଦର ଦିଶେ ଯେବେ ତା'ର ମନ-ଆତ୍ମା, ବିବେକ ଆଦି ପଂଚ ପ୍ରପଂଚ ଗୁଣଙ୍କୁ ପରିହାର କରି ସାମ୍ୟ-ମୈତ୍ରୀ-ଶୃଙ୍ଖଳା-ବ୍ୟଭିଚାରହୀନ ଜୀବନଟିଏ ଗଢିବାରେ ସମର୍ଥ ହୁଏ। ସେପରି ଦେଖିବାକୁ ଗଲେ ଭାରତ ବର୍ଷର ବିକାଶ ନାନାଦି କ୍ଷେତ୍ରକୁ ନେଇ ବିକଶିତ ହୋଇପାରିଛି ସତଚ ମାତ୍ର ତାହା ବାହ୍ୟରୂପ। ଅନ୍ତର ଅଭ୍ୟନ୍ତରର ବିକାଶ ଅଥବା ପ୍ରଜ୍ଞାର ସମୁଚିତ ବିକାଶ ଏଯାବତ୍ ହୋଇ ପାରିନାହିଁ। ଆମେ କେବଳ ଶରୀର ଆବରଣ ପାଇଁ ଅଥବା ନିଜର ପୌଢ଼ିର ପ୍ରତିପାଦନ ପାଇଁ ମୂଲ୍ୟବାନ ବସ୍ତ୍ର ପରିଧାନ କରିଛେ ଅଥଚ ଆମର ଶରୀର ବିବିଧ ରୋଗ ଦ୍ୱାରା ରୋଗାକ୍ରାନ୍ତ। ସେଭଳି କ୍ଷେତ୍ରରେ ସମାଜ ହିତାର୍ଥେ ପ୍ରଜ୍ଞା-ବୁଦ୍ଧି ଅଥବା ଶାମ ଦାମ ଦଣ୍ଡ ଭେଦର ଉପଚାର ବା ହେବ କିପରି ? ଦେଶର ସାଧାରଣ ନାଗରିକ ଟିଏ ତା'ର ଦୈନତାକୁ ନେଇ ସଂସାରରେ ବଂଚେ। ନିତି-ପ୍ରତିଦିନର ଜୀବନ ଜୀବିକାରେ ତା'ର ଆୟୁଷ ସରିଯାଏ, ସେବେଳେ ତା'ର ଦେଶ କଥା ଚିନ୍ତା କରିବାକୁ ବା ବେଳ କାହିଁ? ସାଧାରଣ ନାଗରିକ ଟିଏ ଯାହା ସ୍ୱପ୍ନ ଦେଖେ ସେ ସବୁ କେବେବି ସତ ହୋଇ ପାରେନା। ବରଂ ସେ ସମାଜରେ ପ୍ରତିଷ୍ଠିତ ଭଦ୍ର ମଣିଷ ମାନଙ୍କୁ ତା'ର ମସିହା କରି ବଂଚେ। ସେ ଅଛନ୍ତି-ସବୁକିଛି କରିଦେବେ। ଏହି ଭାବନା ହିଁ ଭାରତବର୍ଷର ଅଗଣିତ ନିମ୍ନବିତ୍ତ ମଣିଷର ସ୍ୱର। ମାତ୍ର ତାହା କ'ଣ ଯଥାର୍ଥରେ ମୂର୍ତ୍ତ ହୁଏ କି ? ଛଦ୍ମବେଶୀ ବୁଦ୍ଧିଜୀବୀ ଓ ନିଜକୁ ସମ୍ଭ୍ରାନ୍ତ ବୋଲାଉଥିବା ଏଦେଶର ଏକ ଚତୁର୍ଥାଂଶ ଠକ ମଣିଷ ନିଜର ଘଡ଼ା ଭର୍ତି ପାଇଁ ଯେ କୌଣସି ପ୍ରକାରେ ପ୍ରପଂଚ ମିଥ୍ୟାର ଆଶ୍ରୟ ନେଇ ନିଜ ନିଜର ଉଦର ଭର୍ତି କରନ୍ତି ସିନା, ସାଧାରଣ ମଣିଷର ଦୁଃଖ ମୋଚନ ପାଇଁ ଏମାନେ କେବେବି ଆର୍ତ୍ତହାରୀ ହୋଇ ପାରନ୍ତି ନାହିଁ। ଏପରି ଅପରାଧିକ ବିଡ଼ମ୍ବନା ହିଁ ଏବର ରାଜନୀତିରେ ସଂଶ୍ଳିଷ୍ଟ କିଛି ବ୍ୟଭିଚାରୀଙ୍କର ଜୀବନ ଭୂଷଣ ପାଲଟିଛି। ରାଜତନ୍ତ୍ରର ଶାସନ ବ୍ୟବସ୍ଥା ଯାହା ଅତୀତରେ ଥିଲା ତାହାତ ଏବେବି ପ୍ରତିଭାତ ! ଏ ମୁକୁଟହୀନ କୌଶଳୀ ରାଜାମାନଙ୍କ ହାତରେ ଏଦେଶର ସାବଭୌମ, ସମ୍ପଦ, ବିକାଶ ପ୍ରତିହତ। ରାଜା ନାହାଁନ୍ତି ସତ, ମାତ୍ର ରାଜାର ଏକଛତ୍ରବାଦ ଗୁଣ ନେଇ ଆଧୁନିକ ରାଜନୀତିଜ୍ଞ ଲୋକମାନେ ବୃହତ୍ତର ଭାରତୀୟ ଗଣତନ୍ତ୍ରକୁ ନାନାଦି ଢ଼ଙ୍ଗରେ ଚଳୁ କରିଦେଇ ସାରିଲେଣି। ଗାଁ ସାରାର ପ୍ରତି ଶିକ୍ଷିତ ସୁନ୍ଦର ଯୁବକ ଗଣ ମଦ୍ୟପୀ ହୋଇ ଯିବା ପରେ କୋଉ ଗାଁ ମୁରବୀ ବା ସେମାନଙ୍କୁ ଆକଟ କରିପାରିବ ? ବରଂ ନିଜ ଜୀବନ ହିଁ ବିପଦ ଶଂକୁଳ ହେବ ସିନା କିଛି ହିଁ ବୈଚାରିକ ପରିବର୍ତ୍ତନ ହେବା ସମ୍ଭବ ହେବ ନାହିଁ। ତାହା ହିଁ ଏବେ ଆମ ଦେଶରେ ଆଭ୍ୟନ୍ତରୀଣ ଅରାଜକତାକୁ ଜନ୍ମ ଦେଇଛି। ଏଦେଶକୁ କେହିବି ତା ଗାଥା -ଗୌରବକୁ ଅସମ୍ମାନ କରିବାକୁ ସାହାସ କରନ୍ତି ନାହିଁ, କେବଳ ଛଦ୍ମବେଶୀ ବୃଦ୍ଧିଜୀବୀ ମାନେ ନିଜର ପ୍ରଭୂତ ସ୍ୱାର୍ଥ- ଅୟସ-ଆରାମର ବିଳାସ ପାଇଁ ବିନାଶ୍ରମରେ ଏଦେଶର ଶୌର୍ଯ୍ୟ- ସମ୍ପତ୍ତି-ସଂପ୍ରିତୀକୁ ଅନାୟସରେ ଚଳୁ କରିଦେବାରେ ଲାଗିପଡିଛନ୍ତି। ବୁଦ୍ଧିଜୀବୀର ଚରିତ୍ର ଗତ ଅସହାୟତା ଅନିଷ୍ଠା ଆଦିର ନିଷ୍ଠୁର ଦୁଃସ୍ୱପ୍ନ କେବେବି ସାକାର ହୋଇପାରେନା। କାରଣ ବିବିଧ ସୂତ୍ରରୁ ବିନା ଶ୍ରମରେ ମଧ୍ୟସ୍ଥ ସାଜି ଖଜଣା ଆଦାୟ କରିବାର ଅଭ୍ୟାସଟି ଏବେର ବୃଦ୍ଧିଜୀବୀ ମଣିଷଙ୍କ ପାଇଁ ବଂଚିବାର ସାଧନ ପାଲଟି ଯାଇଛି।

ଆମକୁ ମନେରଖିବାକୁ ହେବ ଯେ, ବ୍ୟଭିଚାରୀ ଚରିତ୍ରକୁ ନେଇ ବଂଚୁଥିବା କୌଣସି ଟି ମଣିଷର ପାହାନ୍ତି ସ୍ୱପ୍ନ କେବେବି ସତ ହେବାର ପ୍ରମାଣ ରଖେନାହିଁ। ମାତ୍ର ସାମ୍ୟ ଦୃଷ୍ଟିଭଙ୍ଗୀ, ଶ୍ରମ, ଆଦର୍ଶ ବିଚାରବୋଧ ଶକ୍ତିକୁ ନେଇ ବଂଚୁଥିବା ମଣିଷର ସ୍ୱପ୍ନ କେବେ ବି ଦିନେ ସାର୍ଥକ ହୁଏ ମାତ୍ର ଅଶିଷ୍ଟ-ଅନାଚାର- ରକ୍ତ ଚରିତ୍ରକୁ ନେଇ ବଂଚୁଥିବା ମଣିଷର ସ୍ୱପ୍ନ କେବେବି ନଥାଏ, ଯାହାଥାଏ ତାହ କେବଳ କପୋଳ କଳ୍ପିତ ଅସଦାଚାରର ମିଛ କୌଶଳ। ଏହା ସମାଜ ବର୍ଗଙ୍କ ପାଇଁ ଭେଳିକି। ନିଜ ପତିଆରା ପ୍ରଦର୍ଶନର ଏକ ସୁନ୍ଦର ହାତ ସଫେଇ ଖେଳ।

ଏବେ ଏହି ଶ୍ରମକାତର କୃତଘ୍ନ ଓ ଛଳଛର୍ଦମରେ ଜିଉଁଥିବା ମଣିଷମାନେ ନିଜକୁ ଜନନେତା- ନେତାପୁତ୍ର- ସମ୍ଭ୍ରାନ୍ତ-ସମାଜସେବୀ ଓ ରାଜନୈତିକ ବ୍ୟକ୍ତି ବିଶେଷ ଭାବେ ଆଖ୍ୟାୟିତ କରି ଶାସନକଳର ତଥା ରାଜ୍ୟ, କେନ୍ଦ୍ର ସଂଘୀୟ ବ୍ୟବସ୍ଥାକୁ ମଧ୍ୟ ଚଳୁ କରିଦେବାରେ କୁଣ୍ଠାବୋଧ କରୁନାହାଁନ୍ତି। ରାଜ୍ୟ ମୁଖ୍ୟ ହୋଇ ନିଜ ପଦ ପଦବୀର ଅପବ୍ୟବହାର କରି କୋଟି କୋଟି ସଂଖ୍ୟାରେ ଅର୍ଥଠୁଳ କରିବା ସହ ନିଜ ଷୋଳ ପୁରୁଷ ପାଇଁ ଗଚ୍ଛିତ କରିଯାଉଛନ୍ତି। ଏହି ଲୁଣ୍ଠନ ଦେଶ ସ୍ୱାଧୀନତା କାଳରୁ ନିରନ୍ତରଭାବେ ଚାଲିଛି। ଯଦି କୌଣସି ସୁସ୍ଥ ସଂଘୀୟ ଶାସନ ବ୍ୟବସ୍ଥାଗତ ଅବଲମ୍ବନରେ ଏମାନଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥାଦ୍ୱାରା ଦଣ୍ଡ ଦେବାକୁ ବ୍ୟବସ୍ଥା ହେଉଛି ସେବେଳେ ଏମାନେ ନାନାଦି ଅଶ୍ଳୀଳ ଟିକାଟିପ୍ପଣୀ ଦେଇ ତଦନ୍ତକୁ ବାଟବଣା କରିବାକୁ ଉଦ୍ୟମ କରୁଛନ୍ତି, ଫଳରେ ରାଜ୍ୟ ଓ ସଂଘ ଶାସନଗତ ଶୃଙ୍ଖଳାରେ ବିରୋଧାଭାଷ ଉପୁଜୁଛି। ଏଭଳି ରାଜନୀତିକ ବ୍ୟକ୍ତି ବିଶେଷଙ୍କର ଚରିତ୍ରରେ ସଂଭ୍ରମତା ନାହିଁ। ଆଂଚଳିକ ଦଳ ଦ୍ୱାରା ଶାସିତ ରାଜ୍ୟ ମାନଙ୍କରେ ଶାସନ ବ୍ୟବସ୍ଥା ଏଭଳି ତୃଟି ଯୋଗୁଁ ରାଜ୍ୟର ବିକାଶ ବାଟବଣା ହୋଇଚାଲିଛି। ରାଜନୀତିକ ବ୍ୟକ୍ତି ଚରିତ୍ରର ଶୃଙ୍ଖଳା, ସଂଯମତା, ବିକାଶ, ସେବା, ସହଯୋଗ ସବୁ ପୋଡି ପାଉଁଶ ହୋଇଗଲାଣି। ନାଗରିକଟିଏ ସାଧାରଣ ଭାବେ ଯେଉଁ ତିମିରେକୁ ସେଇ ତିମିରେ। ବିଗତ ପାଂଚବର୍ଷ ଭିତରେ ଜାତୀୟ ତଦନ୍ତ କାରୀ ସଂସ୍ଥାମାନଙ୍କ ଦ୍ୱାରା ଯେତିକି ଆର୍ଥିକ ବିଶୃଙ୍ଖଳା ଗତ ଅପରାଧିଙ୍କୁ ଧରାଗଲାଣି, ସେମାନଙ୍କ ଠାରୁ ଜବତ କରାଯାଇଥିବା ଅର୍ଥରେ ଆମ ଦେଶ ଭାରତବର୍ଷ ୨୦ ବର୍ଷ ପର୍ଯ୍ୟନ୍ତ ହୁଏତ ମାହାଳିଆ ଚଳିଯାଇପାରେ।

ସୁଦୀର୍ଘ ୨୦ ବର୍ଷ ମଧ୍ୟରେ ପ୍ରାନ୍ତିୟ-ଆଂଚଳିକ ଦଳମାନଙ୍କ ଉଦ୍‌ଭବ ଓ ସେମାନଙ୍କ ସ୍ୱେଚ୍ଛାଚାରୀତା ଏତେ ମାତ୍ରାରେ ପ୍ରକଟ ହେଲାଣି ଯେ, ଆଗକୁ ସାଧାରଣତନ୍ତ୍ର ରାଷ୍ଟ୍ର ଭାରତ ବର୍ଷର ସଂଘୀୟ ବ୍ୟବସ୍ଥା ଯେ ପ୍ରଭାବିତ ହେବନାହିଁ ଏକଥାକୁ କହିହେବ ନାହିଁ। ରାଜ୍ୟରେ ରାଜା ଏବେ ନାହାନ୍ତି ସତ ମାତ୍ର ସେଇ ରାଜା ମାନଙ୍କର ଜ୍ଞାତି କୁଟୁମ୍ବ-ସହୋଦରମାନେ ରାଜାପରି ବଂଚି ଜନସାଧାରଣଙ୍କ ଠାରୁ କଳେବଳେ କୌଶଳେ ଭୋଟ ହାତେଇ ଶାସନ ଗାଦି ମାଡି ବସିବାରେ ସକ୍ଷମ ହୋଇ ପାରିଛନ୍ତି। ଚାକିରି ପାଇଁ ଜମି, ଯୋଜନା ପାଇଁ ମଧ୍ୟସ୍ଥି ପାଉଣା, ଧର୍ମ ବିଦ୍ୱେଷୀନୀତି, ଦେଶର ସାର୍ବଭୌମ ନକ୍ସା ବିକ୍ରି ଠୁଁ ଶତୃ ରାଷ୍ଟ୍ରର ନୀତିକୁ ଦେଶରେ ପ୍ରଚଳନ କରିବା, ନିଷିଦ୍ଧ ମାଦକ ଦ୍ରବ୍ୟ ଚାଲାଣ, ଗୋ-ପଶୁ ଆଦି ଚାଲାଣ, ଦାଦନ ପ୍ରଥାର ପୁର୍ନବିନ୍ୟାସୀକରଣ, ଦେଶର ଐତିହ୍ୟ, ଗାରିମା ଓ ବିକାଶଗତ ଔଜ୍ଜଲ୍ୟକୁ ପରରାଷ୍ଟ୍ରରେ ବସି ନିନ୍ଦାକରିବା, ସମ୍ମାନାସ୍ପଦ ବ୍ୟକ୍ତି ବିଶେଷଙ୍କୁ ଅଭଦ୍ରୋଚିତ ବ୍ୟବହାର ପ୍ରଦର୍ଶନ କରିବାଠୁଁ, ନାରୀ ସମାଜ ପ୍ରତି ହୀନମନ୍ୟତା ପ୍ରଦର୍ଶନ କରିବା ସହ ସେମାନଙ୍କୁ ନାନାଦି ଅପକର୍ମରେ ନିୟୋଜିତ କରି ପ୍ରବୃଦ୍ଧ ଅର୍ଥ ଉପାର୍ଜନ କରିବା ଏମାନଙ୍କ ନିତିଦିନିଆ ବେଉଷାରେ ପରିଣତ ହେଲାଣି। ଏଭଳି କାର୍ଯ୍ୟ କାରଣକୁ ଯଦି ନ୍ୟାୟିକ ବ୍ୟବସ୍ଥାରେ ଦଣ୍ଡ ବିଧାନର ପ୍ରାବଧାନ ହେଉଛି ତେବେ ସେମାନେ 'ରାମାୟଣ ଅଶୁଦ୍ଧ ହୋଇଗଲା' ବୋଲି ନାନାଦି ଉତ୍ତେଜକ ଭାଷଣବାଜି, ପୋଡାଜଳା, ନରସଂହାର କରିବାଠୁ ବର୍ଣ୍ଣ-ଧର୍ମ ବିଦ୍ୱେଷ ନୀତିକୁ ମଧ୍ୟ ଆପଣାଇ ଦେଶରେ ଅରାଜକତା ସୃଷ୍ଟି କାରିବାରେ ପଶ୍ଚାପଦ ହେଉନାହାଁନ୍ତି ।

ଯାହାବି ହେଉ ଏହି କୁଳପାଂଶୁଳ-ହତବୁଦ୍ଧି ମଣିଷମାନଙ୍କୁ ଅତ୍ୟନ୍ତ କଠୋର ଭାବେ ଦମନ କରାଯିବାର ଅବସ୍ଥା ଆସିଲାଣି। ବିଶେଷ ଭାବେ ଦେଶର ଗୋଟିଏ ବହୁ ପୁରାତନ ଜାତୀୟଦଳ ଏ ସମସ୍ତ ବିଶୃଙ୍ଖଳାକୁ ବିରୋଧୀ ପ୍ରତିପକ୍ଷ ଦଳ ଭାବେ ଉସ୍‌କାଇବାରେ ଲାଗିପଡିଛି। ବିଗତ ବର୍ଷ ମାନଙ୍କର ସ୍ୱାଧୀନ ଶାସନ ବ୍ୟବସ୍ଥା କ୍ରମଶଃ ମାଫିଆ, ବାହୁବଳୀ, ଚରିତ୍ରହୀନ ମାନଙ୍କର ଚରାଭୂଇଁ ପାଲଟିଗଲାଣି। ସନାତନ ଧର୍ମର ଧ୍ୱଜ ବହନ କରୁଥିବା ଭାରତବର୍ଷ ୧୪୦ କୋଟି ଜନ ସଂଖ୍ୟାରେ ଏମାନଙ୍କ ସଂପୃକ୍ତି ଅବଶ୍ୟ ନଗଣ୍ୟ, ତଥାପି ଏମାନଙ୍କୁ କଠୋର ଦଣ୍ଡ ପ୍ରଦାନ କରିବାରେ ପାତର ଅନ୍ତର ହେଲେ ଅବଶିଷ୍ଟ ସାଧାରଣ ନାଗରିକଙ୍କର ଜୀବନ ଜୀବିକା ଯେ ପ୍ରଭାବିତ ନହେବ ଏକଥାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ।

♥ ଭୁବନେଶ୍ୱର
ମୋ: ୯୪୩୮୫୩୫୫୭୭



## ॥ ବର୍ଷା ତୁମେ ॥

**ସିପୁନୁ ଜେନା**

ବର୍ଷା ତୁମେ କେବେ ବର୍ଷିଯାଅ ପ୍ରେମର ବର୍ଷା
କେବେ ଦେହରେ ଭରିଦିଅ ପୁଲକ
ତମ ପହିଲି ଛୁଆଁରେ ଆନମନା
ଭିଜିବାକୁ ଘଡିଏ ମନ ଉଚ୍ଛନ୍ନ !

ତମେ କେବେ ଖଇଫୁଟା ତାତିରେ ଶୀତଳ ଧାରା
କେବେ ଶାନ୍ତ ଦେହରେ ଭରି ଦିଅ ତାତି
ମନରେ ଆଶଙ୍କା
ଛାତିରେ କମ୍ପନ ସୃଷ୍ଟି ।

ବର୍ଷା ତୁମେ କାହା ପାଇଁ ଦୁଃଖର କାରଣ
ଚାଳଛପର ଘରେ କର ହନ୍ତସନ୍ତ
ରାତିର ନିଦକୁ ଉଡ଼େଇ ଦିଅ
କୋଉ ଚାଳର କଣା ତଳେ ରଖିବାକୁ ହୁଏ
ଘରର ବାସନ ।

ବର୍ଷା ତୁମେ କେବେ ବଢିର ଅଜଣା ସୁଅ
ଭାଙ୍ଗିଦିଅ ହିଡବାଡି
ଧୋଇନିଅ ଚାଷୀର ଗୋଟିଏ ବର୍ଷର ସପନ
ତଡିନିଅ ଘରଦ୍ୱାର
ଉଜାଡି ଦିଅ ସଂସାର
ବାତ୍ୟାର ତାଣ୍ଡବରେ ଉଗ୍ର ରୂପ ଦେଖାଇ
କରିଦିଅ ବାସଚ୍ୟୁତ ।

ବର୍ଷା ତୁମେ କାହା ପାଇଁ ସଉକ
କାହା ପାଇଁ ମେଞ୍ଚାଏ ଦୁଃଖ
କାହା ମନରେ ଭର ଉଲ୍ଲାସ
ତଥାପି ତୁମେ କେତେ ନିଜର
ତୁମ ବିନା ସୃଷ୍ଟି ଅସ୍ତିତ୍ୱ ହୀନ !

♥ ତର୍କାବେଡା, କଡ଼ଲା, ମେରାମଣ୍ଡଳୀ
ଢେଙ୍କାନାଳ -୭୫୯୧୨୧
ମୋ- ୮୭୬୩୦୭୦୫୩୫

## ଆମ ସମୟର କବିତା .....

## ॥ ଜୀବନ, ପ୍ରାୟ ଏକାପରି ॥

**ବିଦ୍ୟୁତ୍ ଲତା ଦାସ**



କୁଆଁ ତାରା ଫୁଟେ,
ସୂର୍ଯ୍ୟୋଦୟର ସ୍ୱପ୍ନ ନେଇ,
କଢ଼ ସବୁ ଆଖି ମେଲୁଥାନ୍ତି ରହିରହି।

ପ୍ରଜାପତିର ରଙ୍ଗରେ
ଚମକିଯାଏ ସୁଖର ହୀରା ନୀଳା ମୋତି,
ଜୋଛନାରୁ ହଜିଯାଏ ମଳୟ ମୂର୍ଚ୍ଛନା
ଅଭିସାର କୁଞ୍ଜକାନନରେ
ରଙ୍ଗ ମହଲଣ ପଡ଼ିଯାଏ- ଘନରାତି।

ସଂଘର୍ଷ କରି ପାହାଡ଼ ଚଢ଼ିବାର ନିଶା
ଉତୁରିଯାଏ ମୁଣ୍ଡରୁ, ଥକିଯାଏ ପାଦ,
କ୍ଲାନ୍ତ, ଅବସନ୍ନ ମନପକ୍ଷୀ
ତିଆରୁଥାଏ ଥରକୁ ଥର
ବେଳ ହେଲା, ଚାଲ ଫେରିଚାଲ-ପରପାଦ।

କେଉଁଠାରେ ବାଜୁଥାଏ ମାଙ୍ଗଳିକ ସାହାନାଇ
କେଉଁଠାରେ ଫୁଟିଥାଏ ନନ୍ଦନର ପାରିଜାତ
କେଉଁଠି ଯେ ଉଡୁଥାଏ ବିଜୟର ବୈଜୟନ୍ତୀ
କେଉଁଠାରେ ଚାଲିଥାଏ ଉତ୍‌ଫୁଲ୍ଲିତ ଐରାବତ
ସମୟର ସ୍ରୋତସ୍ୱିନୀ,
ସେ ସବୁର ହିସାବ ରଖେନା,
ସବୁଠି ଜୀବନ ସତ୍ୟ ମୃତ୍ୟୁ ସାଥେ ନେଇ
ସବୁଠି ଆନନ୍ଦ ସତ୍ୟ
ଅନ୍ତରାଳେ ବିଷାଦର ଗାଢ଼ କଳାଛାଇ।

ଅହଂକାର ଯେତେ ଯାହା, ଯାହାପାଇଁ ହେଉ,
ସମସ୍ୟାର ସମାଧାନ ମୁଠେ ମାଟି, ପାଉଁଶ ବା
ଛଅଖଣ୍ଡ କାଠ ସହ କିଛି ଖଇ କଉଡ଼ି ବି ଯାଉ।
ତଥାପି ବଞ୍ଚିବା ପାଇଁ
ସଂଗ୍ରାମର ଘମାଘୋଟ ଜମାଟ ଆସର,
ଦୁଇହାତେ ଲୁଣ୍ଠନର ଦସ୍ୟୁତା ସହିତ
ପଡ଼ିଉଠି ଧାଇଁବାର ବିକଳ ପ୍ରଚେଷ୍ଟା
ବଞ୍ଚିବାର, ସଞ୍ଚିବାର ମୋହ ଦୁର୍ନିବାର।

ସବୁ ଭିଟା, ମସନଦ୍, ଗଡ଼ି ହୋଇ ଗଲାପରେ
ମୋହ ଅସମ୍ଭବ, ଯା'ର ନାହିଁ ସମାଧାନ
ନେପଥ୍ୟରୁ ନିୟନ୍ତ୍ରିତ ସୀମିତ ସମୟଲେ,
ଏଇଯେ ଗୋଟିଏ ପଥେ ଯାତ୍ରୀ କାଳକୂଳେ
ଛାର ଏହି ଜୀବନର
ଔଦ୍ଧତ୍ୟ ଓ ଅନାଚାର,
ଧୋଇନେଇ ଯାଏ କାଳ, ସାଗର ସଲୀଳେ।

♥ ମଙ୍ଗଳପୁର, ଯାଜପୁର-୭୫୫୦୧୧
ମୋ: ୯୪୩୭୧୮୮୦୫୯



## ॥ ବିମଳର ମାଆ ॥

**ସୁବ୍ରତ କୁମାର ପଟ୍ଟନାୟକ**



ସଂସାର କହିଲେ- ଛଅ ଝିଅ
ଦି ପୁଅ, କୁକୁଡ଼ା ଛେଳି, ହଳେ ହଡ଼ା ବଳଦ
ସୁରୁଜ ଚନ୍ଦର ଦିଶୁଥିବା ଦଦରା ଚାଳଘର।

ଫୁଙ୍ଗୁଳା ଦିହରେ ଯୁଝୁଥାଏ ଶୀତରାତି
ଛିଡ଼ା ମଶିଣାରେ କାକର, କୁହୁଡ଼ି।
କପାଳରେ ବୋଳିଥାଏ କଷଣ-ଚନ୍ଦନ
ଲୁହରେ ହରିନାମ।

ମାଣେ କି ଗୁଣ୍ଠେ ବିଲ।
ହଳପାଇଁ ହାଡ଼ର ଲଙ୍ଗଳ
ଛାତିକୁ ମାଟି, କଳିଜାକୁ ଖତ
ପଙ୍କ କାଦୁଅରେ ଭାଗ୍ୟକୁ ସାତଫାଳ।

ଈଶ୍ୱରଙ୍କୁ ମାଗୁଥାଏ ବର
କୋହ-କର୍ପୂରରେ କରିବ ଆଳତୀ
ଆୟୁଷରେ ଚମ୍ପାଫୁଲ
ଜପରେ ଗଜରା ହାର
କୋକେଇରେ କୀର୍ତ୍ତନ
ଶ୍ରାବଣରେ ଶ୍ମଶାନ।

ଆହା, କେତେ ନିରିମାଖି ଆମ ଗାଁ।
ଦେଖୁଥାଏ, କେମିତି ନିରବରେ ଆରପାରିକୁ
ଚାଲିଯାଉଛି ବିଚରା ବିମଳର ମାଆ।

♥ ଓରାଳି, କେନ୍ଦୁଝର
ମୋ- ୯୯୩୭୭୯୧୨୪୪



# ଅଗଷ୍ଟ କ୍ରାନ୍ତି ଦିବସ

ଜୟଶ୍ରୀ ପଟ୍ଟନାୟକ

ବିଶାଳ ଦେଶ ଭାରତକୁ ବିଭିନ୍ନ ସମୟରେ ବିଭିନ୍ନ ଭାଷା ଭାଷୀ ଲୋକ ଆସି ରାଜତ୍ୱ କରୁଥିଲେ ନିଜର ସାମ୍ରାଜ୍ୟ ବିସ୍ତାର କରୁଥିଲେ ଯଥା ପର୍ତ୍ତୁଗୀଜ, ମରହଟ୍ଟା , ଫରାସୀ, ଇଂରେଜ ପ୍ରଭୃତି । ହେଲେ ୧୭୫୭ ପଲାସୀ ଯୁଦ୍ଧ ପରେ ଇଂରେଜ ନିଜର ପ୍ରଭୁତ୍ୱ ଜାହିର କରି ନିଜର ସାମ୍ରାଜ୍ୟବାଦ ନୀତି ଏବଂ ଅର୍ଥନୈତିକ ଶୋଷଣ ଆରମ୍ଭ କରିଦେଇଥିଲା । ଫଳରେ ଭାରତର ଧନ ଜନ ବିଭିନ୍ନ ସମୟରେ ଇଂରେଜ ଅଧିକୃତ ହେଉଥିଲା । ଏହି ବିପ୍ଳବର ଶହେ ବର୍ଷ ପରେ ଅର୍ଥାତ ୧୮୫୭ ମସିହାରେ ଇଂରେଜର ମନମୁଖୀ ଶାସନର ଅନ୍ତ ଘଟାଇବା ସକାଶେ ସିପାହୀ ବିଦ୍ରୋହ ସୃଷ୍ଟି ହୋଇଥିଲା । ସେଠି ଜନ ସାଧାରଣ ଜାତି, ଧର୍ମ ଏମଂ ସମ୍ପ୍ରଦାୟ ସବୁ ଭୁଲି କେବଳ ଜଣେ ମାତ୍ର ଶତୃ ଇଂରେଜ ବିରୋଧରେ ଲଢ଼େଇ କରିଥିଲେ । ସିପାହୀ ବିଦ୍ରୋହରେ ଭରତୀୟ ମାନେ ବିଜୟୀ ନ ହୋଇଥିଲେ ବି ସେମାନଙ୍କର ମନୋବଳ ସାହସ ଏବଂ ପ୍ରତିରୋଧକ ଶକ୍ତି ଦେଖି ଇଂରେଜ ମାନେ ଛାନିଆ ହୋଇ ଯାଇଥିଲେ । ସିପାହୀ ବିଦ୍ରୋହ ପରେ ସ୍ୱଧୀନତା ସଂଗ୍ରାମ ଚାଲୁ ରଖିବା ପାଇଁ ଭାରତୀୟ ମାନେ ଶକ୍ତି ସଂଗ୍ରହ କରିବାରେ ଲାଗିଲେ । ସେମାନଙ୍କର ନେତୃତ୍ୱ ନେଲେ ଗାନ୍ଧିଜୀ । ସେ ଉଭୟ ହିନ୍ଦୁ ଓ ମୁସଲମାନ ମାନଙ୍କ ମଧରେ ସମତା ରକ୍ଷା କରିବାରୁ ଇଂରେଜ ଶାସକ ମାନଙ୍କ ପ୍ରତି ଗାତ୍ରଦାହ ହେଲା । ଫଳରେ ଇଂରେଜ ହିନ୍ଦୁ ଓ ମୁସଲମାନ ମାନଙ୍କ ମଧ୍ୟରେ ବିଦ୍ୱେଷର ବୀଜ ବୁଣିଲା କ୍ରମେ ଏହା ଆମକୁ ଭାରତ ବିଭାଜନ ଆଡକୁ ଟାଣି ନେଲା ହେଲେ ଭାରତର ସ୍ୱାଧୀନତା ପରିଶେଷରେ ଆଣିବାରେ ସକ୍ଷମ ହୋଇଥିଲା ।

୧୮୫୭ ଠାରୁ ହୋଇଥିବା ସ୍ୱାଧୀନତା ସଂଗ୍ରାମ ରେ ୧୯୪୨ ମସିହାର ଭାରତ ଛାଡ ଆନ୍ଦୋଳନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ଯାହା ଅଗଷ୍ଟ ବିପ୍ଳବ ବା ଅଗଷ୍ଟ କ୍ରାନ୍ତି ନାମରେ ନାମିତ । ୧୯୪୨ ମସିହାର ଅଗଷ୍ଟ ୯ ତାରିଖ ଭାରତଛାଡ ଆନ୍ଦୋଳନ ବା ଅଗଷ୍ଟ ବିପ୍ଳବ ଥିଲା ଭାରତର ପୂର୍ଣ୍ଣ ସ୍ୱଧୀନତା ପ୍ରାପ୍ତିର ଲକ୍ଷ ପଥେ ଗାନ୍ଧିଜୀଙ୍କ ଦ୍ୱାରା ସୁସଙ୍ଗଠିତ ଏକ ଐତିହାସିକ ଗଣବିପ୍ଳବ । ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଅଗଷ୍ଟ ୮,୧୯୪୨ ମସିହାରେ ଆରମ୍ଭ ହୋଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଭାରତର ପୂର୍ଣ୍ଣ ସମର୍ଥନ କରିଥିଲା ବ୍ରିଟେନକୁ ଯୁଦ୍ଧପରେ ଭାରତକୁ ପୂର୍ଣ୍ଣ ସ୍ୱରାଜ ମିଳିବ ଏହି ଆଶାରେ । ଇଂଲଣ୍ଡର ପ୍ରଧାନମନ୍ତ୍ରୀ ସାର ଷ୍ଟାଫର୍ଡ କ୍ରିପସ୍ ୧୯୪୨ ମାର୍ଚ୍ଚ ମାସରେ ଭାରତକୁ ସ୍ୱାଧୀନତା ଦେବା ପାଇଁ ଭାରତ ପରିଭ୍ରମଣରେ ଆସିଥିଲେ । ଭାରତୀୟ ମାନେ ବିଶ୍ୱାସ କରିଥିଲେ କି କ୍ରିପସ୍ ତାଙ୍କ ପ୍ରସ୍ତାବରେ ଭାରତର ସ୍ୱାଧୀନତା ଘୋଷଣା କରିବେ ବୋଲି ମାତ୍ର ତାହା ତାଙ୍କର ଉଦ୍ଦେଶ୍ୟ ନ ଥିଲା ଜାଣି ଏବଂ ଭାରତକୁ ଆଶ୍ରିତ ରାଜ୍ୟ ଭାବେ ଗ୍ରହଣ ନିମନ୍ତେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବ୍ରିଟିଶ ପାର୍ଲାମେଂଟରେ ପାଶ କରିବେ ବୋଲି ପ୍ରସ୍ତାବ ଦେବା ଫଳରେ କଂଗ୍ରେସ ଓ ମୁସଲିମ ଲିଗ୍ ନେତାମାନେ ତାଙ୍କର ଏହି ପ୍ରସ୍ତାବକୁ ବିରୋଧ କରି ଗାନ୍ଧିଜୀଙ୍କ ନେତୃତ୍ୱରେ ଭାରତ ଛାଡ ଆନ୍ଦୋଳନ ଆରମ୍ଭ କଲେ । ୧୯୪୨ ଅଗଷ୍ଟ ୭ ଗୋଆଲିଆ ଟ୍ୟାଙ୍କ ମୈଦାନରେ ନିଖିଳ ଭାରତ କଂଗ୍ରେସ କମିଟି ବୈଠକରେ ଏହି ଭାରତ ଛାଡ ପ୍ରସ୍ତାବକୁ ଚୂଡାନ୍ତ ରୂପ ଦେବାପାଇଁ ନିଷ୍ପତି ଗ୍ରହଣ କରାଗଲା । ଅଗଷ୍ଟ ୮ ରେ ମଧ ରାତ୍ରିରେ କଂଗ୍ରେସ କମିଟି ଭାରତ ଛାଡ କରିବା ପାଇଁ ଦୃଢ଼ ସଂକଳ୍ପ ଗ୍ରହଣ କଲା । ବାପୁଜୀ ମୁସଲମାନ, ଛାତ୍ର, ସୈନିକ, ସାମ୍ବାଦିକ, ସରକାରୀ କର୍ମଚାରୀ ସମେତ ସମଗ୍ର ଦେଶବାସୀଙ୍କୁ ନିଜର ଅଗ୍ନିବର୍ଷା ଭାଷଣ ମାଧ୍ୟମରେ ଆହ୍ୱାନ କଲେ କଂଗ୍ରେସ ଯେଉଁ ଲଢ଼େଇ କରୁଛି ତାହା ସମଗ୍ର ଜାତିପାଇଁ ସଂଗ୍ରାମ କରୁଛି । ଏଥିପାଇଁ ହିନ୍ଦୁ ମୁସଲମାନ ମନ ଭିତରେ ବିଦ୍ୱେଷ ଭାବ ନ ରଖି ଅନ୍ତରର ସହ ମିଶିଯିବା ଦରକାର । ସମସ୍ତଙ୍କର ମନରେ ଭାରତକୁ ଇଂରେଜ କବଳରୁ ମୁକ୍ତ କରିବା ପାଇଁ କର ଅବା ମର ମନ୍ତ୍ରକୁ ଆପଣେଇନେବା ଦରକାର । ପ୍ରତ୍ୟେକ ପୁରୁଷ ଓ ମହିଳା ସଂଗ୍ରାମରେ ଯୋଗ ଦେବା ମୁକ୍ତି ହାସଲ ନ ହେବା ଯାଏଁ ବିଶ୍ରାମ ନ ନେବାପାଇଁ ଥିଲା ଦେଶବାସୀଙ୍କ ପାଇଁ ଆହ୍ୱାନ । ଏ ଆହ୍ୱାନ ଥିଲା ଗାନ୍ଧିଜୀଙ୍କର ଦେଶର , ଜାତିର , ନିଜ ମାତୃଭୂମିକୁ ଇଂରେଜ ହସ୍ତରୁ ମୁକୁଳେଇବାର । ଦୁର୍ଭାଗ୍ୟ ବଶତଃ ଅଗଷ୍ଟ ୯ ପ୍ରଭାତର ସୂର୍ଯ୍ୟୋଦୟ ପୂର୍ବରୁ ଗାନ୍ଧିଜୀଙ୍କୁ ପୁଲିସ ଗିରଫ କରିନେଲେ । ତାଙ୍କୁ ନେଇ ଆଗା ଖାଁ ପ୍ରାସାଦରେ ବନ୍ଦୀ ରଖାଗଲା । ତାଙ୍କ ସହ ଥାଆନ୍ତି ସରୋଜିନୀ ନାଇଡୁ, ମହାଦେବ ଦେଶାଇ, ଓ ମୀରାବେନ ପରବର୍ତି ସମୟରେ ସର୍ଦ୍ଦାର ପଟେଲ , ନେହେରୁ, ଗୋବିନ୍ଦ ବଲ୍ଲଭ ପନ୍ଥ, ଆଚାର୍ଯ୍ୟ ନରେନ୍ଦ୍ର ଦେବ , କସ୍ତୁରବା ଙ୍କୁ ମଧ୍ୟ ଗିରଫ କରାଗଲ ଗାନ୍ଧୀଙ୍କର ଗିରଫ ସହିତ ଅନ୍ୟ ତୁଙ୍ଗ ନେତାଙ୍କର ଗିରଫ ଫଳରେ ଦେଶର କୋଣ ଅନୁକୋଣରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେଲା । ଜାତି ଧର୍ମ ନିର୍ବିଶେଷରେ ଦେଶବାସୀଙ୍କ ମଧ୍ୟରେ ମୁକ୍ତି ପାଇଁ ବିଦ୍ରୋହର ବହ୍ନି ତେଜି ଉଠିଲା । ଅଗଷ୍ଟ ୯ ରେ ଅରୁଣା ଆସଫ ଅଲ୍ଲୀ ତ୍ରିରଙ୍ଗା ଧରି ଯୁଦ୍ଧର ଗତିକୁ ବଢ଼ାଇଲେ । ଅନ୍ୟ ଅଂଚଳରେ ମଧ୍ୟ ନେତାମାନେ ଯୁଦ୍ଧର ନେତୃତ୍ୱ ନେଲେ । ଉତ୍ୟକ୍ତ ଜନତା ପୋଷ୍ଟ ଅଫିସ, ଆକ୍ରମଣ , ପୋଲ ଭାଙ୍ଗିବା, ରେଳ ଲାଇନ ଉଡାଇବା, ଟେଲିଫୋନ ଖୁଂଟ ଉପାଡିଲେ । ଦେଶରେ ଧନ ଜୀବନ ନଷ୍ଟ ହେଲା । ସରକାରୀ ଆକଳନ ଅନୁସାରେ ଅନେକ ସଂଗ୍ରାମୀ ମୃତାହତ ହେଲେ ଓ ଗିରଫ ମଧ ହେଲେ । ଭାରତର ବିଭିନ୍ନ ପ୍ରାନ୍ତରରେ ସଂଗ୍ରାମ ଜାରି ରହିଲା । ଓଡିଶାରେ ମଧ୍ୟ ଏହି ବିଦ୍ରୋହ ଉଗ୍ର ରୂପ ଧାରଣ କରିଥିଲା । ବାଲେଶ୍ୱର ଜିଲ୍ଲା ଭଦ୍ରକର ଇରମ ମେଳଣ ପଡିଆ ବ୍ରିଟିଶ ଫଉଜ ସମେତ ସତ୍ୟାଗ୍ରହୀଙ୍କ ଉପରେ ଆଖିବୁଜା ଗୁଳିମାଡ କଲେ । ରକ୍ତ ରଞ୍ଜିତ ହେଲା ଇରମ । ମହତାବ ଓ ରମାଦେବୀଙ୍କୁ ଗିରଫ କରାଗଲା । ସେହିପରି ଶତାଧିକ କଂଗ୍ରେସ କର୍ମୀ ଅଗଷ୍ଟ ୨୧ ରେ କଂଗ୍ରେସ ସରକାରୀ କାର୍ଯ୍ୟାଳୟ ଚଢ଼ଉ କରି ଜଣେ ଫରେଷ୍ଟ ଗାର୍ଡକୁ ଆହତ କରିଥିବାରୁ ଗିରଫ କରାଯାଇ ୧୯୪୩ ଅଗଷ୍ଟ ୨୯ ରେ ବ୍ରହ୍ମପୁର ଜେଲରେ ଫାଶି ଦିଆଗଲା । ଏହି ହିଂସା ଫଳରେ ଗାନ୍ଧିଜୀଙ୍କ ଅହିଂସା ନୀତି ପ୍ରଭାବିତ ହେଲା । ଇଂରେଜ ସରକାର କଂଗ୍ରେସକୁ ବେଆଇନ ଘୋଷଣା କରି କଂଗ୍ରେସ ଅଫିସ ଦଖଲ କଲେ । ଗଣ ଆନ୍ଦୋଳନ ପାଇଁ ଲର୍ଡ ଲିନ୍‌ଲିଥଗୋ ଓ ବ୍ରିଟିଶ ପ୍ରଧାନମନ୍ତ୍ରୀ ଉଇନ୍‌ଷ୍ଟଟନ୍ ଚର୍ଚ୍ଚିଲ ଗାନ୍ଧୀଙ୍କୁ ଖୁବ୍ ସମାଲୋଚନା କଲେ । ହିଂସାପାଇଁ ଗାନ୍ଧୀଙ୍କୁ ଦାୟୀ କରାଗଲା ଲଣ୍ଡନ ଓ ଆମେରିକାରେ ଖୁବ୍ ସମାଲୋଚନା କରାଗଲା । ଗାନ୍ଧୀ ଏହି ସମାଲୋଚନାର ପ୍ରତିବାଦରେ ଫେବୃୟାରୀ ୧୦ରୁ ୨୧ ଦିନ ଆମରଣ ଅନଶନ କଲେ । । ଏହି ଆଲୋଡନ ବିଶ୍ୱ ସ୍ତରରେ ହଇଚଇ ସୃଷ୍ଟି କଲା । ଠିକ ସେତିକିବେଳେ ମହାଦେବ ଦେଶାଇ ଓ କସ୍ତୁରବାଙ୍କର ମୃତ୍ୟୁ ଗାନ୍ଧୀଙ୍କୁ ବହୁତ ଦୁଃଖ ଦେଲା । ତଥାପି ଅନଶନରତ ଥିଲେ ଗାନ୍ଧିଜୀ । ୧୯୪୪ ମେ,୬ ରେ ସରକାର ଗାନ୍ଧୀଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ କାରାମୁକ୍ତ କରିଥିଲେ ।

ବାଲେଶ୍ୱର ଜିଲ୍ଲା ଭଦ୍ରକର ଇରମ ମେଳଣ ପଡିଆ ବ୍ରିଟିଶ ଫଉଜ ସମେତ ସତ୍ୟାଗ୍ରହୀଙ୍କ ଉପରେ ଆଖିବୁଜା ଗୁଳିମାଡ କଲେ । ରକ୍ତ ରଞ୍ଜିତ ହେଲା ଇରମ । ମହତାବ ଓ ରମାଦେବୀଙ୍କୁ ଗିରଫ କରାଗଲା । ସେହିପରି ଶତାଧିକ କଂଗ୍ରେସ କର୍ମୀ ଅଗଷ୍ଟ ୨୧ ରେ କଂଗ୍ରେସ ସରକାରୀ କାର୍ଯ୍ୟାଳୟ ଚଢ଼ଉ କରି ଜଣେ ଫରେଷ୍ଟ ଗାର୍ଡକୁ ଆହତ କରିଥିବାରୁ ଗିରଫ କରାଯାଇ ୧୯୪୩ ଅଗଷ୍ଟ ୨୯ ରେ ବ୍ରହ୍ମପୁର ଜେଲରେ ଫାଶି ଦିଆଗଲା । ଏହି ହିଂସା ଫଳରେ ଗାନ୍ଧିଜୀଙ୍କ ଅହିଂସା ନୀତି ପ୍ରଭାବିତ ହେଲା ।

ବାସ୍ତବରେ ୧୯୪୨ ମସିହା ଥିଲା ସ୍ୱାଧୀନତା ଆନ୍ଦୋଳନର ଇତିହାସରେ ଏକ ଗୌରବମୟ ବର୍ଷ । ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଛାଡ ପ୍ରସ୍ତାବ ଆଗତ କରାଯାଇଥିଲା କଂଗ୍ରେସର କାର୍ଯ୍ୟକାରୀ କମିଟି ୧୯୪୨ ମସିହା ଜୁଲାଇ ୧୪ ତାରିଖରେ ଓ୍ୱାର୍ଦ୍ଧା ଠାରେ ଭାରତ ଛାଡ ଆନ୍ଦୋଳନର ପ୍ରସ୍ତାବ ଗ୍ରହଣ କରି ଏହା ସାଧାରଣ ଅଧିବେଶନରେ ଗୃହୀତ ହେବାପାଇଁ ନିଷ୍ପତି ନିଆଗଲା । ତେଣୁ ଅଗଷ୍ଟ ୮ ତାରିଖ ଦିନ ମୁମ୍ବାଇସ୍ଥିତ ଗୋଆଲିଆ ପୋଖରୀ ପଡିଆରେ ଏକ ସାଧାରଣ ଅଧିବେଶନ ଆହୂତ ହେଲା । ଅଗଷ୍ଟ ୯ ସକାଳେ ଗାନ୍ଧିଜୀଙ୍କ ସମେତ କଂଗ୍ରେସ କାର୍ଯ୍ୟକାରୀ କମିଟିର ଅନ୍ୟାନ୍ୟ ସଦସୀଙ୍କୁ ଗିରଫ କରି ଜେଲକୁ ନିଆଗଲା । ୧୯୪୪ ଜେଲରୁ ମୁକୁଳିଲା ପରେ ଦେଶ ସ୍ୱାଧୀନତା ହେବା ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଗାନ୍ଧୀ ତାଙ୍କର ଅହିଂସା ଆନ୍ଦାଳନ ଜାରି ରଖିଥିଲୋ । ଏହି ଦିନ ଠାରୁ ଭାରତୀୟ ମନରେ କ୍ରାନ୍ତି ସୃଷ୍ଟି ହୋଇଥିଲା । ଇଂରେଜ ଶାସନର ଅବସାନ ପାଇଁ ଅଗଷ୍ଟ ବିପ୍ଳବ ଅନ୍ତିମ ସୋପାନ ଥିଲା । ଅଗଷ୍ଟ ୧୫ , ୧୯୪୭ ମସିହାରେ ଦେଶ ସ୍ୱାଧୀନତା ପାଇଁ ପଥ ପରିଷ୍କାର ହୋଇଗଲା । ଯାହା ସ୍ୱାଧୀନତାରେ ପ୍ରତିଫଳିତ ହୋଇ ଏ ଦେଶକୁ ଇଂରେଜ କବଳରୁ ମୁକ୍ତ କରିଥିଲା । ସବୁଦିନ ପାଇଁ ବ୍ରିଟିଶ ଶକ୍ତି ଭାରତ ଛାଡିବାକୁ ବାଧ୍ୟ ହୋଇଥିଲେ । ଏହି ଐତିହାସିକ ବିପ୍ଳବ ଥିଲା ଭାରତର ସ୍ୱାଧୀନତା ପାଇଁ ଏକ ମୁକ୍ତିର ମଶାଲ ।


♥ ଭୁବନେଶ୍ୱର
୭୯୭୮୧୧୦୪୭୪


ଗୋଟେ ଅନୁଭବୀ ଗପ

# ଚରୈବେତି...





ଆଦ୍ୟାଶା ମହାପାତ୍ର

ମୋ ବାପା ମା ଦୁଇଜଣଯାକ ଦାଦନ ଖଟିବାକୁ ଯାଇ ଆଉ ଫେରି ନାହାନ୍ତି । ଆମେ ଶୁଣିଲୁ କଉ ଗୋଟେ ରୋଗରେ ସେମାନେ ମରିଗଲେ ବୋଲି । ମୋ ଜେଜେମା' ସେବେଠୁ ଆମ କୌଳିକ ବୃତ୍ତି ମାଛ ବିକ୍ରି କରିବାକୁ ଗାଁଗଣ୍ଡା ବୁଲେ, ଯେଉଁ କାମଟା ସେ ଢେର ଦିନ ହେବ ଛାଡି ଦେଇଥିଲା । ମୁଁ ବି ତା ସାଙ୍ଗେ ସାଙ୍ଗେ ବୁଲେ । ହେଲେ ସେ ମୋ ଭଳି ଶୀଘ୍ର ଚାଲି ପାରେନି । ମୁଁ ତା ଆଗରେ ସବୁଦିନ । ସେତେବେଳକୁ ମୁଁ ଚାରି କି ପାଞ୍ଚ ବର୍ଷର ଝିଅ । ମୋ ଜେଜେମା' ମୋତେ ବାପା ମାଆର ସବୁ ସ୍ନେହ ଦେଇଛି । ମୋର ଅଳି ଅର୍ଦ୍ଦଳି ସହିଛି । ନିଜେ ଓପାସ ରହି ମୋତେ ଖୋଇଛି ।

ବେଳେ ବେଳେ ଘର କାମ ସାରି ବାହାରିବାକୁ ଡେରି ହେଲେ, ଜେଜେ ମା'ଏ ମୋତେ ପଠାଏ ରଘୁଦାଦାଙ୍କଠାରୁ ମାଛ ଆଠ ଦଶଟା ନେଇ ଆସିବାକୁ, ଯାହାକୁ ନେଇ ଆମେ ଗାଁରେ ବୁଲି ବିକ୍ରି କରୁ । ଶୀଘ୍ର ନଆଣି ଆସିଲେ ମାଛ ସରିଯିବ ବୋଲି ଜେଜେମା ତାଗିଦ୍ କରେ । ସେଇଠୁ ମୁଁ ଧାଏଁ । ମୁଁ ଫେରିଲା ବେଳକୁ ତଥାପି ତା'ର କାମ ସରିନଥାଏ । ହସି ହସି ଜେଜେମା କୁହେ-'କି ଲୋ ଟୋକୀ, ତୁ ବିଜୁଳିକନ୍ୟା କି ?'

ସେଇ ଜେଜେମା ହିଁ ମୋ ଭିତରେ ଦୌଡିବା ନିଶା ଧରେଇଛି । ଜୀଇଁବାର କଳା ଶିଖାଇଛି । ପାଠ ପଢିବାକୁ ପ୍ରେରଣା ଦେଇଛି । ସେଇଠୁ ମୁଁ ଧାଇଁଛି ତ ଧାଇଁଛି , ଦୌଡିଛି ତ ଦୌଡିଛି । ଘରୁ ସ୍କୁଲ , ସ୍କୁଲରୁ ଘର । କେତେବେଳେ କ୍ଷେତରେ, କେତେବେଳେ ଗାଁ ରାସ୍ତାରେ ତ ଆଉ କେତେବେଳେ ପଡ଼ିଆରେ । ମୋ ପାଦ ଦୁଇଟା ଖୁଜୁବୁଜୁ ହେଇ ମୋତେ ଥୟ ଧରିବାକୁ ଦିଅନ୍ତି ନାହିଁ । ଗାଁ ଲୋକେ କହୁଥିଲେ ତୋ ପାଦରେ ଚକ ଲାଗିଛି କିଲୋ ? ମୋ ଜେଜେମା' କହେ ମୋ ନାତୁଣୀ ବନ ହରିଣୀ....!!

ମୋର କିଏ ଶୁଣୁଛି କାହା କଥା । ବାସ୍ ମୋତେ ଭଲ ଲାଗେ ଧାଇଁବାକୁ । ଜୋରରେ..., ଖୁବ୍ ଜୋରରେ...!!

ମୁଁ ଧାଇଁ ଧାଇଁ ଧରେ ପରଜାପତି । ଧାଏଁ କୁକୁଡ଼ା ପଛରେ , କୁକୁର ପଛରେ, ସାଇକେଲ ପଛରେ.. । ଧାଇଁବା ଖେଳ ଦେଖିବାକୁ ମୋତେ ଭାରି ଭଲ ଲାଗେ । ଖେଳାଳି ମେଡାଲ ନେଲାବେଳେ ମୋ ଭିତରେ କିଛି ଗୋଟେ ଖୁଜୁବୁଜୁ ହୁଏ । ସେଇଠୁ ଇଛା ହୁଏ ଆହୁରି ଜୋରରେ ଦୌଡିବାକୁ । ସମସ୍ତଙ୍କୁ ଦୌଡ ଖେଳରେ ପଛରେ ପକେଇଦେବାକୁ । ହେଲେ ସେମାନଙ୍କ ପରି ମୋ ପାଦରେ ଜୋତା ନଥାଏ । ଜୋତା କିଣିବାକୁ ପଇସା ନଥାଏ ।

ତଥାପି ଧାଏଁ ଖାଲି ପାଦରେ । ଖାଲ ଢିପରେ, ହିଡ଼ ଉପରେ, ବିଲ ଖାଲରେ । ଆହୁରି ବି ଧାଏଁ ଆକାଶରେ ଧାଉଁଥିବା ମେଘଖଣ୍ଡ ପଛରେ, ଉଡାଜାହାଜ ପଛରେ । ଯେଉଁଦିନ ସବୁ ପିଲାଙ୍କୁ ପଛରେ ପକାଇ ସ୍କୁଲ ଖେଳରେ ପ୍ରଥମ ହୋଇ ପୁରସ୍କାର ପାଇଲି, ସେବେଠୁ ଆହୁରି ଭଲ ଦୌଡିବାକୁ ଚାହିଁଲି ମୁଁ ବି ବେଳେବେଳେ ଭାବେ ସତକୁ ସତ ମୁଁ ହୋଇଯାନ୍ତି କି ବିଜୁଳିକନ୍ୟା ଅବା ବଣହରିଣୀ ! ବେଳେବେଳେ ଏସବୁ ରୂପରେ ନିଜକୁ ଦେଖେ ସ୍ୱପ୍ନରେ...!!!

ଦିନେ ଆସନ୍ତି ଜଣେ ଦେବଦୂତ ।

ପଚାରନ୍ତି-' ତୋର ପର ଦରକାର ? ଚାଲ୍ ମୁଁ ତୋ ଦେହରେ ଖଞ୍ଜିଦେବି । ତୁ ଛୁଇଁବୁ ବାଦଲକୁ, ଛୁଇଁବୁ ଆକାଶକୁ । ଚାଲ୍ ଧାଇଁବୁ ସ୍ୱପ୍ନ ପଛରେ । ଚାଲ୍ ଧାଇଁବୁ ଇଛା ପଛରେ ।'

-' ହେଲେ ଆମ ପାଖରେ ପଇସା କାହୁଁ ଆସିବ ?'

ଦେବଦୂତ ଜୋତା ସାଙ୍ଗରେ ନେଇଆସି ପହଞ୍ଚିଲେ । ସତେକି ସେ ଖଞ୍ଜିଦେଲେ ମୋ ଦେହରେ ଡେଣା ! ଯୋତା ଭିତରେ ପାଦ କାଟିଲା । ଫୋଟକା ହେଇଗଲା ଅନଭ୍ୟସ୍ତ ପାଦରେ । ହେଲେ ସେ ସବୁକୁ ଭ୍ରୁକ୍ଷେପ ନଥିଲା ମୋର ।

ଏଥର ଲାଗିଲା ସତରେ ତ ବିଜୁଳି କନ୍ୟାଟାଏ ମୁଁ , ମୋତେ କିଏ ଅଟକେଇ ପାରିବ ? ପୁଣି ଧାଇଁଲି । ଧାଇଁଲା ବେଳେ ଅଦୃଶ୍ୟ ଡେଣା ଦୁଇଟା ମୋ ଦେହରେ ଲାଗିଯାଏ ଚାହୁଁ ଚାହୁଁ ।

ମୁଁ ସହରରେ ପହଞ୍ଚିଗଲି, ପାଠ ପଢିବାକୁ, ଖେଳିବାକୁ, ସ୍ୱପ୍ନ ପୁରଣ କରିବାକୁ.. । ଯନ୍ତ୍ର ଚାଳିତ ଯାନ ସହିତ ଧାଇଁବାକୁ ଚେଷ୍ଟା କଲି । ଆଉ କେବଳ ଆକାଶଟା ଛୁଇଁବା ବାକି ଥିଲା ଯାହା ।

ହଁ , ମୋତେ ଅଲିମ୍ପିକରେ ଦୌଡଖେଳ ପାଇଁ ସୁଯୋଗ ମିଳିଲା । ମୋ ଦେଶ, ମୋ ରାଜ୍ୟ, ମୋ ଗାଁ, ମୋ ଜେଜେ ମା', ମୋ ପାଇଁ ଦେବଦୂତ ସାଜିଥିବା ବାସୁ ସାର୍‌ଙ୍କ ପାଇଁ ମୋର ଜିତିବାର ସମୟ ଆସିଥିଲା ।

ମୁଁ ସମସ୍ତଙ୍କଠାରୁ ଆଶିର୍ବାଦ ନେଇ ଟ୍ରେନରେ ବସିଲି ।

ମୋର ଆଉ କିଛି ମନେ ନାହିଁ । ଚେତା ଆସିଲା ତ' ନିଜକୁ ପାଇଲି ମେଡିକାଲ ବେଡରେ । ଟ୍ରେନ ଦୁର୍ଘଟଣାରେ ସବୁକିଛି ମୁଁ ହରେଇ ବସିଛି । ଆଣ୍ଠୁ ତଳକୁ ମୋର ଗୋଡ ନାହିଁ । ସତେ ମୋର ଆକାଶ ଛୁଇଁବାର ଆସ୍ପର୍ଦ୍ଧା ଧୂଳିସାତ୍ ହୋଇ ଯାଇଛି । ଆଉଥରେ ଆଖି ବୁଜିବାକୁ ଚେଷ୍ଟା କରୁଥିଲି । ଏତିକି ବେଳକୁ ପରିଚିତ ସ୍ୱରଟିଏ ଶୁଭିଲା । ଆଖି ଖୋଲିଲି ।

-' ରେବତୀ, କେମିତି ଲାଗୁଛି ଏବେ !' ସେ ସ୍ୱର ଥିଲା କୋହ ଭରା । ମୁଁ ଆଶ୍ୱସ୍ତ ହେଲି । ମୋ ମୁହଁରେ ସ୍ୱତଃ ହସଟିଏ ଖେଳିଗଲା ।

-'ଆପଣ ମୋ ପାଖରେ ଅଛନ୍ତି ସାର । ମୋର କିଛି ଅସୁବିଧା ହେବ ନାହିଁ ।'

-'ମୁଁ ଭାବୁଛି ତୁମେ ପାରାଅଲମ୍ପିକ ରେସ୍ ପାଇଁ ପ୍ରସ୍ତୁତ ହେଲେ ଭଲ ହେବ ।'

ବାସୁ ସାର୍‌ଙ୍କ ଏ କଥାରେ ମୁଁ ଏଥର କାନ୍ଦି ପକେଇଲି । ଏ କାନ୍ଦ ମୋର ଖୁସିର ! ଅଧୁରା ସ୍ୱପ୍ନ ପୁରଣ କରିବାକୁ କେହି ଜଣେ ପରମାତ୍ମୀୟ ଅନ୍ତତଃ ମୋ ପାଖରେ ଆଜି ବି ଠିଆ । ଶିକ୍ଷକ ରୂପରେ ସେ ମୋ ପାଇଁ ଈଶ୍ୱର ନିଶ୍ଚୟ । ମୋତେ ଏବେ ପାରାଅଲମ୍ପିକ ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ପଡିବ । ପୁଣି ସ୍ୱପ୍ନ ଦେଖିବା ଆରମ୍ଭ କରିସାରିଛି ମୁଁ, ସେଇ ଅଖ୍ୟାତ ପଲ୍ଲୀର ରେବତୀ...., ସ୍ୱର୍ଗତ ଶ୍ୟାମସୁନ୍ଦରଙ୍କ ଝିଅ ।

ଜୀବନର ଅନ୍ୟ ନାମ ତ ଆଗକୁ ବଢିବା...! ମୁଁ ବି ବଢିବି ।

ମୋ ଜେଜେମା' ଆଜି ବି ଗାଁ ଗଣ୍ଡାରେ ବୁଲୁଛି..!!!


♥ ନୂଆପଡା, କଟକ


ଗୋଟେ ଛୋଟ ଗଳ୍ପ

# ସ୍ୱାଧୀନତା ଦିବସ



ସୁଷମା ପରିଜା

ଘର ପାଖ ବଜାର ରୁ ସଉଦା ପତ୍ର ଧରି ଫେରୁଥିଲି ମୁଁ । ଆଜି ଅଗଷ୍ଟ ମାସ ପନ୍ଦର ତାରିଖ, ଭାରତ ର ସ୍ୱାଧୀନତା ଦିବସ । ସରକାରୀ ଛୁଟିଦିନ ଟିଏ, ସବୁ ଅଫିସ୍ ଛୁଟି । ସହଜେ ତ କରୋନା ଆତଙ୍କ ରେ ଦୁଇବର୍ଷ ହେଲା ସ୍କୁଲ୍ କଲେଜ୍ ବନ୍ଦ ରହିଛି । ଭିଡ ଶୂନ୍ୟ ବଜାରଘାଟ ।ତଥାପି ଘରକୁ ଯିବା ବାଟରେ ଖେଳ ପଡିଆ ପାଖରେ ଲୋକ ଭିଡ ଦେଖି ଅଟକି ଗଲି । ଏଇ ଅଳ୍ପ ସମୟ ପୂର୍ବରୁ ସରିଛି ମୋ' ସହରର ଏଇ ବିରାଟ ଖେଳ ପଡିଆ ରେ ହେଉଥିବା ପଚସ୍ତରିତମ ସ୍ୱାଧୀନତା ଦିବସର ମହାସଭା ଟିଏ ।ଧଳା ବ୍ଲିଚିଂ ପାଉଡର୍ ର ଘେର ଭିତରେ ପୋତା ହୋଇଥିବା ଖୁମ୍ବରେ ଡେର୍ ଉଚ୍ଚ ରେ ଫରଫର ହୋଇ ଉଡୁଛି ଆମ ତ୍ରିରଙ୍ଗା ପତାକା । ସମସ୍ତ ଭାରତୀୟ ମାନଙ୍କ ଛାତିରେ ଦେଶପ୍ରେମ ର ସହସ୍ର ଆଲୋକବର୍ତ୍ତିକା ଜାଳି ଆମ ସ୍ୱାଧୀନତା ସଂଗ୍ରାମ ର ବିଜୟ ଗାନ କରୁଛି ।

କିନ୍ତୁ ପଡିଆ ର ଚତୁଃପାର୍ଶ୍ୱ ର ଦୃଶ୍ୟ ଟିକିଏ ଭିନ୍ନ । ପତାକା ଖୁମ୍ବ ତଳେ ବିଛାଡି ହୋଇ ପଡିଛି ଗେଣ୍ଡୁଫୁଲର ପାଖୁଡା, ଯାହା କୁ ଦଳି ମକ୍ଟି ଚାଲି ଯାଇଛନ୍ତି ଅନେକ, ପଡିଆ ମଝିରେ ଖାଲି ଚୌକି ମାନେ ଇତସ୍ତତଃ ହୋଇ ପଡିଛନ୍ତି, ଲୋକମାନେ ସେଇ ପଡିଆ ର ଗେଟ୍ ଦେଇ ବାହାରକୁ ବାହାରି ଆସୁଛନ୍ତି ଦଳ ଦଳ ହୋଇ । ତନ୍ମଧ୍ୟ ରୁ ଥୋକାଏ ଆହୁରି ଠିଆ ହୋଇ ରହିଥାନ୍ତି ପଡିଆ ର ଗୋଟାଏ କ'ଣ କୁ । ସେଠାରେ କିଛି ଅସୁବିଧା ହୋଇଛି ବୋଲି ଭାବି ସେଇ ଆଡକୁ ପାଦଟା ଆପେ ଆପେ ଟାଣି ହୋଇଗଲା ମୋ'ର । ଆଖିରେ ପଡିଲା ଗୋଟିଏ ଗତାନୁଗତିକ ଦୃଶ୍ୟ । ପଡିଆ ର ସେଇ କୋଣଟିରେ ଗଦା ହୋଇଥିଲା ବ୍ୟବହାର ପରେ ପରିତ୍ୟକ୍ତ ଖାଦ୍ୟ ପ୍ୟାକେଟ୍ ଆଉ ପ୍ଲାଷ୍ଟିକ୍ ଗ୍ଲାସ୍ ସବୁ, ପ୍ଲାଷ୍ଟିକ୍ ର ଜାତୀୟ ପତାକା ମାନେ ତଳେ ପଡି ନିର୍ବିଘ୍ନରେ ଉଡି ବୁଲୁଥିଲେ ପଡିଆରେ । ତହିଁକି ନଜର ନଥିଲା କାହାର । ଯିଏ ଯାହାର ସୁଖରେ ଚାଲି ଯାଉଥିଲେ ଯେଝା ବାଟରେ ।

ଇଏ ତ ସଚରାଚର ବିଦିତ ଯେ ଏମିତି ସଭାକୁ ଆୟୋଜନ କରୁଥିବା ମଣିଷଙ୍କର କାମ ହେଲା ସଭା କାର୍ଯ୍ୟ ପାଇଁ ମନ୍ଚ ସଜାଡିବା, ଲୋକ ଯୋଗାଡ କରିବା, ଖାଦ୍ୟ ପୁଡିଆ ସୁଚାରୁରୂପେ ବଣ୍ଟନ କରିବା । ପତାକା ଉତ୍ତୋଳନ ପରେ ନେତାଙ୍କ ଭାଷଣ ଆଉ ସଭା ସରିଲା ପରେ, ଖାଦ୍ୟ ପୁଡିଆ ପାଇଁ ସମସ୍ତଙ୍କ ଭିଡ । କୁଜି ନେତାଙ୍କ ଭିଡ କିଏ ନେତାଙ୍କର ବେଶୀ ଦୃଷ୍ଟି ଆକର୍ଷଣ କରିବ ।ସାଧାରଣ ଜନତା ଭାଷଣର ଗୋଟିଏ ଶବ୍ଦ ବୁଝୁ ବା ନବୁଝୁ ଖାଦ୍ୟ ପୁଡିଆ ହାତରେ ଧରି ଖୁସ୍ । ତାଙ୍କ ପାଇଁ ସେଇ ସ୍ୱାଧୀନତା ଦିବସର ଆନନ୍ଦ । ଆଉ ସଭା ସମାପ୍ତ ହେବା ପରେ ସଭାସ୍ଥଳର ତଦାରଖ କରେ କିଏ ? କେବଳ ସେଇମାନେ ଚାହିଁ ବସିଥାନ୍ତି ଏଇ ସମୟ କୁ ଯେଉଁ ମାନଙ୍କ ପାଖରେ ସେ ସଭାରେ ଯୋଗଦେବାର ସୁଯୋଗ ନଥାଏ କିନ୍ତୁ ଜଳଖିଆ ପ୍ୟାକେଟ୍ ର ମହମହ ବାସନା ସେମାନଙ୍କ ଭୋକ କୁ ଦ୍ୱିଗୁଣିତ କରୁଥାଏ । ସଭାସ୍ଥଳର ରୁ ଅନତିଦୂରରେ ଥାଇ ସେମାନେ ଅପେକ୍ଷା କରିଥାନ୍ତି ସଭା ସମାପ୍ତ ହେବାର ସମୟକୁ । ପଶୁ ହେଉ ବା' ମଣିଷ ସମସ୍ତେ ଲାଗିପଡନ୍ତି ଗୋଟାଏ ପ୍ରତିଯୋଗିତା ରେ , କିଏ ଆଗ ଯିବ ସେଠିକି ।

ମୋ' ଦୃଷ୍ଟି ପଡିଲା ସେଇ ଗଦା ଭିତରେ ପ୍ୟାକେଟ୍ ଗୁଡିକ ଆଡେଇ ଆଡେଇ ବଳକା ଖାଦ୍ୟ କିଛି ସଂଗ୍ରହ କରୁଥିବା ବାର ତେର ବର୍ଷ ର ଝିଅଟି ଉପରେ । ଯାହା ଖାଦ୍ୟ ଯୋଗ୍ୟ ବିବେଚିତ କରୁଥିଲା ସେ ତା'କୁ ଜରିରେ ପୁରାଇ କାନ୍ଧରେ ପକାଇଥିବା ମଳିଚିଆ ମୁଣିଟିରେ ଭର୍ତ୍ତି କରୁଥିଲା । ତା' ସହିତ ତା'ରି ବୟସର କି ତା' ଠାରୁ ସାନ ବଡ ଆହୁରି ତିନି ଚାରୋଟି ପୁଅ ପିଲା ମଧ ଲାଗି ପଡିଥିଲେ ସେଇ କାମରେ । ଝିଅଟିର ଚିରା ଫଟା ପୋଷାକ ଭିତରୁ ଉଙ୍କି ମାରି ଉଠୁଥିବା ତା'ର ମାଂସଳ ଶରୀରକୁ ଭୋକିଲା କୁକୁର ଭଳି ଏକ ଲୟରେ କିଛି ଦୂରରୁ ଚାହିଁ ରହିଥିଲେ ।


♥ ନୂଆବଜାର, କଟକ



ଇଏ ତ ସଚରାଚର ବିଦିତ ଯେ ଏମିତି ସଭାକୁ ଆୟୋଜନ କରୁଥିବା ମଣିଷଙ୍କର କାମ ହେଲା ସଭା କାର୍ଯ୍ୟ ପାଇଁ ମନ୍ଚ ସଜାଡିବା, ଲୋକ ଯୋଗାଡ କରିବା, ଖାଦ୍ୟ ପୁଡିଆ ସୁଚାରୁରୂପେ ବଣ୍ଟନ କରିବା । ପତାକା ଉତ୍ତୋଳନ ପରେ ନେତାଙ୍କ ଭାଷଣ ଆଉ ସଭା ସରିଲା ପରେ, ଖାଦ୍ୟ ପୁଡିଆ ପାଇଁ ସମସ୍ତଙ୍କ ଭିଡ ।


# ବସ୍ତୁବାଦୀ



ଘନଶ୍ୟାମ ପଲେଇ

ଏତେ ଦିନକୁ ପୂରଣ ହେଇଛି ସ୍ୱପ୍ନ । ଛୋଟମୋଟ ଚାକିରୀ କେତେ ବା ଦରମା । ପେଟ ପିଠିକୁ ଦେଖିଲାବେଳେ ମାସ ସରୁ ସରୁ ନିଅଣ୍ଟ । ତଥାପି ପେଟ କାଟି ସଞ୍ଚୟ କରି ନୂଆ କାରଟିଏ କିଣିବାରେ ସଫଳ ହୋଇଛନ୍ତି ରାଧାକାନ୍ତବାବୁ ।

ଆଜିକାଲି ସକାଳେ ଆଉ ଉଠିବାରେ ଜମାବି ହେଉନଥିଲା ଡେରି । କାଉ ରାବିଥିବ କି ନା ପାହାନ୍ତା ପହରରୁ ଉଠିପଡୁଥିଲେ ରାଧାକାନ୍ତ ବାବୁ । ଗାଡିକୁ ପାଇପ୍ ଲଗାଇ ଅତି ଯତ୍ନର ସହ ଧୋଇ ଦେଉଥିଲେ ତାଙ୍କ ନୂଆ କାରକୁ । ଖାଲି କ'ଣ ସେତିକି ଦିନମାନ ଯାଉଁଣୁ ଆସୁଁଣୁ ଗାଡିକୁ ଆଉଁସି ଆଣୁଥିଲେ । ଧୂଳି ଟିକିଏ ଲାଗିଲେ ଝାଡି ଦେଉଥିଲେ ନରମ କପଡାଟେ ଧରି । ଏକ ପ୍ରକାର ଗାଡି ନିଶାରେ ରହୁଥିଲେ ସବୁବେଳେ । ତାଙ୍କ ଜୀବନଟା ପୂରା ହେଇଯାଇଥିଲା ଗାଡିମୟ । ଖାଇଲା ଶୋଇଲା ସବୁବେଳେ ତାଙ୍କ ଆଖି ଆଗରେ ନାଚି ଉଠିଥିଲା ଗାଡି । ବେଳେ ବେଳେ ତ ଫୋନରେ କିଏ କଥା ହେଇ ପଚାରିଲେ --- କ'ଣ କରୁଛୁ ?



ସିଧା ଉତ୍ତର ମିଳୁଥିଲା ରାଧାକାନ୍ତ ବାବୁଙ୍କ ମୁହଁରୁ --- ମୁଁ ଗାଡି ନେଇ ଦୋକାନ ଆସିଛି । --- ମୁଁ ଗାଡିରେ ଅଛି ? --- ମୁଁ ଗାଡି ଚଲଉଛି ବ୍ୟସ୍ତ ଅଛି, ପରେ କଥା ହେବି । ମୁଁ ଗାଁକୁ ଆସିଛି ମୋ ନିଜ କାରରେ ଇତ୍ୟାଦି ଇତ୍ୟାଦି ।

ସତେ ଯେମିତି ପ୍ରତ୍ୟେକ କଥାରେ କାର ଉପସର୍ଗ ନ ହେଲେ ପୂର୍ବ କିମ୍ବା ପର ପ୍ରତ୍ୟୟ ହିସାବରେ ଯୋଗ ହେବଟା ହିଁ ଥିଲା ଥୟ । 'କାର'ନ ଲାଗିଲେ ଆଉ ସମ୍ଭବ ନଥିଲା ଯିମିତି ବାକ୍ୟ । ଦିନକର ଘଟଣା ତାଙ୍କ ଏକମାତ୍ର କୁନିପୁଅ ଖେଳୁ ଖେଳୁ ଲୁହା କଣ୍ଟାରେ ଦେଲା ଆଞ୍ଚୁଡି କାରକୁ । ଦାଗ ପଡିଗଲା କାରରେ । ଡ୍ୟୁଟିରୁ ଆସି ପ୍ରଥମେ ନଜର ଗଲା କାରର ଆଞ୍ଚୁଡା ଦାଗ ଉପରକୁ । ଆଉ ତାଙ୍କ କାମ କଲା ନାହିଁ ମୁଣ୍ଡ । ରାଗରେ ପୂରା ନିଆଁବାଣ । ମୁହଁକୁ ଲାଲକରି କୁନି ପୁଅଟିକୁ ନାଦି ଦେଇଗଲେ ବାଡିରେ । ପୁଅର ଆଙ୍ଗୁଠିରେ ବାଜିଲା କି କ'ଣ ଭାଙ୍ଗିଗଲା ମଝି ଆଙ୍ଗୁଠି । ତାଙ୍କ ସ୍ତ୍ରୀ ସହ ବି ଢେର ହେଲା ପାଟିତୁଣ୍ଡ । ରାଗ ଥମିଲା ବେଳକୁ ଯେତେ ମେଡିକାଲ କଲେ କ'ଣ ହେବ ? ସବୁଦିନ ପାଇଁ ଟିକିଏ ବଙ୍କା ହେଇ ରହିଗଲା ପୁଅର ମଝି ଆଙ୍ଗୁଠି । ମନରେ ଢେର ଆସିଲା ଅବଶୋଷ । କିଛିଦିନ ପରେ ଗାଡିଟି ବିକି ଦେଲେ ରାଧାକାନ୍ତ ବାବୁ । ଆଉ ନେଇ ଆସିଲେ ନୂଆ ରଙ୍ଗର ଦାମୀକା କାରଟିଏ ।

ଚକଚକ କରୁଥିବା ନୂଆ କାରଟି ଦେଖି ସ୍ତ୍ରୀ ପଚାରିଲେ --- ଓ୍ୱା ! ନୂଆ କାର ହେଲେ ଆମ ପୁରୁଣା କାର ଗଲା କୁଆଡେ ?

ରାଧାକାନ୍ତବାବୁ ସବୁ କଥା ଖୋଲିକି କହିଲେ--- ଜାଣିଲ ନା ! ସେ ପୁରୁଣା କାର ଆମ ଘର ପାଇଁ ଥିଲା ଅଶୁଭ ! କଲର ବି ସୁଟ କରୁ ନଥିଲା । ତା'ପାଇଁ ପୁଅର ଆଙ୍ଗୁଠି ସବୁଦିନ ପାଇଁ ବଙ୍କା ରହିଗଲା । ତେଣୁ ବଦଳେଇ ଏଇ ନୂଆ କାରଟି ନେଇ ଆସିଲି ।

କୁନିପୁଅଟି କୋଉଠି ଥିଲା କେଜାଣି ଦଉଡି ଆସି କହିଲା--- ବାପା ! ବାପା ! ମୁଁ ଗାଡିରେ ଦାଗ ପକେଇ ଦେଲି ବୋଲି ତମେ ଗାଡି ଚେଞ୍ଜ କରିଦେଲ ନା ? ଆଉ ମୋ ଆଙ୍ଗୁଠି ଯେ ବଙ୍କା ହେଇ ରହିଲା କେବେ ଚେଞ୍ଜ କରିବା ? କୁନି ପୁଅର କଥା ଶୁଣି ଥ ହେଇ ରହିଗଲେ ରଧାକାନ୍ତ । ସତରେ ତ ଆଜି କାରରେ ଦାଗ ପଡିଲା ବୋଲି ସିନା ତାକୁ ବଦଳେଇ ଦେଲେ । ହେଲେ କୁନିପୁଅର ଆଙ୍ଗୁଠି ଆଉ କ'ଣ ହେବ ଜୀବନରେ ସିଧା । ରହିଗଲା ଜୀବନ ସାରାକୁ ଦାଗ । ରାଧାକାନ୍ତଙ୍କୁ ନିଜ କଲା କର୍ମଫଳ ଆଘାତ ଦେଇ ଚାଲିଥାଏ ସର୍ପ ଦଂଶନ କଲା ପରି । ଭାବୁଥିଲେ ମନେ ମନେ ସତରେ ସେ ଖାଲି ନୁହଁନ୍ତି ଆଜି ସବୁମଣିଷଙ୍କୁ ଘାରିଛି ବସ୍ତୁ ଚିନ୍ତା । ବସ୍ତୁଠାରେ ଖୋଜୁଛି ନିଜର ଖୁସି । ଆଜି ଫିକା ପଡିଚି ତା'ତୁଳନାରେ ଜୀବନର ମୂଲ୍ୟ । ସାମାନ୍ୟ କାରରେ ଆଞ୍ଚୁଡା ଦାଗଲାଗିଲା ପରି ମୂଲ୍ୟବାନ ବସ୍ତୁରେ ଟିକିଏ କିଛି ହେଲା ମାତ୍ରେ ହୋଇ ଉଠୁଚି ନୃଶଂସ । କହିବାକୁ ଗଲେ ଆଜି ମଣିଷ ପାଲଟିଯାଇଛି ପୂରାପୂରି ବସ୍ତୁବାଦୀ ।


♥ କ୍ୱାଟର ନଂ – ବି/୫୭, ଟେନସା, ଲହୁଣିପଡା, ପିନ୍-୭୭୦୦୪୨
ମୋ:-୯୪୩୭୭୧୮୫୦୦

# କୋଭିଡ୍ ପରେ ବିପଜ୍ଜନକ ହାରରେ ବଢୁଛି ମାନସିକ ବିକୃତି: ୩ ବର୍ଷରେ ୫୪ ହଜାର ରୋଗୀ

**ଡାକ୍ତର ସମ୍ରାଟ କର**

ରିସର୍ଚ୍ଚ ପେପର ନେଇ ମୋ ସହିତ ଆଲୋଚନା କରୁଥିବା ଗବେଷକ ବନ୍ଧୁ ସତ୍ୟପ୍ରକାଶ ସେ ଦିନ ମୋତେ ଏକ ସରକାରୀ ରିପୋର୍ଟ ଦେଖାଇଲେ। ଏହା ହେଉଛି ରାଜ୍ୟରେ ମାନସିକ ବିକୃତିର ବଢୁଥିବା କାରଣର ଚିତ୍ର। ମୁଁ ତାଙ୍କ ସହ ଏକ ମତ ହୋଇ କହିଲି ରାଜ୍ୟରେ ମାନସିକ ବିକୃତିଙ୍କ ସଂଖ୍ୟା ବୃଦ୍ଧି ପାଉଛି। କୋଭିଡ୍ ପରେ ଏମାନଙ୍କ ସଂଖ୍ୟା ଆଶାତୀତ ଭାବେ ବଢ଼ିଛି। ୨୦୧୫ରୁ ୨୦୨୦ ମଧ୍ୟରେ ରାଜ୍ୟର ବିଭିନ୍ନ ହସ୍ପିଟାଲରେ ମୋଟ ୬୪ ହଜାର ୬୭୨ ଜଣ ମାନସିକ ରୋଗୀ ଚିହ୍ନଟ ହୋଇଥିଲାବେଳେ କୋଭିଡ୍ ପରେ ୨୦୨୦ରୁ ୨୦୨୩ ମଧ୍ୟରେ ୫୪ ହଜାର ୩୩୧ ଜଣ ମାନସିକ ରୋଗୀ ଚିକିତ୍ସା ପାଇଁ ଆସିଛନ୍ତି। ୨୦୨୦-୨୧ ତୁଳନାରେ ୨୦୨୧-୨୨ରେ ମାନସିକ ରୋଗୀଙ୍କ ସଂଖ୍ୟାରେ ୩୦ ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଛି। ସେହିପରି ୨୦୨୧-୨୨ ତୁଳନାରେ ୨୦୨୨-୨୩ରେ ମାନସିକ ରୋଗୀଙ୍କ କ୍ଷେତ୍ରରେ ୨୫ ପ୍ରତିଶତ ବୃଦ୍ଧି ଲକ୍ଷ୍ୟ କରାଯାଇଛି। କୋଭିଡ୍ ପରେ ଅର୍ଥନୈତିକ ସଙ୍କଟ, ପାରିବାରିକ ଅଶାନ୍ତି, ସାମାଜିକ ଅସ୍ଥିରତା ଏହି ରୋଗୀଙ୍କ ସଂଖ୍ୟା ବଢ଼ାଇଛି ବୋଲି ଜଣାପଡ଼ିଛି। ବଢୁଥିବା ମାନସିକ ରୋଗୀ, ରାଜ୍ୟ ପାଇଁ ଚିନ୍ତା ବଢ଼ାଉଛି।

୨୦୧୫ରୁ ୨୦୨୩ ମସିହା ଆଠ ବର୍ଷ ମଧ୍ୟରେ ବିଭିନ୍ନ ହସ୍ପିଟାଲରେ ମୋଟ ୧ଲକ୍ଷ ୧୯ ହଜାର ୩ ଜଣ ମାନସିକ ରୋଗୀ ଚିକିତ୍ସିତ ହୋଇଛନ୍ତି। ତେବେ ୨୦୨୦ ମସିହା କୋଭିଡ୍ ପରେ ଏହି ସଂଖ୍ୟା ଆଶାତିତ ଭାବେ ବୃଦ୍ଧି ପାଇଥିବା ଲକ୍ଷ କରାଯାଉଛି। ଜନସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁଯାୟୀ ନ୍ୟାସନାଲ ମେଣ୍ଟାଲ ହେଲଥ କାର୍ଯ୍ୟକ୍ରମ ଜରିଆରେ ମାନସିକ ରୋଗୀଙ୍କ ଲାଗି ଚିହ୍ନଟ ଓ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରାଯାଇଛି। କେବଳ ୧୦୦ ରୋଗୀଙ୍କ ମଧ୍ୟରୁ ୪୦% ନିଶା ସେବନ କରି ମାନସିକ ବିକୃତିରେ ଆକ୍ରାନ୍ତ ହେଉଛନ୍ତି। ଆଇଟି କ୍ଷେତ୍ରରେ କାର୍ଯ୍ୟରତଙ୍କ ହାର ୫% ପାଖାପାଖି ରହିଛି। ସବୁଠୁ ଆଶ୍ଚର୍ଯ୍ୟ କଲାଭଳି କଥା ହେଲା, ରାଜ୍ୟରେ ଉପକୂଳବର୍ତ୍ତୀ ୧୪ ଜିଲ୍ଲାରେ ମାନସିକ ବିକୃତଙ୍କ ସଂଖ୍ୟା ଚିନ୍ତାଜନକ ରହିଛି। କୋଭିଡ୍ ପରେ କିଏ ଚାକିରି ହରାଇବା ଭୟରେ ତ ଆଉ କିଏ ଚାକିରି ଛଟେଇ ପାଇଁ ଚାପଗ୍ରସ୍ତ ହୋଇ ମାନସିକ ବିକୃତିର ଶିକାର ହୋଇଛନ୍ତି। ପୁଣି କିଏ ବ୍ୟବସାୟରେ କ୍ଷତି ତ, ଆଉ କାହା ପାଇଁ ପରିବାର ବୋଝ ମାନସିକ ବିକୃତିର କାରଣ ସାଜିଛି। କୋଭିଡ୍ ସଂକ୍ରମଣ ଉପରେ ବ୍ୟକ୍ତିଗତ ସ୍ତରରେ ଅର୍ଥନୈତିକ ଚାପ, ପାରିବାରିକ ଓ ସାମାଜିକ ଅସ୍ଥିରତା ମାନସିକ ରୋଗୀଙ୍କ ସଂଖ୍ୟା ବଢ଼ାଉଛି।

ରାଜ୍ୟରେ ୨୦୧୬ରୁ ୩୦ ଜିଲ୍ଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ମେଣ୍ଟାଲ ହେଲଥ କାର୍ଯ୍ୟକ୍ରମ ଜାରି ରହିଛି। ସେଥିରେ ମାନସିକ ରୋଗୀ, ନିଶାଖୋରଙ୍କ ଚିହ୍ନଟ, କାଉନସିଲିଂ କରାଯାଇ ଚିକିତ୍ସା କରାଯାଉଛି। ରାଜ୍ୟରେ ଏସସିବି, ଏମକେସିଜି, ଭିମସାର, ଅନୁଗୁଳ ମୁଖ୍ୟ ଚିକିତ୍ସାଳୟ, ମୟୂରଭଞ୍ଜ ମୁଖ୍ୟ ଚିକିତ୍ସାଳୟ, ବଲାଙ୍ଗିର ମୁଖ୍ୟ ଚିକିତ୍ସାଳୟ, ପୁରୀ ମୁଖ୍ୟ ଚିକିତ୍ସାଳୟ, କ୍ୟାପିଟାଲ ହସ୍ପିଟାଲ ଓ ରାଉରକେଲା ଆରଜିଏଚ୍‌ରେ ଆଦି ନଅ ହସ୍ପିଟାଲରେ ଡିଆଡିକ୍ସନ୍ ସେଣ୍ଟର ସ୍ଥାପନ ହୋଇଛି। କୋଭିଡ୍ ପରେ ମାନସିକ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ରାଜ୍ୟ ସରକାର ଡିଏମଏଚପି ୟୁନିଟ ଗଠନ କରିଛନ୍ତି। ଏହି ୟୁନିଟ ଚିକିତ୍ସା ସେବା ଯୋଗାଉଛି। ମାନସିକ ଓ ନିଶୋଖୋରଙ୍କ ଚିକିତ୍ସା ପାଇଁ ୩୦ ମେଣ୍ଟାଲ ହେଲଥ ୟୁନିଟ, ୨୬ କଲ ସେଣ୍ଟର ବ୍ୟବସ୍ଥା ହୋଇଛି। ଏମାନେ ମାନସିକ ରୋଗୀ ଓ ନିଶାଖୋର ବ୍ୟକ୍ତିଙ୍କ ଘର ଘର ବୁଲି ଟେଲି କାଉନସିଲିଂ କରୁଛନ୍ତି। ଏହା ବ୍ୟତୀତ ନୂଆଦିଲ୍ଲୀ ଏମସ ଓ ବାଙ୍ଗାଲୁରୁ ନିମହାନସ ମାନସିକ ରୋଗୀ ଓ ନିଶାଖୋରଙ୍କ ଚିକିତ୍ସା କ୍ଷେତ୍ରରେ ରାଜ୍ୟର ଡିଏମଏଚପି ଷ୍ଟାଫଙ୍କୁ ଟ୍ରେନିଂ ଦେଉଛନ୍ତି। କୋଭିଡ୍ ପରବର୍ତ୍ତୀ ସମୟରେ ଉଦବେଗଜନକ ଭାବେ ଅନେକଙ୍କ ଭିତରେ କରୋନାକୁ ନେଇ ଏକ ପ୍ରକାର ଅହେତୁକ ଭୟ ରହିଯାଇଛି। ଏହି ଭୟ ସହିତ ସାଂସାରିକ ଜୀବନର ଦୁର୍ଗତି, ଆର୍ଥିକ ଚାପ, କର୍ମସଂସ୍ଥାନର ଅଭାବ ପରି ବିଭିନ୍ନ କାରଣ ଏହି ବିକୃତିକୁ ବଢ଼ାଇ ଦେଉଛି। ନିଜକୁ ମାନସିକ ଭାବେ ସୁଦୃଢ଼ ରଖିବା ଜରୁରୀ। କାରଣ ସୁଖ, ଦୁଃଖକୁ ନେଇ ଜୀବନଟି ତିଆରି ହୋଇଥାଏ। ଅବସାଦବୋଧ ଜଣଙ୍କ ଜୀବନର ସାମଗ୍ରୀକ ଅଭିବୃଦ୍ଧିକୁ ବହୁତ ପଛକୁ ନେଇଯାଏ। ଏ କ୍ଷେତ୍ରରେ ମାନସିକ ଅନଗ୍ରସର ଲୋକଟିକୁ ଉତ୍ସାହ, ପ୍ରେରଣା, ଧୈର୍ଯ୍ୟ, ସହନଶୀଳତା ଓ ସହଯୋଗ ଦେବା ଆମ ସମସ୍ତଙ୍କର ଦାୟିତ୍ୱ। ତେବେ ମାନସିକ ଅସୁସ୍ଥତାକୁ ମାମୁଲି ନଭାବି ଜଣଙ୍କର ବିକାରଗ୍ରସ୍ତତା ଦେଖାଦେଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ।

♥ ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ୍, କଟକ,
(ମୋ) : ୯୧୩୨୪୩୩୩୩୩

# ଓଡ଼ିଶାର କୃଷକ ଓ ଅବକ୍ଷୟମୁଖୀ ଚଷ ଜମିର ସ୍ଥିତି



**କିଶୋର ଚନ୍ଦ୍ର ଜେନା**

ମହାତ୍ମାଗାନ୍ଧୀଙ୍କ ଭାଷାରେ, ମୋର ଆତ୍ମା ଗ୍ରାମରେ ହିଁ ବାସ କରିଥାଏ। ସେ ଏହା କହିବାର ତାତ୍ପର୍ଯ୍ୟ ଥିଲା ଏହିକି ଯେ ସେତେବେଳେ ଗ୍ରାମରେ ୮୧ପ୍ରତିଶତ ଲୋକମାନେ ଗ୍ରାମରେ ରହୁଥିଲେ ଏବଂ କୃଷିକର୍ମ ଥିଲା ସେମାନଙ୍କର ପ୍ରଧାନ ଜୀବିକା । ବର୍ତ୍ତମାନର ସରକାରୀ ନଥି ହିସାବରେ ଭାରତର ୫୮ ପ୍ରତିଶତ ଜନତା କୃଷିକ୍ଷେତ୍ର ସହ ପରୋକ୍ଷ ଓ ପ୍ରତ୍ୟେକ୍ଷ ଭାବେ ଜଡ଼ିତ। କିନ୍ତୁ ଓଡ଼ିଶାରେ ଏହାର ସ୍ଥିତି ହେଉଛି ୭୬ ପ୍ରତିଶତ। ସମୁଦାୟ କୃଷି ଜମିର ପରିମାଣ ୮୭,୪୬,୦୦୦ ହେକ୍ଟର, ତନ୍ମଧ୍ୟରୁ ୧୮,୭୯,୦୦୦ ହେଉଛି ଜଳ ସେଚିତ ଜମି। ପରନ୍ତୁ ଓଡ଼ିଶାରେ କୃଷି ଉତ୍ପାଦନ ଆସ୍ତେ ଆସ୍ତେ କମିବାରେ ଲାଗିଛି। ଏହାର କାରଣ ହେଉଛି ପୁରୁଣା ପଦ୍ଧତିରେ ଚଷ, ଜଳ ସେଚନର ଅଭାବ, ସବୁଠାରୁ କମ୍ ପଇସା ଚାଷ କ୍ଷେତ୍ରରେ ନିବେଶ କରିବା, ସରକାରୀ ଉଦାସୀନତା, ୬୨ ପ୍ରତିଶତ ଜମି ବର୍ଷା ଉପରେ ନିର୍ଭଶୀଳତା, ଠିକ୍ ସମୟରେ ଭଲ ବିହନର ଅଭାବ, ଉନ୍ନତ ଯନ୍ତ୍ରପାତିର ଅଭାବ, ପ୍ରକୃତ ଚଷୀମାନଙ୍କ ପାଖରେ କମ୍ ପରିମାଣର ଚାଷ ଜମି, ସାହୁକାର ଏବଂ ମଧ୍ୟସ୍ତ ମାନଙ୍କର ଜୁଲମ, ଶୀତଳ ଭଣ୍ଡାର ଏବଂ ଶସ୍ୟ ସଂରକ୍ଷଣ ଗୋଦାମର ଅଭାବ ଇତ୍ୟାଦି ଇତ୍ୟାଦି। ସବୁଠାରୁ ବଡ ଶତ୍ରୁ ଭାବରେ ଚଷୀମାନଙ୍କ ଆଗରେ ଏବେ ବିପଦ ମୁଣ୍ଡ ଟେକିଛି, ତାହା ହେଲା ୧- ଜଳବାୟୁ ପରିବର୍ତ୍ତନ, ୨-ତାପମାତ୍ରା ବୃଦ୍ଧି, ୩- ଋତୁ ପରିବର୍ତ୍ତନ, ୪- ଜଙ୍ଗଲ ଜମିର ଅବକ୍ଷୟ, ଜୈବ ବିବିଧତା, ୫- ମାଟିର ଉର୍ବରତା ନଷ୍ଟ, ୬- ଚଷ ଜମିର ଅବକ୍ଷୟ, ୭- ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ।

'ଚଷ ଅଛି ଯାହାର-କିବା ସୁଖ ତାହାର' ସ୍ଲୋଗାନ ଟି ଆଜି କିନ୍ତୁ ଚାଷ ଅଛି ଯାହାର କି'ଯେ ଦୁଃଖ ତାହାର ସ୍ଲୋଗାନରେ ପରିଣତ ହୋଇଅଛି। ଯେଉଁ କୃଷକ ଦେଶ, ସମାଜକୁ ଆହାର ଯୋଗାଏ, ସେ ବର୍ତ୍ତମାନ ନିଜ ଆହାର ବ୍ୟବସ୍ଥା ନିଜେ କରିପାରୁନାହିଁ। ଏବେ ମଧ୍ୟ ଓଡ଼ିଶାରେ ୯୦%ରୁ ଅଧିକ କୃଷକ ଉତ୍ପାଦନ ପାଇଁ ଆବଶ୍ୟକୀୟ ଉତ୍ପାଦକ ଖର୍ଚ୍ଚ ବା ବଜାର ବ୍ୟବସ୍ଥା କିମ୍ବା ବୀମା ସୁବିଧା ପାଏନାହିଁ। ସାହୁକାର ଠାରୁ ପଇସା ଆଣି ସେ ସୁଝିପାରେ ନାହିଁ। କାରଣ ସେ ଯେତିକି ଚଷ କ୍ଷେତ୍ରରେ ଲଗାଏ, ସେତିକି ପଇସା ମଧ୍ୟ ତା'ର ଉତ୍ପାଦିତ କୃଷିରୁ ଭରଣା କରିପାରେ ନାହିଁ। ଉଦାରହରଣ ସ୍ୱରୂପ ୧୦୦ କେଜି ପିଆଜକୁ ବେଳେ ବେଳେ ଶସ୍ତାରେ କ୍ୱିଂଟାଲ ୨୦୦ଟଙ୍କା ଦରରେ ବା କିଲୋପ୍ରତି ଦୁଇ ଟଙ୍କା ଦରରେ ବିକ୍ରି କରିବାକୁ ବାଧ ହୋଇଥାଏ। ତାହାର କାରଣ ହେଲା ଶୀତଳ ଭଣ୍ଡାରର ଘୋର ଅଭାବ। ଯଦି ଏହା ଥା'ଆନ୍ତା, ଅଣ ଅମଳକ୍ଷମ ଋତୁରେ ସେ ସେହି ଉତ୍ପାଦକୁ ୫୦ରୁ ୬୦ଟଙ୍କାରେ ବିକ୍ରି କରିପାରନ୍ତା। ତେଣୁ ଓଡ଼ିଶାରେ କୃଷକର ଆୟ, କୃଷି ଶ୍ରମିକ ଠାରୁ ବି କମ୍ ଅଟେ। ସାଧାରଣ ଚାଷୀ ଜଣେ ମାସରେ ୬୪୭୬ ଟଙ୍କା ରୋଜଗାର କରିବାକୁ ସକ୍ଷମ ହେଲେ ତାକୁ ଖର୍ଚ୍ଚ କରିବାକୁ ପଡିଥାଏ ୬୨୨୩ ଟଙ୍କା। ଏକ ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ ଜଣେ ଚଷୀ ୭୬୩୯ଟଙ୍କା ଆୟକରେ ଗୋଟିଏ ହେକ୍ଟର ଗହମ ଚଷରେ ଅଥଚ ତାହାର ଆମଦାନୀ ଖର୍ଚ୍ଚଥାଏ ୩୨,୬୪୪ଟଙ୍କା। ଯଦି ଆମେ ଭାରତର ଅନ୍ୟ ରାଜ୍ୟ ସହିତ ଆମ ପ୍ରଦେଶକୁ ତୁଳନା କରିବା ତେବେ ଆମ କୃଷକ ମାନଙ୍କର କୃଷି ଆୟ ହେଉଛି ୫୧୧୨ ଟଙ୍କା ମାସିକ ମାତ୍ର। ତାହା ଭାରତର ସମୁଦାୟ କୃଷି ଆୟ ଭିତ୍ତିରେ ତଳ ଆଡୁ ଦ୍ୱିତୀୟରେ ଅଛି। ୨୦୧୮-୧୯ରେ ଓଡ଼ିଶାରେ କୃଷକଙ୍କ ଆୟ ମାସିକ ଥିଲା ୭୭୩୧ ଟଙ୍କା ଯାହା (୨୦୦୨-୦୩) ବର୍ଷରେ ଥିଲା ୧୦୬୨ଟଙ୍କା। (୨୮୦୨-୦୩)ରୁ (୨୦୧୫-୧୬) ପର୍ଯ୍ୟନ୍ତ ଓଡ଼ିଶାର ଚଷୀମାନଙ୍କର ଆୟ ଦ୍ରୁତ ଗତିରେ ଅଭିବୃଦ୍ଧି ଶୀଳ ଥିଲା ଯାହା ସମସ୍ତ ରାଜ୍ୟ ମାନଙ୍କଠାରୁ ଅଧିକ। (୨୦୧୮-୧୯)ରେ ଏହା ୫୧୧୨କୁ ଖସି ଆସିଥିଲା। ଓଡ଼ିଶାରେ କୃଷକଙ୍କ ଅବସ୍ଥା ଆହୁରି ଖରାପ ହେବାର କାରଣ ହେଲା ଦୈବି ଦୁର୍ବିପାକ । ୨୦୧୦ରୁ ୨୦୨୦ ପର୍ଯ୍ୟନ୍ତ ଏହାର ସ୍ଥିତି ଯଥା :- ୨୦୧୦- ପ୍ରବଳ ବନ୍ୟା, ମରୁଡି, ଅଦିନିଆ ବର୍ଷା ଲଘୁପାତ ଜନିତ ବର୍ଷା । ୨୦୧୧-ମରୁଡ଼ି ବନ୍ୟା, ୨୦୧୨-ମରୁଡି ବନ୍ୟା, ୨୦୧୩-ଫାଇଲିନ୍ ଏବଂ ବଡ ବନ୍ୟା, ହୁଡହୁଡ ଏବଂ ବନ୍ୟା, ୨୦୧୫-ମରୁଡି ଏବଂ ବନ୍ୟା, ୨୦୧୬-ମରୁଡି ବନ୍ୟା, ୨୦୧୭-ମରୁଡି ବନ୍ୟା, ୨୦୧୮ ବାତ୍ୟା ତିତିଲି ଏବଂ ପେଥାଇ, ୨୦୧୯-ଫନି ଏବଂ ବୁଲ୍‌ବୁଲ୍, ୨୦୨୦ରେ ଅମ୍ଫନ ଦୁର୍ବିପାକ।

ଅର୍ଥନୈତିକ ସର୍ଭେ ଅନୁଯାୟୀ ଓଡ଼ିଶାର ସମୁଦାୟ ଚାଷ ଜମି ଓ ଅବକ୍ଷୟମୁଖୀ ଚାଷ ଜମିର ସ୍ଥିତି ହେଲା :- (୨୦୧୪-୧୫) ବର୍ଷ (ସମୁଦାୟ ଜାଗାର ପରିମାଣ) -୫୪୯୬ ହେକ୍ଟର ଥିଲାବେଳେ (ଉପଯୋଗୀ ଚାଷଜମିର ପରିମାଣ ଥିଲା ୯୧୩ ହେକ୍ଟର। (୨୦୧୫-୧୬ ବର୍ଷ ) ମୋଟ୍ ୫୬୦୮ହେକ୍ଟର ବନାମ୍ ୮୦୧ ହେକ୍ଟର, (୨୦୧୬-୧୭ ବର୍ଷ) ମୋଟ୍ ୫୬୫୨ ହେକ୍ଟର ବନାମ ଉପଯୋଗୀ ଜମି ୭୫୩ ହେକ୍ଟର, (୨୦୧୭-୧୮ ବର୍ଷ) ମୋଟ୍ ୫୩୫୬ ବନାମ୍ ଉପଯୋଗୀ ୧୦୫୩ ହେକ୍ଟର, (୨୦୧୮-୧୯ ବର୍ଷ) ମୋଟ୍ ୫୩୬୨ ବନାମ୍ ଉପଯୋଗୀ ୧୦୪୭ ହେକ୍ଟର, (୨୦୧୯-୨୦ ବର୍ଷ ) ମୋଟ୍ ୫୩୩୦ ବନାମ୍ ଉପଯୋଗୀ ୧୦୭୯ ହେକ୍ଟର। ତେଣୁ ଉପରୋକ୍ତ ଅର୍ଥନୈତିକ ସର୍ଭେର ବିବରଣୀରୁ ଜଣାପଡୁଅଛି ଯେ, ଉପଯୋଗୀ ଚାଷଜମିର ପରିମାଣଟି ଦ୍ରୁତ ଅବକ୍ଷୟମୁଖୀ। ଏହାର କାରଣ ଗୁଡିକ ହେଲା ସହରୀ କରଣ, ଦ୍ରୁତ ଶିଳ୍ପାୟନ ଆଦି। ଆଜି ଆମକୁ ସହରୀକରଣ ଓ କଳକାରଖାନା ନିଶା ଘାରିଛି। ଚାଷ ବଦଳରେ ଜମି ବେପାର ଆମକୁ ଖୁସୀ ଦେଉଛି। ଆମ ଗାଁର ଚାଷ ଜମିଉପରେ କଳକାରଖାନା ବସୁଛି, ମୋବାଇଲ୍ ଟାୱାର, ମିନିଷ୍ଟାଡିୟମ, ବିବାହମଣ୍ଡପ ଆଦି ତିଆରିରେ ଚାଷ ଜମିର ବିଶେଷ ଭାବେ ଉପଯୋଗ ହେଉଅଛି। ଜଙ୍ଗଲ ସଫା ହୋଇ ସହରୀ କରଣ ହେଉଅଛି। ନଡ଼ା ଛପର ଘର ବଦଳରେ କୋଠା ଘର ନିର୍ମାଣ ହେଉଛି। ଏବଂ ପ୍ରତ୍ୟେକ ପରିବାରର ସଦସ୍ୟମାନଙ୍କ ପାଇଁ ଅଲଗା ଅଲଗା କୋଠରିର ବ୍ୟବସ୍ଥା ହେଉଛି। ସେଥିପାଇଁ ଚାଷଜମିର ପରିମାଣ କମି କମି ଯାଉଛି।

ଏକ ସର୍ଭେରୁ ଜଣା ପଡିଛି ଯେ, ୬୫% ଚାଷୀ ବସବାସ କରନ୍ତି ଦାରିଦ୍ର୍ୟର ସୀମାରେଖା ତଳେ। ଚାଷୀ ମାନେ ହେଉଛନ୍ତି ଆମ ଦେଶର ମେରୁଦଣ୍ଡ ଏବଂ ଅର୍ଥନୀତିରେ ଏମାନଙ୍କର ଦାନ ୭୫% ସମୁଦାୟ ଘରୋଇ ଉତ୍ପାଦନର। ମାତ୍ର ବଡ଼ ଦୁଃଖର କଥା ହେଉଛି ଯେ, ଆମେ ବର୍ତ୍ତମାନ ସ୍ୱାଧୀନତାର ୭୬ ବର୍ଷରେ ପ୍ରଦାର୍ପଣ କରୁଅଛେ ତଥାପି ଓଡ଼ିଶାର କୃଷିକୁ କୃଷି ଶିଳ୍ପର ମାନ୍ୟତା ଦେବାରେ ଅସମର୍ଥ। ଗ୍ରାମରୁ ଲୋକମାନେ ସହରାଭିମୂଖି ହେଉଛନ୍ତି। ବରଂ ବର୍ତ୍ତମାନ ଏମାନେ ସୁରଟ, ବାଙ୍ଗାଲୋରରେ ଦାଦନ ଶ୍ରମିକ ଭାବରେ କାମ କରିବାକୁ ଶ୍ରେୟ ମନେ କରୁଛନ୍ତି ପଛେ କିନ୍ତୁ ନିଜ ଚାଷ ଜମିରେ ଚାଷ କରିବାକୁ ନାପସନ୍ଦ କରୁଛନ୍ତି । ଏହାର କାରଣ କ'ଣ ? ଏହାର ଉତ୍ତର କିଏ ଦେବ ? ତେଣୁ ବର୍ତ୍ତମାନ ସମୟ ଉପନୀତ। ସମସ୍ତଙ୍କ ପାଇଁ ଅହାର ଯୋଗାଉଥିବା କୃଷକମାନଙ୍କ ଓ କୃଷିଭିତ୍ତିକୁ ଶିଳ୍ପର ମାନ୍ୟତା ଦେବା, ଯାହା ଫଳରେ କୃଷକ ହସିବେ ଏବଂ ସେମାନଙ୍କର କୃଷି କ୍ଷେତ୍ର ସବୁଜିମାରେ ହସି ଉଠିବ ତଥା ସମାଜର ମଙ୍ଗଳ ବିଧାନ ହେବ। ତେବେ ଆମ ପୁରୁଣା ସ୍ଲୋଗାନ 'କୃଷି ଅଛି ଯାହାର କି'ଯେ ସୁଖ ତାହାର'- 'ଦୁନିଆକୁ ଯୋଗାଉଛି ସମସ୍ତଙ୍କୁ ଆହାର'ର ସ୍ୱପ୍ନ ବାସ୍ତବରେ ସଫଳ ହେବ ଏବଂ ଲାଲବାହାଦୁରଙ୍କର କ୍ରାନ୍ତିକାରୀ ସ୍ଲୋଗାନ 'ଜୟ ଜବାନ-ଜୟ କିଷାନ' ଉଚିତ ମାନ୍ୟତା ହାସଲ କରିବାରେ ସମର୍ଥ ହେବ।

♥ ଭୁବନେଶ୍ୱର
ମୋ-୯୪୩୭୦୪୧୩୦୦

# ଢେଙ୍କାନାଳରେ ଶବର ରାଜା ଢେଙ୍କାବୀର ଅବହେଳିତ- ଏକ ଆଲୋଚନା



**କାଳିକିଙ୍କର**

ଇତିହାସରେ ଅନେକ ବୀରଙ୍କର ବୀରତ୍ୱର କାହାଣୀ ଲିପିବଦ୍ଧ ହୋଇଛି । ବୀରଭୋଗ୍ୟା ବସୁନ୍ଧରା ଚିରକାଳ ତାର ବୀର ବିରାଙ୍ଗନା ସନ୍ତାନ ସନ୍ତତିଙ୍କ ପାଇଁ ଗର୍ବିତ ହୋଇଥାଏ । ପୃଥିବୀରେ ଭାରତ ହେଉଛି ମହାଭାରତର ଭୂମି, ସୁଦର୍ଶନ ଶକ୍ତିର ପୁରୁଷ ଶ୍ରୀକୃଷ୍ଣଙ୍କର ଭୂମି, ଗାଣ୍ଡିବଧାରୀ ଅର୍ଜୁନଙ୍କର ଭୂମି, ପର୍ଶୁଧାରୀ ପର୍ଶୁରାମଙ୍କର ଭୂମି ପୁଣି ପରମ ଶୌର୍ଯ୍ୟ ବୀର୍ଯ୍ୟର ନାୟକ ପୁରୁଷୋତ୍ତମ ଶ୍ରୀରାମ ଲକ୍ଷ୍ମଣ, ହନୁମାନଙ୍କର ଭୂମି । ସେମିତି ଇତିହାସର ପୃଷ୍ଠାରେ ବରେଣ୍ୟ ବୀର ଶିବାଜୀ, ମହାରାଣା ପ୍ରତାପ, ଝାନସୀର ରାଣୀ ଲକ୍ଷ୍ମୀବାଈ, ଦୁର୍ଗାବତୀ, ବିର୍ଷା ମୁଣ୍ଡା, ବୀର ସୁରେନ୍ଦ୍ର ସାଏ ଆଦିଙ୍କର ଭୂମି- ମହାନାୟକ ମହାତ୍ମାଗାନ୍ଧୀ, ସୁବାସ ବୋଷ ଆଦିଙ୍କର ଭୂମି । ଉତ୍କଳର ବୀର ପାଇକ ପୁଅର ଭୂମି,ଦୁର୍ଦ୍ଧର୍ସ ଶବରଙ୍କର ଭୂମି । ସେହି ଇତିହାସର କେତେଜଣ ବୀର ବୀରାଙ୍ଗନାଙ୍କର ନାମ ସ୍ମରଣ କଲାବେଳେ ଏକ ଅନନ୍ୟ ସ୍ୱାଭିମାନରେ ମନ ହୃଦୟ ପଲ୍ଲବୀତ ପୁଷ୍ପିତ ହୁଏ ।

ଦୁଃଖ ଓ ପରିତାପର ବିଷୟ ଯେ ଆଜି ମଧ୍ୟ ଅନେକ ବୀର ବୀରାଙ୍ଗନା ଏ ମାଟିରେ ଅବହେଳିତ । ତାଙ୍କୁ ଏତେବର୍ଷ ପରେ ମଧ୍ୟ ନା ଜନ ସାଧାରଣ ଜନତା ନା ସରକାର ସ୍ମରଣ କରିପାରିଛନ୍ତି- ଶ୍ରଦ୍ଧା ସମ୍ମାନ ଅର୍ପଣ କରିବା ତ ଦୂରର କଥା । ପ୍ରସିଦ୍ଧ ଇଂରାଜୀ ଲେଖକ ଓ ଚିନ୍ତାନାୟକ କ୍ରୀଷ୍ଟେନ ଗିଲିବ୍ରେଣ୍ଡ କହିଥିଲେ- while we can never truly repay the debt we owe our heroes, the least we should do for our brave veterans is to ensure that the government takes a proactive approach to delivering the services and benefits they have earned, so they can access the care they need and so reachly deserve. ଆମର ଏହି ଓଡ଼ିଶାରେ ଆଜି ମଧ୍ୟ ଅନେକ ବୀରପୁତ୍ର ଓ ବରପୁତ୍ର ଅବହେଳିତ । ଏହି ନିବନ୍ଧରେ ଲେଖକ ଢେଙ୍କାନାଳର ବୀର ଶବର ରାଜା ଢେଙ୍କା ଶବର କଥା ସଂକ୍ଷେପରେ ଆଲୋଚନା କରିବାର ପ୍ରଚେଷ୍ଟା କରିଛନ୍ତି । ଏକଥା ସ୍ୱୀକାର କରାଯାଇଛି ଯେ ଢେଙ୍କାନାଳ ଜିଲ୍ଲାର ନାମକରଣ ଏହି ଢେଙ୍କା ଶବରର ନାଳୀ ବା ଗଡ଼ରୁ ହୋଇଛି । ସ୍ୱାଧିନତା ପୂର୍ବ ଭାରତବର୍ଷରେ ଲେଖାଯାଇଥିବା ପଣ୍ଡିତ ରାମଚନ୍ଦ୍ର ନନ୍ଦଙ୍କର ଢେଙ୍କାନାଳ ଇତିହାସରୁ ଏହା ସୁସ୍ପଷ୍ଟ । ଏହି ଢେଙ୍କାନାଳ ଇତିହାସ ୧୯୨୮ ମସିହାରେ ପ୍ରକାଶିତ ହୋଇଥିଲା । ଅବଶ୍ୟ ଏହାପରେ ମଧ ପଣ୍ଡିତ ପ୍ରବୋଧ ମିଶ୍ର ଆଦି କେତେଜଣ ଲେଖକ ଢେଙ୍କାନାଳ ଇତିହାସ ଲେଖିବାର ପ୍ରୟାସ କରିଛନ୍ତି କିନ୍ତୁ ପ୍ରାୟ ପ୍ରତ୍ୟେକେ ଢେଙ୍କା ଶବରର ବୀରତ୍ୱ ଓ ଢେଙ୍କାନାଳ ସମ୍ପର୍କରେ ରାମଚନ୍ଦ୍ର ନନ୍ଦଙ୍କ ସହ ଏକମତ ହୋଇଛନ୍ତି । ଯେଉଁ ବୀର ଶବର ରାଜାଙ୍କ ନାଁରେ ଢେଙ୍କାନାଳ ଭଳି ଏକ ସୁନ୍ଦର ଜିଲ୍ଲା ଓଡ଼ିଶାରେ ଗଠନ ହୋଇଛି ଓ ଯେଉଁ ଜିଲ୍ଲାରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମଧ୍ୟ ହୋଇଛନ୍ତି ସେ ଜିଲ୍ଲାରେ ଆଜି ଢେଙ୍କାଶବରଙ୍କର ସ୍ମୃତିରେ କିଛି ମଧ୍ୟ ନାହିଁ । କେଉଁଠି ଆପଣ ଦେଖିବାକୁ ପାଇବେ ନାହିଁ ଢେଙ୍କା ଶବରଙ୍କର ଏକ କଳ୍ପିତ ପ୍ରତିମୂର୍ତ୍ତି ମଧ୍ୟ ।

ଅବଶ୍ୟ କିଛିବର୍ଷ ହେଲା ଢେଙ୍କାନାଳ ମାଟିରେ ଢେଙ୍କାନାଳ ଥିଙ୍କର୍ଷ ଫୋରମ ନାମକ ଏକ ଅନୁଷ୍ଠାନ ଗଢି ଉଠିଛି ଓ ସେମାନେ ଢେଙ୍କାପୀଠ ବା ଢେଙ୍କାପିଢ଼ର ଉଦ୍ଧାର କାର୍ଯ୍ୟରେ ଆପ୍ରାଣ ଲାଗି ପଡିଛନ୍ତି । ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ନନ୍ଦିନୀ ଶତପଥୀଙ୍କ ବଂଶଜ ସୋମେନ୍ଦୁ ଶତପଥୀ ଏହି ଥିଙ୍କର୍ଷ ଫୋରମର ସଭାପତି ଥିବାବେଳେ ବିଶିଷ୍ଟ ଆଇନଜୀବୀ ଓ କବି ପ୍ରକାଶ ଚନ୍ଦ୍ର ରାଉତ ସମ୍ପାଦକ, ସମର କବି ବ୍ରଜନାଥ ବଡ଼ଜେନାଙ୍କ ବଂଶଜ ଅବିନାଶ ପଟ୍ଟନାୟକ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଫୋରମର ସଦସ୍ୟ ଥାଇ ଢେଙ୍କାପୀଠ ବା ପିଢ଼ର ପୁନଃରୁଦ୍ଧାରରେ ଲାଗି ପଡିଛନ୍ତି । କେବଳ ଏତିକି ନୁହେଁ, ବିଶିଷ୍ଟ ଗାଳ୍ପିକ ସୁଶୀଳ କୁମାର ନନ୍ଦଙ୍କର ସମ୍ପାଦନାର ଚରେଇବତୀ ନାମକ ଏକ ପତ୍ରିକା ନିୟମିତ ପ୍ରକାଶ କରି ଢେଙ୍କାନାଳର ଏହି ଲୁକ୍କାୟିତ ଐତିହ୍ୟକୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ ଜାରି ରଖିଛନ୍ତି । ପ୍ରକୃତରେ ଏ ପ୍ରୟାସ ପାଇଁ ଢେଙ୍କାନାଳ ଥିଙ୍କର୍ଷ ଫୋରମ ଧନ୍ୟବାଦର ପାତ୍ର । ଯେଉଁ ବଣ ଜଙ୍ଗଲ ଘେରା ପାହାଡ଼ ଗୁମ୍ଫାରେ ଢେଙ୍କାଶବର ରହି ସମସ୍ତ ନାଳି ବା ଗଡ଼ର ଶାସନ କରୁଥିଲେ ବା ଲୋକଙ୍କର ନେତୃତ୍ୱ ନେଉଥିଲେ ସେ ସ୍ଥାନରେ ଏବେ ଢେଙ୍କାନାଳ ଥିଙ୍କର୍ଷ ଫୋରମର ସଦସ୍ୟମାନେ ସଂକ୍ରାନ୍ତି ପର୍ବ ପାଳନ କରନ୍ତି । ପ୍ରତ୍ୟେକ ସଂକ୍ରାନ୍ତିରେ ସଦସ୍ୟର କର୍ମକର୍ତ୍ତା, ପରିବାରର ସଦସ୍ୟ ଓ ଅତିଥିମାନେ ଉପସ୍ଥିତ ହୋଇ ପୂଜାର୍ଚ୍ଚନା କରନ୍ତି । ଶବର ସଂସ୍କୃତିରେ ପ୍ରକୃତି ପୂଜାର ଅତ୍ୟନ୍ତ ମହତ୍ତ୍ୱ ରହିଛି । ସଂକ୍ରାନ୍ତିରେ ଶବରମାନେ ଅତ୍ୟନ୍ତ ହର୍ଷୋଲ୍ଲାସରେ ଗଛଲତା, ପାହାଡ଼ ପର୍ବତ, ଭୂମି ଜଳ, ପବନ ଆକାଶ ଆଦିର ପୂଜା କରନ୍ତି । ଢେଙ୍କାନାଳର ଢେଙ୍କାପୀଠକୁ ଏ ଲେଖକ ସପରିବାର ଯିବାର ସୌଭାଗ୍ୟ ପାଇଛି । ସେ ସ୍ଥାନକୁ ଯିବା ସହଜ ନୁହେଁ । କହିବାକୁ ଗଲେ ଅଗମ୍ୟ ସେ ସ୍ଥାନ ଥିଲା । ଆମେ ମଧ୍ୟ ଢେଙ୍କାନାଳ ଥିଙ୍କର୍ଷ ଫୋରମର ବନ୍ଧୁମାନଙ୍କର ସହାୟତାରେ ଲତା ଡାଳ ଆଦି ଧରି ସାବଧାନତାର ସହ ସେ ସ୍ଥାନରେ ପହଂଚିଥିଲୁ ଓ ସେହି ପବିତ ସ୍ଥାନର ଦର୍ଶନ କରିଥିଲୁ । ଶୁଣିବାକୁ ପାଇଛି ଯେ ଢେଙ୍କାନାଳ ଥିଙ୍କର୍ଷ ଫୋରମର ବନ୍ଧୁମାନେ ଶ୍ରମଦାନ କରି ସେ ଅଗମ୍ୟ ସ୍ଥାନକୁ ଯିବାପାଇଁ କିଛି ପାହାଚ କରିଛନ୍ତି ।

ଢେଙ୍କାପୀଠର ଅନତି ଦୂରରେ ଢେଙ୍କାନାଳ ଗଡ଼ର ପ୍ରାସାଦ ଯେଉଁଗଡ଼କୁ ଛଳ କରି ବନ୍ଦୀକରି ନେଇ ଯାଇଥିଲେ ରାଜା ଶ୍ରୀଧରଙ୍କର ସୈନ୍ୟମାନେ ଓ ତାଙ୍କର ମୁଣ୍ଡ କାଟି ଦେଇଥିଲେ। ଏ ସମ୍ପର୍କରେ ଏଠାରେ କିଛି ତଥ୍ୟ ପାଠକଙ୍କ ଉଦ୍ଦେଶ୍ୟରେ ବିଶେଷ ଭାବରେ ଉଲ୍ଲେଖ କରୁଛି ।

ଆଦିକନ୍ଦ ଅଧାନ ରଚିତ 'ଭଞ୍ଜ ବୋଲି' ପାଠରୁ ଜଣାଯାଏ ଯେ ଢେଙ୍କା ଗୋଟିଏ ପର୍ବତ ଉପରେ (ଯାହା ପରେ ଢେଙ୍କା ପିଢ଼ ନାମରେ ଆଖ୍ୟାତ ହେଲା) ସେହି ଦୁର୍ଗମ ସ୍ଥାନରେ ବାସସ୍ଥାନ ସ୍ଥାପନ କରି ରଣ ରଙ୍କ ପଣର ନିଦର୍ଶନ ଦେଖାଇବାକୁ ଲାଗିଲେ । ରାଧାନାଥଙ୍କ କବିତାରେ ଉଲ୍ଲେଖ ହୋଇଛି ଯେ - କପିଳାସ ଖୋଲ ନିବାସୀ ଶବର ରଣ ରଙ୍କା ଢେଙ୍କା ଯା ବଂଶ ଶେଖର । ତେବେ ରାମ ଚନ୍ଦ୍ର ନନ୍ଦଙ୍କର ଢେଙ୍କାନାଳ ଇତିହାସରେ ବର୍ଣ୍ଣିତ ଅଛି ଯେ ସେହି ଶବର ବଂଶର ପ୍ରଧାନ ବା ରାଜା ଢେଙ୍କା ଶବର ଅତ୍ୟନ୍ତ କୁଶଳ ଯୋଦ୍ଧା ଥିଲେ ଓ ସେ କୌଣସି ଅନ୍ୟାୟକୁ ସହ୍ୟ କରୁ ନ ଥିଲେ । ସେ ସବୁବେଳେ ପ୍ରଜା ବା ସାଧାରଣ ଜନତାଙ୍କ ସୁଖ ଦୁଃଖରେ ସାଥି ହେଉଥିଲେ । ତାଙ୍କ ବିରୁଦ୍ଧରେ ଭଞ୍ଜରାଜ ଶ୍ରୀଧର ଭଞ୍ଜ ଯୁଦ୍ଧ ଘୋଷଣା କଲେ । ତାଙ୍କର ବିଶାଳ ସୈନ୍ୟ ବାହିନୀ ବଡ଼ଘୋଡା ନାଳ ପାରହୋଇ କୁଟୁଣିଆ ପର୍ବତ ଉପରେ ରଣବାଦ୍ୟ ନାଦରେ ଶତ୍ରୁ ଭୂମି ପ୍ରକମ୍ପିତ କଲେ । ଢେଙ୍କା ଶବର ତାହା ଶୁଣିଲାକ୍ଷଣି ଭୀମର ବଳଧରି ଧନୁଶର ହସ୍ତରେ ଭୀଷଣ ବେଗରେ ଶତ୍ରୁସେନା ମଧ୍ୟରେ ପ୍ରବେଶ କଲେ । ତାଙ୍କର ଅଜସ୍ର ଶରପାତରେ ବହୁତ ସୈନ୍ୟ ନିପାତ ଦେଖି ଭଞ୍ଜରାଜା ପରାଜୟ ମାନି ସସୈନ୍ୟରେ ପଳାୟନ କଲେ ଏବଂ ଧର୍ମଯୁଦ୍ଧରେ ରଣରଙ୍କା ଢେଙ୍କାକୁ ଦମନ କରିବାରେ ଆପଣାକୁ ଅକ୍ଷମ ଦେଖି ସେହିଦିନଠାରୁ ଅଧର୍ମ ଯୁଦ୍ଧରେ ଶତ୍ରୁବଧର କଳ୍ପନା କରିବାକୁ ଲାଗିଲେ । ସେହିଭାବରେ ଭଞ୍ଜରାଜା ଶ୍ରୀଧର ଗୋପନରେ ତାଙ୍କ ସୈନ୍ୟଙ୍କୁ ଏକୁଟିଆ ଢେଙ୍କା ଶବର ନିରସ୍ତ୍ର ଥିବାବେଳେ ବନ୍ଦୀ କରିବାର ମନ୍ତ୍ରଣା କଲେ । ସେହିଭଳି ଭାବରେ ରାଜାଙ୍କ ସୈନ୍ୟମାନେ ଗୋପନରେ ଢେଙ୍କା ଶବରକୁ ଏକୁଟିଆ ବିଶ୍ରାମ କରୁଥିଲାବେଳେ ବନ୍ଦୀ କରି ରାଜାଙ୍କ ଆଗରେ ଉପସ୍ଥିତ କଲେ । ଭଞ୍ଜ ରାଜାଙ୍କୁ ଦେଖି ଢେଙ୍କାର ସାହସ କମ ହୋଇ ନ ଥିଲା । ସେ ଧିକ୍କାର କରି କହିଲେ- 'ହେ ରାଜା, ଧିକ ତୁମ ରାଜପଣକୁ- ଧିକ ତୁମ ବୀର ପଣକୁ- ମୁଁ ପିଢ଼ରେ ଏକାକୀ ବିଶ୍ରାମ ନେଉଥିଲାବେଳେ କାପୁରୁଷପରି ମୋତେ ଅଧର୍ମରେ ଓ ଛଳରେ ଧରି ଆଣିଲ - ତେବେ ମୋର ଗୋଟିଏ ଶେଷ କଥା ଯଦି ରଖିବ ତେବେ ଏ ଅପରାଧରୁ କିଞ୍ଚିତ ମାତ୍ର ରକ୍ଷା ପାଇବ । ମୋର ମୁଣ୍ଡ କାଟିଦେଲେ ସେହି ମୁଣ୍ଡକୁ ସସମ୍ମାନେ ମୋ ପିଢ଼ରେ ମୋ ଲୋକଙ୍କୁ ଦେଇଦେବ ଯାହାଫଳରେ ସେମାନେ ସେହି ମୁଣ୍ଡକୁ ମୋର ପୂଜା କରି ମାଆ ଜେନାଦେଈଙ୍କୁ ସନ୍ତୋଷ କରିବେ । ମାଆ ଜେନାଦେଈ ଓ ମାଧବ ଦଧିବାମନ ଆମର ଆରାଧ । ଆମେ ତାଙ୍କର ସନ୍ତାନ । ଏ ପର୍ବତ- ଏ ନାଳୀ - ଏ ଜଙ୍ଗଲ ସବୁ ମାଆ ଜେନା ଦେଈ ଓ ମାଧବ ଦଧି ବାମନଙ୍କର ଆଶ୍ରିତ ।' ଭଞ୍ଜ ରାଜା ଶ୍ରୀଧର ଢେଙ୍କା ଶବରର ସାହସ ଦେଖି ଓ ଧିକ୍କାର ଶୁଣି ସଂଗେ ସଂଗେ ତାଙ୍କର ମୁଣ୍ଡ କାଟିଦେଲେ ଓ ସେହି ପାହାଡ଼ ଶିଖରରେ ଟାଙ୍ଗି ଦେଲେ । ତେବେ ଏହାଦେଖି ଶବରମାନେ ପ୍ରତିଶୋଧ ନେବାପାଇଁ ଏକତ୍ରିତ ହେବାକୁ ଲାଗିଲେ । ଏହା ଶୁଣି ରାଜା ଶ୍ରୀଧର ସୈନ୍ୟ ବାହିନୀ ଧରି ଗୋବିନ୍ଦପୁର ଅଭିମୁଖେ ପଳେଇ ଗଲେ । କୁହାଯାଏ ଯେ ଭଞ୍ଜ ରାଜା ଆଉ ଢେଙ୍କାନାଳ ଗଡ଼କୁ ଫେରି ପାରିଲେ ନାହିଁ କାରଣ କଳାପାହାଡ଼ ଉପସ୍ଥିତିରେ ଶବର ମାନେ ଅଧିକ ଶକ୍ତି ସମ୍ପନ୍ନ ହୋଇଯାଇଥିଲେ ।

ତେବେ ଆଦିକନ୍ଦ ଅଧାନ ବିରଚିତ ଭଞ୍ଜ ବୋଲିରେ ଭଞ୍ଜ ରାଜା ଶ୍ରୀଧର ଓ ଢେଙ୍କା ଶବରଙ୍କର ବୀରତ୍ୱ ସମ୍ପର୍କରେ ଉଲ୍ଲେଖ ରହିଛି । ସେ ଲେଖିଛନ୍ତି- 'ଭଞ୍ଜ ବଂଶେ ଶିରିଧର ସାମନ୍ତ ସିଂହାର ସେ ବଳିୟାର ହେ । ବଡ଼ ପ୍ରତାପୀ ଅଟଇ ବୀର । ଢେଙ୍କାନାମରେ ଶବର । ନାଳି କୋଶକରେ ରାଜୁତି ତାର । ବଡ଼ ଦୁର୍ଦ୍ଧାନ୍ତ ଅଟଇ ବୀର ।' ଐତିହାସିକ ତଥ୍ୟ ଅନୁସାରେ ଶବର ରାଜା ଢେଙ୍କାର ଚାରୋଟି ନାଳୀ ବା ଗଡ଼ ଉପରେ ଅଧିକାର ଥିଲା । ଦୁଇପାର୍ଶ୍ୱ ଉଚ୍ଚ ଏବଂ ତାର ମଝିରେ ଥିବା ବିସ୍ତୀର୍ଣ୍ଣ ନିମ୍ନ ଭୂମି ବା ଜନବସତିକୁ ନାଳୀ ବୋଲି କୁହାଯାଉଥିଲା । ଘୁମୁରାନାଳୀ, କଣ୍ଟା ନାଳୀ, ଗୁଡ଼ିଆ ନାଳୀ ଆଦି ପାହାଡ଼ ପର୍ବତ ଓ ବଣ ଜଙ୍ଗଲ ଘେରା ଅଞ୍ଚଳକୁ କୁହା ଯାଉଥିଲା । ପୂର୍ବକାଳରେ ଏହି ଅଂଚଳ ସବୁ ବହୁ କୁଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ଓ ଶବରପଲ୍ଲୀ ବୋଲି ମଧ୍ୟ କୁହାଯାଉଥିଲା । ତେବେ ଆଧୁନିକ ଢେଙ୍କାନାଳର ଏହି ଢେଙ୍କାପିଢ଼ ବର୍ତ୍ତମାନର ଢେଙ୍କାନାଳ ରାଜ ପ୍ରାସାଦର ପଶ୍ଚିମ ପାର୍ଶ୍ୱରେ ଅବସ୍ଥିତ ରହିଛି ଯାହାର ପୁନଃରୁଦ୍ଧାର ପାଇଁ ଢେଙ୍କାନାଳ ଥିଙ୍କର୍ଷ ଫୋରମ ନିରନ୍ତର ପ୍ରୟାସ କରି ଚାଲିଛନ୍ତି ।

ତେବେ ସେମାନଙ୍କର ଏହି ପ୍ରୟାସକୁ ଯଦି ସରକାରୀ ସ୍ତରରେ ସହଯୋଗ ମିଳନ୍ତା ତେବେ ବୀର ସୁରେନ୍ଦ୍ର ସାଏ, ବିର୍ଶାମୁଣ୍ଡାଙ୍କ ଭଳି ଶବର ବୀର ଢେଙ୍କା ଶବର ଆଜି ଓଡ଼ିଆଙ୍କ ପାଇଁ ପ୍ରେରଣା ଓ ଐତିହ୍ୟର ସ୍ମାରକୀ ହୋଇପାରନ୍ତା । ଜିଲ୍ଲା ପ୍ରଶାସନ ବା ରାଜ୍ୟ ପ୍ରଶାସନ ଏ ଦିଗରେ କୌଣସି ଆନ୍ତରିକତା ଏଯାଏଁ ଦେଖାଇ ନାହାନ୍ତି । ଢେଙ୍କାନାଳରୁ ବହୁ ମନ୍ତ୍ରୀ ରାଜ୍ୟ ଓ ଦେଶରେ ନେତୃତ୍ୱ ନେଇଛନ୍ତି କିନ୍ତୁ ଏଯାବତ କେହି ଏ ପବିତ୍ର ପୀଠ ଢେଙ୍କା ପିଢ଼ ବିଷୟରେ ଚିନ୍ତା କରିନାହାନ୍ତି । ଢେଙ୍କାନାଳ ଥିଙ୍କର୍ଷ ଫୋରମ ଓ ଯେଉଁ ବୁଦ୍ଧିଜୀବୀମାନେ ଆଜି ପ୍ରୟାସ ଜାରି ରଖିଛନ୍ତି ସେମାନଙ୍କର ଏହି ପ୍ରୟାସ ଯେ ଦିନେ ସଫଳ ହେବ ଏଥିରେ ସନ୍ଦେହ ନାହିଁ । ପ୍ରସିଦ୍ଧ ଇଂରାଜୀ ଲେଖକ ଏଲବର୍ଟ ହାବାର୍ଡଙ୍କର ଏକ ଉକ୍ତି ଏଠାରେ ଉଲ୍ଲେଖ କରାଯାଇପାରେ ଯିଏ କହିଥିଲେ- " A little more persistence, a little more effort and what seemed hopeless failure may turn to glorious success. ତେଣୁ ନିରାଶ ବା ହତାଶ ହେବାର ଆବଶ୍ୟକ ନାହିଁ । ଦିନେନା ଦିନେ ସରକାରଙ୍କର କୁମ୍ଭକର୍ଣ୍ଣ ନିଦ ଭାଙ୍ଗିବ ଓ ଢେଙ୍କାନାଳକୁ ତାର ସମ୍ମାନ ମିଳିବ ।

ଢେଙ୍କାଶବର ଭଳି ବୀର ରାଜା କେବେହେଲେ ବହୁକାଳ ପର୍ଯ୍ୟନ୍ତ ଅବହେଳିତ ହୋଇ ରହିପାରିବେ ନାହିଁ । ଢେଙ୍କାନାଳ ମାଟିର ପୁଅ ଆଜି ରାଜ୍ୟର ମୁଖ୍ୟ ଶାସନ ସଚିବ । ଢେଙ୍କାନାଳ ମାଟିର ଲେଖକ ଅନ୍ତର୍ଯ୍ୟାମୀ ମିଶ୍ର ଏବେ ପଦ୍ମଶ୍ରୀ ଦ୍ୱାରା ସମ୍ମାନିତ । ଏମିତି ଅନେକ ବରପୁତ୍ର ଓ ବିଶିଷ୍ଟ ପ୍ରତିଭା ଏ ମାଟିରେ ଜନ୍ମ ନେଇଛନ୍ତି। ସମସ୍ତଙ୍କର ପ୍ରୟାସ ହେବା ଦରକାର ଯେ ଢେଙ୍କା ଶବରଙ୍କ ଯଥୋଚିତ ସମ୍ମାନ ମିଳିବା ଦରକାର ।

♥ ସୌଭାଗିନୀ ନିବାସ, ରଟିଲୋ, ରେଞ୍ଜ, ପୁରୀ-୭୫୨୧୧୪,
ମୋ-୮୨୪୯୨୧୬୦

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୩ ଅଗଷ୍ଟ ୨୦୨୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



## ସାଂପ୍ରତିକୀ



# ॥ ଚାଲ୍ ; ଟିକେ ସେଲଫି ନେବା ॥

**ସୁବ୍ରତ ଦାସ**

ଘାରିଛି ଯୁବପିଢ଼ିଙ୍କୁ ଏବେ ସେଲଫି ମାନିଆ। ଯେଉଁଠି ଦେଖିବ ସେଲଫି ଫଟୋର ପୋଜ୍ । ମୋବାଇଲ୍ ଖୋଲିଲେ ରିଲ୍ ସୁଟ୍ , ସେଲ୍‌ଫି ଫଟୋ ସୋସିଆଲ ମିଡ଼ିଆରେ ଭର୍ତ୍ତି। କି ଖରା , କି ବର୍ଷାର ନିସ୍ତାର ନାହିଁ ରିଲ୍ ସୁଟ୍ ଆଉ ସେଲ୍‌ଫି ନେବାରେ। ଡ଼ାକ୍ତରଖାନାର ଅସ୍ତ୍ରୋପଚାର ଗୃହଠାରୁ ଆରମ୍ଭ କରି ମୃତ ଶରୀର ପାଖରେ ବସି ସେଲ୍‌ଫି କ୍ଲିକ୍। କି ସୁଟର ମାନିଆ ଘାରିଛି ଯୁବପିଢ଼ିଙ୍କୁ ଯେ କଳନା କରି ହେଉନାହିଁ। କିଏ ନିଶା ଖାଇବାରୁ ଦୃଶ୍ୟ ସୁଟ୍ କରୁଛି ତ, କିଏ ସୋସିଆଲ ମିଡ଼ିଆରେ ପରିଚିତ ହେବାପାଇଁ ନିଜର ନଗ୍ନ ଅଙ୍ଗପ୍ରତ୍ୟଙ୍ଗକୁ ଦେଖାଇବାରେ ପଶ୍ଚାତାପ କରୁନାହାଁନ୍ତି। ଆଉ କେହି ଅଶ୍ଳୀଳ , ଇଙ୍ଗିତ, କୁ-ଭାଷା ପ୍ରୟୋଗ କରି, କିଏ କବିତା ପାଠକରି , କିଏ ଦ୍ୱିଭାଷା ପ୍ରୟୋଗ କରି ବିଦ୍ରୁପ କରି ପରିଚିତ ହେବା ସହ ରୋଜଗାର କରିବାକୁ ପ୍ରୟାସ କରୁଛନ୍ତି। ହେଲେ ଏହା କେତେ କ'ଣ ଯେ ଆମ ସମାଜ ଉପରେ ପ୍ରଭାବ ପକାଉଛି ସେଥିପ୍ରତି ଚିନ୍ତାଶୀଳ ନୁହଁନ୍ତି। ନବବଧୁଟିଏ ବାସରରାତିର ଦୃଶ୍ୟକୁ ରିଲସ କରୁଛି, କ'ଣ ନା "ବ୍ଲଗ"। ଛୋଟ ଛୋଟ ପିଲାମାନେ ମଧ ଦେଖି ଶିଖି ବ୍ଲଗ କରିବା ପାଇଁ କହିଲେଣି। ବାପା,ମା' ମାନେ ଯେତେବେଳେ ଏସବୁରେ ମାହିର ପିଲାମାନେ କାହିଁକି ନ ହେବେ।

ବହୁ ଘଟଣାମାନ ଏବେ ସମାଜରେ ଆମକୁ ଆଖିଖୋଲି ଦେଉଛି। ଦୁର୍ଘଟଣାର ଶିକାର ହୋଇ ଯେତେବେଳେ ରାସ୍ତାରେ ଛଟପଟ ହେଉଥିବା ବ୍ୟକ୍ତିଜଣକ ହେଲ୍ପ, ହେଲ୍ପ କରି ଚିତ୍କାର କରୁଥାଏ, ସେତେବେଳ ଅନେକ ଯାତ୍ରୀ ସେହି ରାସ୍ତାରେ ଯାଉଥିବାବେଳେ ତାକୁ ଭ୍ରୁକ୍ଷେପ ନ କରି ଚାଲି ଯାଇଥାନ୍ତି। ଆଉ କେହି କେହି ଆହତ ଚିତ୍କାର ଶୁଣି ନିଜ ମୋବାଇଲରେ ଭିଡ଼ିଓ ରେକଡ଼ିଂ କରି ଫେସବୁକ୍‌ରେ ପୋଷ୍ଟ କରିବାରେ ଲାଗିଥାନ୍ତି। ଏମିତିବି ସମୟ ଆସିଲାଣି। ସାହାଯ୍ୟ, ସହାନୁଭୂତିର ଭାବନା ମଣିଷର ହୃଦୟରୁ ଦୂରେଇ ଗଲାଣି। ଆଜିର ସୋସିଆଲ ମିଡ଼ିଆର ବହୁଳ ପ୍ରଚାର ପ୍ରସାର ଏତେ ମାତ୍ରାରେ ଘାରିଲାଣି ଯେ, ଆମ ମୁଣ୍ଡରେ ରାତ୍ରିର ଶେଷ ପ୍ରହର ଠାରୁ ଆରମ୍ଭ କରି ସକାଳର ପ୍ରତ୍ୟୁଷ ହେବାଯାଏ ସେହି ମୋବାଇଲ ଖଣ୍ଡିକ ଉପରେ ନଜର ଥାଏ। କେତେ ନିଜେ ସଜେଇ ନିଜର ରୂପକୁ ସୁନ୍ଦର କରି ସୁନ୍ଦର ଫଟୋ ଖଣ୍ଡିଏ ଉଠାଇ ସିଧାସଳଖ ଫେସବୁକ୍ ହେଉ ଅବା ଇନ୍‌ଷ୍ଟାଗ୍ରାମ୍ ବା ଟୁଇଟର ବା ଟେଲିଗ୍ରାମରେ ପଠାଇ ଅନାଇ ବସିଥାନ୍ତି ତ, କେତେ ଲାଇକ୍ ଆସିଲା ! କିଏ କ'ଣ କମେଣ୍ଟ ଦେଲା ! ଯଦି କମେଣ୍ଟରେ କିଏ ବାଃ, ସୁନ୍ଦର ଇମୋଜିଟେ ଦେଇଥାଏ କି ଖୁସି କହିଲେ ନସରେ।

> ପ୍ରେମୀଯୁଗଳ ନିଜ ପ୍ରେମାସକ୍ତ ଭାବନାକୁ ଉନ୍ମୁକ୍ତ କରିବା ପାଇଁ ନିଜର ନଗ୍ନ ଶରୀରକୁ ଓ ସମ୍ବେଦନଶୀଳ ଅଙ୍ଗ ସୌଷ୍ଠବ୍ୟକୁ ଆଦାନ ପ୍ରଦାନ ହ୍ୱାଟସପ୍, ମେସେଞ୍ଜର ବା ଟେଲିଗ୍ରାମ ମାଧ୍ୟମରେ ଆଦାନ ପ୍ରଦାନ ଉଭୟଙ୍କ ମଧ୍ୟରେ କରିଥାନ୍ତି। ପରବର୍ତ୍ତୀ ସମୟରେ ଉକ୍ତ ଆପତ୍ତିଜନକ ଚିତ୍ର ତାଙ୍କୁ ଅଡୁଆ ସୂତାରେ ଛନ୍ଦି ହେଲାଭଳି ବିବାଦକୁ ଟାଣି ଆଣିଥାଏ।

ଏ ହେଉଛି ଆମ ମାନସିକତା। ଏହି ରୁଗ୍‌ଣ ମାନସିକତାକୁ ଆମେ ଜାବୁଡ଼ି ଧରି ବହୁ ଖୁସି ଆନନ୍ଦିତ ହେଉ । ସମୟ ଅପଚୟ କରୁ, ଶରୀରକୁ ଅସୁସ୍ଥ କରୁ, ଅର୍ଥ ମଧ ନଷ୍ଟ କରୁ , ତଥାପି ଆମ ମନ ଭରେନା। କାହିଁକି ନା ଆମେ ବାରବାର ଠକିବାର ଅଭ୍ୟାସରେ ପରିଣତ ହୋଇଗଲୁଣି। ଝିପିଝିପି ବରଷାରେ ଭିଜିଭିଜି ରିଲ୍‌ସ ସୁଟ୍ କରିବାର ମଜା ନିଆରା ବୋଲି ଯୁକ୍ତିବାଢ଼ନ୍ତି ଯୁବପିଢ଼ି। ଶରୀର ଗୋଟାପଣି ଓଦା ସଡ଼ସଡ। ଦେହର ପୋଷାକ ଶରୀରକୁ ଭିଡ଼ି ଧରିଛି ତଥାପି ମୁଣ୍ଡବାଳ ଓଦା କରି ଭିନ୍ନ ଭିନ୍ନ ଢ଼ଙ୍ଗରେ ଭିଡ଼ିଓ ସୁଟ୍ କରି ଚାଲିଥାନ୍ତି। ନଦୀବନ୍ଧ ଉପରେ , ପୋଲ ଉପରେ , ସଡ଼କ ଉପରେ, ମଟର ସାଇକେଲରେ ହାତ ଛାଡ଼ି ଚଲାଇବାର ସୁଟ୍ ଯେଉଁଠି ବିପଦକୁ ଡ଼ାକି ଆଣିବାର ପ୍ରୟାସ। ଏମିତି ବହୁ ଦୁର୍ଘଟଣା ମଧ ଘଟିଛି। ଗଭୀର ନଦୀଜଳରେ ଗାଧୋଇବା ସମୟେରେ ଭାସିଯାଇ ମୃତ୍ୟୁବରଣ କରିବା , ଜଳପ୍ରପାତ ଫଟୋ ଉଠାଇବାକୁ ଯାଇ ସେଲ୍‌ଫି ନେବା ସମୟରେ ଗୋଡ଼ ଖସି ମୃତ୍ୟୁ ହେବା, ମଝି ସଡ଼କ ଉପରେ ରିଲସ ସୁଟ୍ ବା ସେଲଫି ନେବାବେଳେ ଗାଡ଼ି ଚଢ଼ି ମୃତ୍ୟୁହେବା ଇତ୍ୟାଦି ...। ତଥାପି ସୁଧୁରୁନାହାନ୍ତି ଯୁବପିଢ଼ି। ଅବଚେତନ ମନରେ ସଚେତନତା ଭରୁନି। ସୁଧୁରୁ ଯାଉନାହାଁନ୍ତି ଆଜିର ଯୁବପିଢ଼ି। ନବଦମ୍ପତି ଏକ ସମୁଦ୍ର ବେଳାରେ ବସି ହସଖୁସିରେ ନିଜ ପିଲାମାନଙ୍କ ସହ ମଜା କରିବା ସହ ଦମ୍ପତି ଏକ ପଥର ଉପରେ ବସି ସେଲଫି ଫଟୋ ନେବାବେଳେ ହଠାତ୍ ସମୁଦ୍ରର ଢ଼େଉମାଡ଼ ହେବା ଫଳରେ ପତ୍ନୀଜଣକ ସମୁଦ୍ର ଜଳ ରାଶିରେ ଭାସିଗଲେ। ଚାହୁଁ ଚାହୁଁ ଚାଲିଗଲା ଛୁଆ ଆଗରେ ମାଆର ଜୀବନ । ତେଣୁ ଏଭଳି ବହୁ ଦୁର୍ଘଟଣା ଆମେ ଦେଖୁଛୁ। ଏଥିପ୍ରତି ସଜାଗ ଓ ସଚେତନ ହେବା ଜରୁରୀ। ଏମିତି ବହୁ ସ୍ଥାନ ଅଛି ଯେଉଁଠି ଆମକୁ ବାରଣ କରାଯାଇଥାଏ ବା ନିଷିଦ୍ଧାଞ୍ଚଳ ବୋଲି ଘୋଷଣା କରାଯାଇଥାଏ ଏବଂ ଲେଖାଯାଇଥାଏ ଏଠାରେ ଫଟୋ ଉଠାଇବା ମନା ମାତ୍ର ଆମେ ତାକୁ ନ ମାନି ସୁନ୍ଦର ଫଟୋ ଉଠାଇବା ସଉକରେ ବିପଦକୁ ଡ଼ାକି ଆଣିଥାଉ, ଫଳରେ ମୃତ୍ୟୁ ସୁନିଶ୍ଚିତ ଜାଣି ମଧ୍ୟ ନିମନ୍ତ୍ରଣ କରିଥାଉ।

ବହୁକ୍ଷେତ୍ରରେ ସୋସିଆଲ ମିଡ଼ିଆ ଆମକୁ ବିପଦକୁ ଟାଣି ଆଣିଥାଏ। ପ୍ରେମୀଯୁଗଳ ନିଜ ପ୍ରେମାସକ୍ତ ଭାବନାକୁ ଉନ୍ମୁକ୍ତ କରିବା ପାଇଁ ନିଜର ନଗ୍ନ ଶରୀରକୁ ଓ ସମ୍ବେଦନଶୀଳ ଅଙ୍ଗ ସୌଷ୍ଠବ୍ୟକୁ ଆଦାନ ପ୍ରଦାନ ହ୍ୱାଟସପ୍, ମେସେଞ୍ଜର ବା ଟେଲିଗ୍ରାମ ମାଧ୍ୟମରେ ଆଦାନ ପ୍ରଦାନ ଉଭୟଙ୍କ ମଧ୍ୟରେ କରିଥାନ୍ତି। ପରବର୍ତ୍ତୀ ସମୟରେ ଉକ୍ତ ଆପତ୍ତିଜନକ ଚିତ୍ର ତାଙ୍କୁ ଅଡୁଆ ସୂତାରେ ଛନ୍ଦି ହେଲାଭଳି ବିବାଦକୁ ଟାଣି ଆଣିଥାଏ। ଶେଷରେ ଥାନା , ସାଇବର ଥାନା , କୋର୍ଟଯାଏ କଥା ଲମ୍ବିଥାଏ। ତେଣୁ ଏସବୁ ଘଟଣାମାନ ପ୍ରତି ସତର୍କ ଓ ସଚେତନତା ଜରୁରୀ ବୋଲି ଅବଗତ ହେବା ଉଚିତ।

ତେଣୁ ସୋସିଆଲ ମିଡ଼ିଆର ବ୍ୟବହାର ଆମକୁ ଯେତିକି ଆନନ୍ଦ , ଆମୋଦପ୍ରମୋଦ , ମନୋରଞ୍ଜନ, ଅର୍ଥ ଉପାର୍ଜନର ଖୋରାକ ଯୋଗାଉଛି ସେତକ ମଧ୍ୟ କେତେକାଂଶରେ ଅପରିଚିତ, ଅଜଣା ଭଳି ଅନଲାଇନର ସଠିକ୍ ବ୍ୟବହାର ନ ଜାଣିଲେ ଠକାମିର ଶିକାର ହୋଇଥାନ୍ତି। ସେଥିପାଇଁ ବହୁ ସାଇବର କ୍ରାଇମ୍ ସକ୍ରିୟ ଅଛନ୍ତି। ଅନାୟାସରେ ପରିଚୟ ପ୍ରଦାନ , ପ୍ରେମ, ମୋହ , ଅର୍ଥ ରୋଜଗାର ଆଉ ବାହାଦୁରୀ ଦେଖାଇବାର ପ୍ରୟାସ ଆମକୁ ଶକ୍ତ ଆଘାତ ଦେଇଥାଏ। ତେଣୁ ସବୁ ବର୍ଗର ବ୍ୟକ୍ତି ବିଶେଷ ନିଜର ସେଲଫି ନେବାର ନିଶାଠାରୁ ଦୂରେଇ ରହିବା ସହ ଅକାରଣରେ ନିଜ ଜୀବନକୁ ବାଜି ଲଗାଇବାର ପ୍ରୟାସ ଠୁଁ ଯଥେଷ୍ଟ ସାବଧାନତା ରହିବା ଶ୍ରେୟଷ୍କର। କାରଣ ଜୀବନଟିଏ ଅମୂଲ୍ୟ ଓ ଦୁର୍ଲ୍ଲଭ। ନିୟତିଙ୍କ ସୃଷ୍ଟିରେ ସକଳ ପ୍ରାଣୀଟିଏ ମନୁଷ୍ୟ। ନିଜର ସୌନ୍ଦର୍ଯ୍ୟ ଓ ଆକାର ହିଁ ଭଗବାନଙ୍କ ସୃଷ୍ଟିର ଅନବଦ୍ୟ କୃତି। ତାକୁ ବିକୃତିକରଣ କରିବାର ଅପଚେଷ୍ଟା ଓ ମାୟା ହିଁ ମୃତ୍ୟୁର ରାସ୍ତା। ନିଜର କର୍ମ, ସାଧନ ଓ ନିଷ୍ଠା ହିଁ ଯଥେଷ୍ଟ ପରିଚୟ। ଅନ୍ୟଥା ଅନାବଶ୍ୟକ।

❤ ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ. ୯୪୩୭୭୩୧୯୦୩




# ସ୍ୱପ୍ନର ପୃଥିବୀ



**ଡା. ସରୋଜିନୀ ଷଡଙ୍ଗୀ**
❤ ଲିଙ୍କରୋଡ଼, କଟକ-୧୨
(ମୋ) -୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସମସ୍ତଙ୍କ ଜୀବନରେ ସ୍ୱପ୍ନ ଆସେ । ସେ ସ୍ୱପ୍ନ ବେଳେବେଳେ ଡେଣା ମେଲି ଆକାଶକୁ ଛୁଇଁଥାଏ । ସକାଳର ସ୍ୱପ୍ନ, ସଂଜ ବେଳକୁ ନଥାଏ ଏବଂ ରାତିର ସ୍ୱପ୍ନ ସାକାର ହେବା ଆଗରୁ ଭୋର୍ ବେଳର ଆକାଶ ଆଲୋକିତ ହୋଇ ସାରିଥାଏ । ଜାଣେ ନାହିଁ ଏ ଜୀବନ କେମିତି ଆସିଲା, କେଉଁ ଉଦ୍ଦେଶ୍ୟ ନେଇ ଈଶ୍ୱର ପୃଥିବୀକୁ ଆଣିଲେ ଜୀବନର ସ୍ୱପ୍ନ ସାକାର ହେଲାକି ନାହିଁ ଏବଂ ଏ' ଜନ୍ମ ପାଇଁ କିଛି ମହତ୍ କାର୍ଯ୍ୟ କରି ପାରିଲି କି ନାହିଁ, ପୁଣି ଆମ ପାଇଁ ପୁନର୍ଜନ୍ମ ଅଛି କି ନାହିଁ ଏଇ ଦ୍ୱନ୍ଦ ଭିତରେ ଜୀବନର ଅଧାରୁ ଅଧିକ ସମୟ ସରିଗଲା ।

ଜୀବନରେ ବେଳେବେଳେ କିଛି ସୁଖ ପାଇ ଖୁସି ହେଉ ହେଉ ଦୁଃଖର ସମୁଦ୍ରଟିଏ ସୃଷ୍ଟି ହୋଇଯାଏ ଏବଂ ତା'ର ଉଚ୍ଛୁଳା ଢେଉ ମାଡି ଆସି ସବୁ ସୁଖର ବାଲିଘର ଭାଙ୍ଗି ଦିଏ । ଏକ ଅବୁଝା ଗଣିତ, ଯାହାକୁ କେତେବେଳେ କେଉଁ ବାଗରେ ସମାଧାନ କରିବାକୁ ହୋଇଥାଏ ତା'ର ସରଳତମ ସୂତ୍ରଟି ଜାଣିବା ଖୁବ୍ କଷ୍ଟକର ହୋଇପଡେ । କେତେବେଳେ ଶୁଭଙ୍କରୀ ହୋଇ ତ'କେତେବେଳେ ସାଂକେତିକ ଗଣିତ ହୋଇ, କି' ଅବା ପାଟୀ ଗଣିତ ବା' ବୀଜ ଗଣିତ ହୋଇ ସେ ଜୀବନକୁ ଏକ ଜଟିଳତମ ଜାଲରେ ଛନ୍ଦି ପକାଏ । ନା ' ଗଣିତ ର ସମାଧାନ ହୁଏ ନାଁ ଅଙ୍କ ସରଳ ରେଖାଟିଏ ହୋଇ ଆଙ୍କି ହୋଇଯାଏ ।

> କେତେବେଳେ ଭୋର୍ ଆକାଶରେ ଅରୁଣ ସୂର୍ଯ୍ୟ ଉଇଁଲେ ପକ୍ଷୀର କୂଜନରେ ଗଗନ ପବନ ମୁଖରିତ ହେଲେ, ସଦ୍ୟ ପବନର ବାସ୍ନାରେ ଚାରିଆଡ ମହକି ଉଠିଲେ ଲାଗେ, ସତରେ ଏ ଜୀବନ କେତେ ସୁନ୍ଦର ।

କେତେବେଳେ ଭୋର୍ ଆକାଶରେ ଅରୁଣ ସୂର୍ଯ୍ୟ ଉଇଁଲେ ପକ୍ଷୀର କୂଜନରେ ଗଗନ ପବନ ମୁଖରିତ ହେଲେ, ସଦ୍ୟ ପବନର ବାସ୍ନାରେ ଚାରିଆଡ ମହକି ଉଠିଲେ ଲାଗେ , ସତରେ ଏ ଜୀବନ କେତେ ସୁନ୍ଦର । ପ୍ରଭୁଙ୍କର ପାଦପଦ୍ମରେ ପ୍ରଣତି ଜଣାଇ ସମୟ ଅତିବାହିତ କରିବାକୁ ଇଚ୍ଛାହୁଏ । ପୁଣି ବେଳେବେଳେ ସେଇ ଅରୁଣ ରଙ୍ଗର ଖରାକୁ ମେଘ ଘୋଡାଇ ଦିଏ, ଉଇଁ ଉଠେ ଆକାଶରେ ମେଘ ଓ ବାଦଲ ସହ ଝଡି ବର୍ଷା ଏବଂ ଅସରନ୍ତି ଦୁଃଖର କଳା ବଉଦ ଛାଇଯାଏ ଆକାଶସାରା ।

ସେମିତି ମନରେ ପ୍ରଶ୍ନଟିଏ ଉଠିଥିଲା ଯେତେବେଳେ ମୁଁ କିଶୋରୀ ବୟସରେ ବୋଉକୁ ହରାଇଥିଲି । କିନ୍ତୁ ମୋ ବୋଉ ଲେଖିକା ପଦ୍ମାବତୀ ଆଚାର୍ଯ୍ୟ ଥିଲେ ଜଣେ ତେଜସ୍ୱିନୀ ମହିଳା ଯିଏ ଏ ପୃଥିବୀରେ ଅଳ୍ପ ଦିନର ଅତିଥି ହୋଇ ମଧ୍ୟ ଦୀର୍ଘଦିନ ପାଇଁ ଆମକୁ ଜୀଇଁବାର ମନ୍ତ୍ର ଶିଖାଇ ଦେଇଥିଲେ । ଆମ ଦେହରେ ଆଉ ମନରେ ଅସରନ୍ତି ଆତ୍ମ ବିଶ୍ୱାସ ଭରି ଦେଇଥିଲେ ଯାହା ଆମକୁ ଜୀବନର ଏ ଅସୀମ ରାସ୍ତାରେ ଚାଲିବା ପାଇଁ ପ୍ରେରଣା ଯୋଗାଇ ଦେଇଥିଲା । ବହୁ ପିଲାଦିନରୁ ତାକୁ ହରାଇଥିବାରୁ ବେଳେବେଳେ ମନରେ କ୍ଷୋଭ ଆସେ, ଭାବେ ସେ କିଛି ବି' ଦେଖି ପାରିଲାନି ଜୀବନ ଯାତ୍ରାର ପ୍ରତ୍ୟେକ ସୋପାନରେ ଆମର ଉତ୍ତରଣ ଗତିରେ ଉଜ୍ଜଳତା ଭରିଦେବାକୁ ସେ ଆମ ପାଖରେ ନଥିଲା । କିନ୍ତୁ ପ୍ରଭୁଙ୍କ ନିକଟରେ ଆମେ ଏତେ କୃତଜ୍ଞ ଯେ, ଅନ୍ତତଃ ଅଳ୍ପ ସମୟ ପାଇଁ ହେଉପଛେ ଏମିତି ଭାସ୍ୱର ଆତ୍ମାଟିଏ ଆମକୁ ଜନ୍ମ ଦେଇଥିଲା ଏବଂ ଆମ ସହ କିଛି କାଳ ରହି ଆମମାନଙ୍କୁ ଜୀଇଁବାର ଦିଗଦର୍ଶନ ଦେଖାଇଥିଲା ।

ସେମିତି ବି' ଆଉ ଗୋଟିଏ ପରିସ୍ଥିତି ଆସିଥିଲା ଯେତେବେଳେ ଆମେ ସବୁଠାରୁ ନିଜର ନନାଙ୍କୁ ହରେଇଥିଲୁ ଅଳ୍ପ ବୟସରେ । ମାତ୍ର ୪୦ ବର୍ଷ ବୟସରେ ବୋଉଙ୍କୁ ହରାଇବାର ଦୁଃଖ ଏବଂ ଆମ ସମସ୍ତଙ୍କର ଯତ୍ନ ନେବାର ପ୍ରତିଜ୍ଞା ତାଙ୍କୁ ଏକାକୀ ରହିବା ପାଇଁ ବଦ୍ଧ ପରିକର କରିଥିଲା । ଶିକ୍ଷା, ଦୀକ୍ଷା, ଚାକିରୀର ଶୀର୍ଷତମ ସମୟରେ ଥାଇ ମଧ୍ୟ କମ୍ ବୟସରେ ସେ ଚାଲି ଯାଇଥିଲେ । ଜୀବନର ଅନ୍ୟ ନାମ ଆନନ୍ଦର ସଂକଳ୍ପ ନେଇ ସେ ଚାଲିଥିଲେ କିନ୍ତୁ ସେତିକିବେଳେ ଆମ ସମସ୍ତଙ୍କ ମୁଣ୍ଡ ଉପରୁ ମଧ୍ୟ ତାଙ୍କ ଆଶୀର୍ବାଦର ହାତ ଉଠିଯାଇଥିଲା । ସେତେବେଳେକୁ ବି' ଭଗବାନଙ୍କ ପାଖରେ ନିଜର କୋହ ଭରା ଦୁଃଖକୁ ପିଇ ଯାଇ ଅଭିଯୋଗ କରିଥିଲୁ ସବୁ ଭାଇଉଭଣୀମାନେ । ପରବର୍ତ୍ତୀ ସମୟରେ ଆମର ବୃହତ୍ତର ପରିବାର ରେ ରହିମଧ୍ୟ ଭାବିଛୁଁ, କାହିଁକି ପ୍ରଭୁ ଆମ ପାଇଁ ଏତେ କଠୋର ହେଲେ ? କେବଳ ଆମ ଜୀବନରେ ଦୁଃଖ ହିଁ ଦୁଃଖ ଲେଖି ଦେଲେ ? କିନ୍ତୁ ଏହାହିଁ ତ ଜୀବନ ମୁଦ୍ରାର ଦୁଇଟି ପାର୍ଶ୍ୱ । ଗୋଟିଏ ପାଖରେ ସୁଖର ଛଳ ଛଳ ମୁହଁ ତ ଅପର ପାର୍ଶ୍ୱରେ ଲୁହ ଛଳଛଳ ଆଖି ପ୍ରଭୁ ପୁଣି ଫେରାଇ ଦିଅନ୍ତେ ନାହିଁ ସେଇ ଛିଟ ଛିଟ ଫ୍ରକ୍ ପିନ୍ଧା ଚପଳ ପିଲାଦିନ ଯେଉଁଠାରେ ଦିଶୁଥାନ୍ତା ଦୁଇପଟେ ବେଣୀ ଛାଡି ଜହ୍ନର ରିବନ ବାନ୍ଧି ଦଉଡି ଦଉଡି ଉଡନ୍ତା ପ୍ରଜାପତିଟିକୁ ଧରି ପକାଇବାର ସେ ଆବେଗଭରା ଦୃଶ୍ୟ । କିନ୍ତୁ ପ୍ରଭୁ ବୋଧହୁଏ ଅଙ୍ଗୁଳି ଦେଖାଇ ନିର୍ଦ୍ଦେଶ ଦେଇଥିଲେ "ଏ ଜୀବନ ଅଳୀକ, ସମୟ ମଧ୍ୟ ଅଳୀକ, କେତେବେଳେ ବୁଦ୍‌ବୁଦ୍ ଭଳି ମିଳାଇଯିବ ତାହା କେହି କହିପାରିବେ ନାହିଁ । କିନ୍ତୁ ଯେତିକି ଦିନ ଆମେ ତାଙ୍କର ସନ୍ତାନ ହୋଇ ଜନ୍ମ ଗ୍ରହଣ କରିଥିଲୁଁ ଏବଂ ତାଙ୍କର ଦିଗଦର୍ଶନ ପାଇଥିଲୁ ସେତିକି ଆମ ପାଇଁ ଯଥେଷ୍ଟ । ସେ ପବିତ୍ର ଆତ୍ମାକୁ ସେ ବିଶାଳ ପିତୃତ୍ୱକୁ ମୋର ସହସ୍ର ପ୍ରଣାମ । ଏ ଜୀବନ ଗୋଟିଏ ଦୂରଗାମୀ ଟ୍ରେନ ଆମେ ସମସ୍ତେ ଗୋଟିଏ କଂପାଟ୍‌ମେଣ୍ଟର ଯାତ୍ରୀ । ଜାଣେ ନାହିଁ କାହାର ଲକ୍ଷ୍ୟ ସ୍ଥଳୀ କେଉଁଠି, କେତେବେଳେ, ପହଞ୍ଚିଯିବ ଏବଂ ଗନ୍ତବ୍ୟସ୍ଥଳୀରେ ପହଞ୍ଚିଗଲେ ଆମକୁ ଟ୍ରେନ କଂପାଟମେଣ୍ଟରୁ ଆମ ନିର୍ଦ୍ଧାରିତ ସ୍ଥାନରେ ସଧୀରେ ଓହ୍ଲାଇଯିବାକୁ ହେବ ।
(କ୍ରମଶଃ)

# ଧାରାବାହିକ ଅନୁବାଦ ଉପନ୍ୟାସ-(୩୪)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଲେ





ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସିଏ କହିଲା, ମୁଁ କେତେବେଳେ କହିଲି ଯେ ଏଇଟା ଗୋଟେ କଷ୍ଟ କାମ ବୋଲି । ହେଲେ କେଉଁଟା ମୋଟରର ସ୍ୱିଚ୍ ସେକଥା ତୁ ଆଜି ଯାଏ ମୋତେ କେବେ କହିଛୁ କି ? କାମକୁ ଡରୁନି ମୁଁ। ଏବେ ବି ମୋ ଶରୀରରେ ଶକ୍ତି ଅଛି।"

ମୁଁ : ହେଲେ ତୁ ବି ତ ପଚାରିବା କଥା ନା କେଉଁ ସ୍ୱିଚ୍‌ଟା କାହାର ?

ସିଏ : ତୋର ତ ଘରସାରା ସ୍ୱିଚ୍। କେଉଁକେଉଁଟାକୁ ଏବେ ପଚାରି ବୁଲିବି ମୁଁ? ଯେତିକି ଜରୁରୀ ସେତିକି କହି କି ରଖିବା କଥା କି ନୁହେଁ ? ଅଯଥାରେ ତୁ ଚିଡୁଛୁ ମୋ ଉପରେ ?

ମୁଁ: ମୁଁ ଚିଡୁନି, ହେଲେ ମୋତେ ଲାଗେ ତୁ ଅନ୍ୟମାନଙ୍କ ଭରସାରେ କାହିଁକି ବଂଚିବୁ ?

ସିଏ : ତୁ ଚିନ୍ତା କରନା, ମୁଁ କଣ ତୋ କଥା ବୁଝିପାରୁନି ନା କ'ଣ ? ଯଦି ସେମିତି ହେଲା ତୁ ହିଁ ବେଶୀ ଅସୁବିଧାର ସମ୍ମୁଖୀନ ହେବୁ। ମୁଁ କାହାକୁ ବି ହଇରାଣ କରିବାକୁ ଚାହୁଁନି। ଯଦି କେବେ ସେମିତି ସମୟ ଆସିଲା ତେବେ ଚୁପ୍‌ପ୍ ଆଖି ବନ୍ଦ କରିନେବି ଚିରଦିନ ପାଇଁ। ତୁମେ ତୁମର ଖୁସିରେ ରୁହ, ବାବା।

ମାଆ ଯେବେ ବି ଏମିତି କ୍ଷୁରଧାର ପରି କଥା କହେ ମୋର ହୃଦୟ ଚିରି ହୋଇଗଲା ପରି ଲାଗେ। ସବୁ କିଛି ଶୁଣି ସାରି ଭାବିଲି... ମାଆ କଣ ଭଲ କଥା କେବେ ହେଲେ କହିବନି ? ସୁଖଶାନ୍ତିର ନିଃଶ୍ୱାସ କେବେ ବି ନେବନି ? ସେଇ ପୁରୁଣା ପ୍ରଶ୍ନ ପୁଣି ଥରେ ମୋ ମନରେ ଉଙ୍କିମାରେ। ମୁଁ ସେଇ ପ୍ରଶ୍ନକୁ ଆଡ଼େଇଦେଇ ଆଗକୁ ଯିବାକୁ ଚେଷ୍ଟା କରେ।

(୩୪)

ଏଇ କିଛିଦିନ ହେବ ମାଆ ଭିତରେ ଏକ ପରିବର୍ତ୍ତନ ମୋର ଦୃଷ୍ଟିଗୋଚର ହୋଇଥିଲା। ମାଆ ପ୍ରତିଦିନ ବୁଦ୍ଧ-ବନ୍ଦନା ସମୟରେ ନିଜର ନାତିମାନଙ୍କ ସହିତ ତାଙ୍କ ଠାରୁ ଟିକେ ଦୂରରେ ହାତଯୋଡ଼ି ବସି ଯାଉଥିଲା। ଚୁପଚାପ୍ ବସି ପ୍ରାର୍ଥନା ଶୁଣୁଥିଲା। ମୋ ମତରେ, ସତ କହିବାକୁ ଗଲେ ଏହା ଏକ କ୍ରାନ୍ତି ଥିଲା। କେବଳ ତାର ନୁହେଁ ମୋର ସାତ ପୁରୁଷ, ସମସ୍ତଙ୍କର ଜୀବନ ଅନ୍ଧଶ୍ରଦ୍ଧା ଓ କର୍ମକାଣ୍ଡର ଚକ୍ରବ୍ୟୂହ ମଧ୍ୟରେ ଫସିକି ରହି ଯାଇଥିଲା। ସାମନାକୁ ଆସୁଥିବା ଦୁଃଖକୁ ଅନ୍ତ କରିବାକୁ ଓ ଦୁଇଓଳି ଦୁଇ ମୁଠା ଖାଦ୍ୟର ଚିନ୍ତା ଦୂର କରିବା ହିଁ ଏଇ ଅନ୍ଧ-ଭକ୍ତିର ଶରଣାଗତ ହେବାର ଏକମାତ୍ର କାରଣ ଥିଲା। ହେଲେ ଚିନ୍ତା ଦୂର ହୁଏ ନାହିଁ ତାହା ଅଲଗା କଥା ମୋର ମାମୁଁ ଘରେ ଖଣ୍ଡୋବା, ମଲ୍ଲମା, ମର୍ଜୁଦାର,ମହସୋବା ଆଦି ଦେବତାଙ୍କୁ ବହୁତ ଶ୍ରଦ୍ଧା ଭରେ ପୂଜା କରାଯାଉଥିଲା। ମାଆର ମାଆ, ଅର୍ଥାତ୍ ମୋର ଆଈ ଏଇ ସବୁ ଦେବଦେବୀଙ୍କୁ ଖୁବ୍ ଭକ୍ତି ସହିତ ପୂଜାର୍ଚ୍ଚନା କରୁଥିଲା। ହେଲେ ତାଙ୍କର ବାପଘର କୋହ୍ଲାପୁର ଜିଲ୍ଲାର ସାଙ୍ଗୱାଡ଼ାର ନରସିଂହ ବି ଏଇ ଦେବତାଙ୍କ ସହ ଥିଲେ। ଅନେକ ଥର ତାଙ୍କ ସହିତ ନିମ ପତ୍ରକୁ ଗୁଡ଼େଇ ମୁଁ ଯଲମ୍ମା ମନ୍ଦିର ଯାଇଥିଲି। ଆମର ମାମୁଁଘରେ ଖଣ୍ଡୋବାଙ୍କର ଅଖଣ୍ଡ ପାଠ ବହୁତ ଥର ହୋଇଥିଲା। ବାଦ୍ୟଯନ୍ତ୍ରର ତାଳେତାଳେ ଲୋକେ କଳାକାରଙ୍କ ନାଚିବାର ଦେଖିଥିଲି ଆଇ ଖଣ୍ଡୋବା ଅର୍ଥାତ୍ ବେଲଗାଇଁ ଜିଲ୍ଲାର ମଙ୍ଗସୁଲୀ ଓ ସୌନ୍ଦତ୍ତି ଯଲମ୍ମା ମନ୍ଦିରକୁ ପାଦରେ ଚାଲି ଚାଲି ଯାଉଥିଲା। ସାରା ଜୀବନ ମାଆ ଏଇ ଦେବତାମାନଙ୍କୁ ସମ୍ଭାଳି ଥିଲା। ଅଜା କିନ୍ତୁ, ଏସବୁ ଠାକୁର, ଦିଅଁଦେବତାଙ୍କ ବ୍ୟୂହରୁ ଦୂରରେ ଥିଲେ। ମାମୁଁ ବି ଦୂରରେ ହିଁ ଥିଲେ। ମାଆ ଯେବେ ଶ୍ୱଶୁର ଘରକୁ ଗଲା ଏଇ ସବୁ ଠାକୁର ତା ସହିତ ଥିଲେ। ତା' ଛଡ଼ା ଶ୍ୱଶୁରଘରର ଦେବତାମାନେ ତ ଆଗରୁ ଥିଲେ ହିଁ। ଏମାନଙ୍କ ଛଡ଼ା ଶିରପୁଞ୍ଜୀର ମାଁ ସାହେବ, ମିରଜର ମୀରାସାବ, ବିଶାଳଗଡ଼ର ଦୁର୍ଗା ଆଉ ଅଲୋବାଙ୍କ ଯୋଗୁଁ ତାର ଦେବୀ ଦେବତାଙ୍କର ସୂଚୀ ଆହୁରି ଦୀର୍ଘ ହୋଇଯାଇଥିଲା। ଗୋଟେ କାଠର ବଡ଼ ସିନ୍ଦୁକରେ ଏଇ ଦେବତାମାନଙ୍କୁ ବନ୍ଦ କରି ରଖାଯାଉଥିଲା। ସେମାନଙ୍କୁ କେହି ଚୋରି କରି ନନେଉ ସେଥିପାଇଁ ସେଇ ସିନ୍ଦୁକରେ ବଡ଼ ତାଲା ପଡୁଥିଲା।

ମାଆର ଦେହ ଖରାପ ହେବାକୁ ଲାଗିଥିଲା। ତାର ଖାଦ୍ୟ ବି କମିବାରେ ଲାଗିଥିଲା। ଖାଦ୍ୟରେ ପ୍ରୋଟିନ୍‌ର ମାତ୍ରା ବଢ଼େଇବା ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ତାକୁ ଦେବା ଆରମ୍ଭ ହୋଇଥିଲା। ପ୍ରତିଦିନ ତିନି / ଚାରି ଥର ଔଷଧ ଖାଇବାକୁ ପଡୁଥିଲା। ସେଇଥିପାଇଁ ଭରପୁର ଖାଦ୍ୟ ଖାଇବା ବି ଦରକାର ଥିଲା। ମୋର ବିରାଟ ବଙ୍ଗଳାରେ କୌଣସି ଠାକୁର ଦିଅଁଦେବତାଙ୍କ ପାଇଁ କୌଣସି ଠାରେ ଜାଗା ନଥିଲା। ପୂଜା କରିବ ତ କାହାକୁ, ଇଏ ଗୋଟେ ବଡ଼ ପ୍ରଶ୍ନ ଥିଲା ମାଆ ଆଗରେ। ଶେଷରେ ଏଇ କାରଣ ପାଇଁ ଠାକୁର ମାନଙ୍କୁ ଭୁଲିବା ଆରମ୍ଭ ହୋଇଯାଇଥିଲା। 'ବୁଦ୍ଧଂ ଶରଣଂ ଗଛାମି' ଯେଉଁ ଦିନ ମାଆ ନିଜ ନାତିମାନଙ୍କ ସହିତ ଏଇ ବାକ୍ୟ ଉଚ୍ଚାରଣ କଲା ସେଦିନ ମୋର ଖୁସିର ଠିକଣା ନ ଥିଲା। ସିଏ ଅନ୍ଧକାରରୁ ବାହାରକୁ ଆସି ସାରିଥିଲା। ମୋତେ ଲାଗିଲା ଯେମିତି ମାଆ ପ୍ରଜ୍ଞା, ଜ୍ଞାନ ଓ ଆଲୋକର ଶରଣକୁ ଚାଲିଗଲା। ମୁଁ ଅନୁଭବ କଲି ତାର ଯାତ୍ରା ଅନ୍ଧକାର ଠାରୁ ଆରମ୍ଭ ହୋଇ ଆଲୋକରେ ପହଞ୍ଚିଗଲା। ଏ ସବୁ ମୋର ହିଁ ନିରୁତା ଅନୁଭବ ଥିଲା। ମୁଁ ତାକୁ ଏ ବିଷୟରେ କିଛି ପରି ନଥିଲି। କେବେ କେବେ ତାର ମନେ ପଡ଼ି ଯାଉଥିଲା ନିଜର ଧାର୍ମିକ ପରମ୍ପରା କଥା। ସିଏ କହୁଥିଲା "ମୋର ଦାଦା ଶ୍ୱଶୁରର ଅର୍ଥାତ୍ ଶ୍ୱଶୁରଙ୍କର ନିଜ ଭାଇ ସୋନପ୍ପାଙ୍କୁ ଯଲ୍ଲମ୍ମାଙ୍କୁ ସମର୍ପଣ କରାଯାଇଥିଲା, ନରବାଡ଼ି (ନଅଗଜ ଶାଢି) ପିନ୍ଧି ସିଏ ଯୋଗୱା (ଭିକ୍ଷା) ମାଗୁଥିଲା। ଯାଯାବର ପରି ବୁଲୁ ଥିଲା ଚାରିଆଡ଼େ। ଶିରଦୱାଡ଼ ନାଁ କଉଠି ଗୋଟେ ଜଣେ ଯୋଗତିନ (ଭିକ୍ଷୁଣୀ) କୁହାଯାଏ। ଯେ ଗୋଟେ ତମର ପୁଅକୁ ସିଏ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥିଲା। ହେଲେ ସୋନପ୍ପା ମରିଗଲା... ତାର ସମସ୍ତେ ମରିଗଲେ.... ପୁରାବଂଶ ନିବାତ ହୋଇଗଲା... ୟଲ୍ଲୁବାଇଙ୍କର ଏମିତି କରିବା ଉଚିତ୍ ନଥିଲା।

(୩୫)

ଦିନେ ମାଆ ମୋତେ କିଛି ନ ପଚାରି ନିଜେ ନିଜେ ହିଁ କହିଲା "ଏବେ ଯଦି ମୁଁ ଟାକଲିବାଡ଼ି ଯାଏ, ତେବେ ପରଛତିରେ ହିଁ ରହିବି", ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗିଲା। ଟାକଲିବାଡ଼ିରେ ମୋର ମାମୁଁ ତାଙ୍କର ନିଜର ଘରକୁ ମୋର ଭାଇ ଅର୍ଥାତ୍ ସୁଦାମାଙ୍କୁ ଦେଇଥିଲେ। ଏମିତି ସେ ଘର ଏଠିକା ଘର ଅପେକ୍ଷା ବି ବଡ଼ ଥିଲା। ମୋର ଭାଇ ସୁଦାମା ଓ ମାଆ ଭିତରେ ଟ୍ୟୁନିଂ ବି ଭଲ ଥିଲା। ପ୍ରକୃତପକ୍ଷେ ସେ ହିଁ ମାଆକୁ ସମ୍ଭାଳୁଥିଲା। ତା'ର ପତ୍ନୀ ବି କୌଣସି ପ୍ରକାର ଖିଟ୍ ନ କରି ମାଆର ସେବା କରୁଥିଲା। ସୁଦାମାର ଛୁଆମାନଙ୍କୁ ବି ମାଆ ଜୀବନ ଠାରୁ ଅଧିକ ଭଲ ପାଉଥିଲା। ଏବେ ସବୁ ପରେ ବି ସିଏ ପରରୁଚିରେ ରହିବାପାଇଁ ଯିବାକୁ କାହିଁକି ଚାହୁଁଛି ? ମୁଁ ତାକୁ ପରିଲି "ପରରୁଚିରେ ଯାଇ କଉଠି ରହିବୁ ମାଆ ?'

"କଉଠି କଣ, ମୁଁ ସେଠି ଘର ବନେଇଛି ନା - ୧୧ ବାଇ ୨୦ର।"

"ହେଲେ ଏତେ ବଡ଼ କଥା ତୁ ଆଜିଯାଏଁ ମୋତେ କହିନୁ ଥରେ ହେଲେ।"

"କାହିଁକି କହିଥାନ୍ତି ? ତୁ କଣ ମୋତେ ତିଆରି କରି ଦେଇଥାନ୍ତୁ ?"

"ଆରେ - ହେଲେ ତୁ ତାର ତିଆରି କରିବା ପାଇଁ ପଇସା କେଉଁଠୁ ଆଣିଲୁ ?"

"କ'ଣ ହେଲା... ? ମୋତେ କଣ ପେନ୍‌ସନ୍ ମିଳୁନି ? ତୁ ବି ତ ମନିଅର୍ଡର କରୁ। ଅଳ୍ପ ଅଳ୍ପ ସଞ୍ଚୟ କରି ତିଆରି କରି ଦେଲି ଘର।"

"ହେଲେ - ଘର ତିଆରି କରିବାର ଆବଶ୍ୟକତା କ'ଣ ଥିଲା ?"

ଆରେ, ସରକାର ଦଳିତ ଲୋକମାନଙ୍କୁ ମାଗଣାରେ ଜମି ଦେଉଛନ୍ତି। ମୋତେ ବି ମିଳିଗଲା।"

"ହେଲେ ... ତୋର ସେ ଜମି ନେବାର କଣ ଦରକାର ଥିଲା ?"

"କାଇଁ ! ମୋର କଣ ଘର ଦରକାର ନାହିଁ ?"

"ହଁ ଅଛି ... ହେଲେ ଆମର ଘର ଅଛି ନା ?"

"ତୁମମାନଙ୍କ ଘର ତୁମମାନଙ୍କ ପାଇଁ ଥାଉ।"

"ମାଆ... ଏସବୁ ତୋର ମୋର କ'ଣ କହୁଛୁ ଯେ ତୁ ? ତୁ ତ କେଉଁଠି ବି ରହିପାରିବୁ ?"

"ହଁ ସେ ସବୁ ଠିକ୍ ଅଛି, ହେଲେ ସମସ୍ତଙ୍କର ନିଜ ନିଜର ଘର ପରିବାର ବଢ଼ିବ। ତୋର ପିଲାମାନେ ଏବେ ବଡ଼ ହେଲେଣି।"

"ମାଆ... ତୋତେ କଣ କେହି କେବେ କହିଛି କି ଘରେ ରହିବା ପାଇଁ ଜାଗା ନାହିଁ ବୋଲି ?"

"ହେଇଟି ଦେଖ ! ମୁଁ ଘର ବନେଇ ନେଇଛି।" (କ୍ରମଶଃ)

❤ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

## ପାରିବାରିକ କଳହରୁ କରୁଣ ପରିଣତି : ଯୁବକଙ୍କ ଆତ୍ମହତ୍ୟା

ଜଳେଶ୍ୱର , ୧୨/୦୮ (ନି.ପ୍ର): ଜଳେଶ୍ୱର ଥାନା ଅନ୍ତର୍ଗତ ମହମ୍ମଦନଗରପାଟଣା ପଂଚାୟତର ପାଟଣା ଗାଁର ଶଂକର ଚନ୍ଦ୍ର ଦାସଙ୍କ ପୁଅ ସଂଜିବ ଦାସ ଆଜି ବେକରେ ଦଉଡି ଲାଗି ଆତ୍ମହତ୍ୟା କରିଥିବା ଜଣାଯାଇଛି । ବାପା ଶଂକର ଓ ପୁଅ ସଂଜିବଙ୍କ ମଧ୍ୟରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହେବାରୁ ସଂଜିବ ହଠାତ୍ କୋଠରୀ ମଧ୍ୟକୁ ଯାଇ କବାଟ କିଳି ଝୁଲି ପଡିଥିଲା ବୋଲି କୁହାଯାଇଛି । ପରିବାର ଲୋକେ କବାଟ ଭାଂଗି ସେଠାରୁ ଉଦ୍ଧାର କରି ତାଙ୍କୁ ଜିକେଭଟ୍ଟର ହସ୍ପିଟାଲକୁ ଆଣିଥିଲେ । ସେଠାରେ ତାର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆମ୍ବୁଲାନ୍ସ ଦ୍ୱାରା ବାଲେଶ୍ୱର ସ୍ଥାନାନ୍ତର ହେଉଥିବା ବେଳେ ସେକସରାଇ ନିକଟରେ ତାର ପ୍ରାଣବାୟୁ ଉଡି ଯାଇଥିଲା । ତାର ବିଧାବା ସ୍ତ୍ରୀ, ୫ବର୍ଷର ପୁଅ ଓ ୬ ମାସର ଝିଅକୁ ସରକାରୀ ସହାୟତା ଯୋଗାଇଦେବାକୁ ସରପଂଚ ଅରୁଣ କୁମାର ସେନାପତି ଦାବି କରିଛନ୍ତି ।

## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

**ଟେଣ୍ଡର ନୋଟିସ୍ ନମ୍ବର: TRD-KGP-W-2023-24-12, ତାରିଖ ୧୧.୦୮.୨୦୨୩ ।** ଇ-ଟେଣ୍ଡରକୁ ଶ୍ରୀ ବିଭାଗୀୟ ବୈଦ୍ୟୁତିକ ଇଞ୍ଜିନିୟର / ଟିଆରଡି / ଖଡ଼ଗପୁର -୭୧୨୩୦୧ ଦ୍ୱାରା ଭାରତ ରାଷ୍ଟ୍ରପତିଙ୍କ ତରଫରୁ ୧୫.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ନିମନ୍ତ୍ରଣ କରାଯାଇଛି । ଆଇଟମଗୁଡିକ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୫.୩୦ ଘଣ୍ଟାରେ ଖୋଲାଯିବ । **କାର୍ଯ୍ୟଗୁଡ଼ିକର ବର୍ଣ୍ଣନା:** (୧) ନିମପୁରା ୟାର୍ଡ ମାଧ୍ୟମରେ: CTR (S) ୧.୩୯ Tr. କିମି ୨୫ଟି ଅଣ୍ଡ ଲୋଡ୍ କାର୍ଯ୍ୟ ପାଇଁ ନୂତନ ମାର୍ଗ ପାଇଁ, (୨) ନିମ୍ପୁରା - ଗାକୁଲପୁର (NA LINE): ୧.୯୯ Tr. ପାଇଁ TRR (P) । କିମି କିମିରେ ୧୨୬.୩୫୦-୧୨୮.୩୪୦, (୩) ନିମ୍ପୁରା - ଗାକୁଲପୁର (NA LINE): ୧.୯୯ Tr ପାଇଁ TRR (P) । କିମି କିମିରେ ୧୨୩.୨୪୩-୧୨୫.୨୩୩, (୪) ନିମ୍ପୁରା - ଗାକୁଲପୁର (NA LINE): ୧.୯୯ Tr ପାଇଁ TRR (P) । କିମି କିମିରେ ୧୨୮.୫୦୦-୧୩୦.୪୯୦, (୫) ନିମ୍ପୁରା - ଗାକୁଲପୁର (NA LINE): ୧.୯୮୭ Tr ପାଇଁ TRR (P) । କିମି କିମିରେ ୧୩୦.୫୭୦-୧୩୧.୬୪୦ ଏବଂ ୧୨୫.୩୦୦-୧୨୬.୨୨୦, (୭) ଖଡ଼ଗପୁର-ଭଦ୍ରକ- TRR (P) -୩୮.୫୬୪ କିମି, (୮) ଖଡ଼ପୁର-ଭଦ୍ରକ- TSR (P) -୯.୮୬୧ କିମି । ଏବଂ (୯) ହାୱଡ଼ା-ଖଡ଼ଗପୁର, ପାନସ୍କୁରା - ହାଲଡିଆ ଏବଂ ଖଡ଼ଗପୁର - ଟାଟା - CTR (S) - ୨୩.୦୩୨ କିମି । **ଟେଣ୍ଡର ମୂଲ୍ୟ:** ୧୭,୭୪,୫୫୨. ୭୦ **EMD:** ଟ ୩୫,୫୦୦ / -। ଟେଣ୍ଡର **ଡକ୍ୟୁମେଣ୍ଟର ମୂଲ୍ୟ:** ନିଲ୍ । **ସମାପ୍ତି ସମୟ:** ୧୨ (ବାର) ମାସ । **ଦାଖଲ ତାରିଖ:** ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୩୧.୦୮.୨୦୨୩ ର **ଖୋଲିବାର ତାରିଖ:** ୩୧.୦୮.୨୦୨୩ ଇଚ୍ଛୁକ ଟେଣ୍ଡରରମାନେ ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ଟେଣ୍ଡରର ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଟିପନ୍ଣୁ:** ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାକର୍ମୀମାନେ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରିପାରିବେ ।

(PR-504)

## ଆଇସିଏସ୍ଏସ୍ ମହାବିଦ୍ୟାଳୟ ଆଇନ ବିଭାଗରେ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ




ଭଦ୍ରକ, ୧୨/୦୮ (ନି.ପ୍ର): ଭଦ୍ରକ ସ୍ଥିତ ଆଇ.ସି.ଏସ୍.ଏସ୍. ମହାବିଦ୍ୟାଳୟରୁ ୩ ବର୍ଷିଆ ଆଇନ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଆଇନ ସ୍ନାତକୋତ୍ତର ବିଭାଗର ପ୍ରାଧ୍ୟାପକ ଡ. ପ୍ରେମାନନ୍ଦ ରଣସିଂହଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମାରୋହରେ ଭଦ୍ରକ ଓକିଲ ସଂଘର ସଭାପତି ବରିଷ୍ଠ ଆଇନଜୀବୀ ନିରାକାର ଜେନା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ମଧୁସୂଦନ ଦାଶ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମହାବିଦ୍ୟାଳୟର ଆଇନ ବିଭାଗ ଅଧକ୍ଷ ଡ. ଦେବେନ୍ଦ୍ର କୁମାର ମିଶ୍ର ସଭାରେ ପୌରୋହିତ୍ୟ କରିଥିଲେ । ଡ. ରଣସିଂହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବରେଣ୍ୟ ଅତିଥି ଶ୍ରୀଯୁକ୍ତ ଦାଶ ଆଇନ ପାଠରେ ଇଂରାଜୀ ଭାଷାର ପ୍ରାଧାନ୍ୟତା ଉପରେ ବକ୍ତବ୍ୟ ରଖିଥିବା ବେଳେ ମୁଖ୍ୟଅତିଥି ଶ୍ରୀଯୁକ୍ତ ଜେନା ସମାଜ ଗଠନ ଏବଂ ଶାନ୍ତି ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ଆଇନର ଭୂମିକା ଉପରେ ଆଲୋକପାତ କରିଥିଲେ । ଆଇନ ବିଭାଗର ଛାତ୍ରଛାତ୍ରୀମାନେ ରାଷ୍ଟ୍ର ଗଠନ ଦିଗରେ ନିଜକୁ କିପରି ନିୟୋଜିତ କରିପାରିବେ ଏବଂ ମହାତ୍ମା ଗାନ୍ଧୀ ଓ ମଧୁସୂଦନ ଦାସଙ୍କର ଦେଶ ଗଠନରେ କିପରି ଭୂମିକା ଥିଲା, ତାଙ୍କର ପ୍ରେରଣା ଓ ନିଷ୍ଠା ଆଗାମୀ ପିଢି ପାଇଁ ଉଦାହରଣ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ତଥା ଭଦ୍ରକ ଓକିଲ ସଂଘର ପୂର୍ବତନ ସମ୍ପାଦକ ଜୀତେନ୍ଦ୍ର କୁମାର ପଣ୍ଡା ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମେ ମୁଖ୍ୟଅତିଥି ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦ୍‌ଘାଟନ କରିଥିଲେ । ଛାତ୍ରଛାତ୍ରୀମାନେ ରାଜ୍ୟ ସଂଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ ବରିଷ୍ଠ ଅଧ୍ୟାପକ ମାନସ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ପୃଷ୍ଠପୋଷକ ଜୟପ୍ରକାଶ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଚନ୍ଦ୍ରଶେଖର ଦାସମହାପାତ୍ର, ଲକ୍ଷ୍ମୀନାରାୟଣ ନନ୍ଦ, ପଦ୍ମଲୋଚନ ଶିଅଳ, ବିଶ୍ୱମ୍ଭର ବାରିକ, ବିଭୁ ପ୍ରସାଦ ମହାପାତ୍ର ପ୍ରମୁଖ ଅଧ୍ୟାପକ ଏବଂ କର୍ମଚାରୀ ସହଯୋଗ କରିଥିଲେ ।

## ରାଷ୍ଟ୍ରପତିଙ୍କ ପରେ ମୁଖ୍ୟମନ୍ତ୍ରୀଙ୍କଠାରୁ ସମ୍ମାନିତ ହେଲେ ନୀଳଗିରି ପୁଅ ତଥା ଢେଙ୍କାନାଳ ଜିଲ୍ଲାପାଳ ସରୋଜ ସେଠୀ



ନୀଳଗିରି , ୧୨/୦୮ (ନି.ପ୍ର): କର୍ମ ହିଁ ସଫଳତାର ମୂଳମନ୍ତ୍ର । ନିଷ୍କାମ କର୍ମଯୋଗୀ ସବୁ ବାଧା ବନ୍ଧନକୁ ଅତିକ୍ରମ କରି ଶୀର୍ଷରେ ପହଞ୍ଚିଥାଏ । ସମ୍ମାନ ତାକୁ ଅନୁସରଣ କରେ । ସେହିଭଳି ବ୍ୟକ୍ତିତ୍ୱ ହେଉଛନ୍ତି ନୀଳଗିରି ମାଟିର ସୁଯୋଗ୍ୟ ସନ୍ତାନ ତଥା ଏବର ଢେଙ୍କାନାଳ ଜିଲ୍ଲାପାଳ ସରୋଜ କୁମାର ସେଠୀ । ପିଲାଟି ଦିନରୁ କଠିନ ଅଧ୍ୟବସାୟ ତଥା ପରିଶ୍ରମୀ ଶ୍ରୀଯୁକ୍ତ ସେଠୀ ଆଜି ଜଣେ ସଫଳ ବ୍ୟକ୍ତିତ୍ୱ । ଜିଲ୍ଲାପାଳ ଭାବରେ ଉଚ୍ଚ ପଦବୀରେ ରହି ନିଷ୍ଠାପର କାମ କରିବାର ଆଗ୍ରହ ତାଙ୍କୁ ଆଜି ଏତେବଡ ସମ୍ମାନର ଅଧିକାରୀ କରିପାରିଛି । ଯାହାପାଇଁ ରାଷ୍ଟ୍ରପତି ପରେ ଏବେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ମାନୀତ କରିଛନ୍ତି ।ଭୂ-ସଂସ୍କାର ଓ ଜମିଜମା ରେକର୍ଡର କମ୍ପ୍ୟୁଟରୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଭୂମି ସମ୍ମାନ-୨୦୨୩ରେ ସମ୍ମାନିତ ସେ ଓ ତାଙ୍କ ଟିମ୍ । ଢେଙ୍କାନାଳ ଜିଲାପାଳ ଶ୍ରୀଯୁକ୍ତ ସେଠୀ ଓ ତାଙ୍କ ଟିମକୁ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଭୂମୀ ସଂଶାଧନ ବିଭାଗ ପକ୍ଷରୁ ଭୂମି ସମ୍ମାନ-୨୦୨୩ ପ୍ଲାଟିନମ୍ ଆୱାର୍ଡରେ ସମ୍ମାନିତ ହୋଇଛନ୍ତି । ଜନ୍ମମାଟି ନୀଳଗିରିର ବୁଦ୍ଧିଜୀବୀ ଓ ପ୍ରଶଂସକ ମହଲରେ ତାଙ୍କ ଦକ୍ଷତାକୁନେଇ ବେଶ୍ ପ୍ରଶଂସା କରିଛନ୍ତି । ଶ୍ରୀ ସେଠୀ ସ୍କୁଲ ଶିକ୍ଷା ପରେ ବାଲେଶ୍ୱର ଏଫ୍.ଏମ୍ କଲେଜରେ ଶିକ୍ଷାଲାଭ କରିଥିଲେ । ପରେ ବିଜେବି କଲେଜରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ବାଣୀବିହାରରେ ବ୍ୟକ୍ତିଗତ ପରିଚାଳନା (ପର୍ଶନାଲ ମେନେଜମେଣ୍ଟ) ଓ ଶ୍ରମ ମଙ୍ଗଳ ସହିତ ରାଜନୀତି ବିଜ୍ଞାନ ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । ୧୯୯୧ରୁ ଆରମ୍ଭ ହୋଇଥିଲା ତାଙ୍କ ଚାକିରୀ ଜୀବନ । ୧୯୯୯ ପ୍ରଳୟଙ୍କରୀ ମହାବାତ୍ୟା ସମୟରେ ବାଲେଶ୍ୱର ଜିଲ୍ଲାର ଜରୁରୀକାଳୀନ ଅଧିକାରୀ ଭାବରେ ଅବସ୍ଥାପିତ ଥାଇ ଦୃଢତାର ସହ ବାତ୍ୟା ମୁକାବିଲା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପରେ ବିଭିନ୍ନ ପଦବୀ ତଥା ଉଦଳା ଉପଜିଲ୍ଲାପାଳ, ବାଲେଶ୍ୱରରେ ବିଡ଼ିଓ, ତହସିଲଦାର, କଟକରେ ସିଡ଼ିଏ ସେକ୍ରେଟାରୀ, ଜଙ୍ଗଲ ବିଭାଗ ଓ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ଶାସନ ସଚିବ, ଭୁବନେଶ୍ୱର ପାନୀୟ ବିଭାଗର ମ୍ୟାନେଜିଂ ଡାଇରେକ୍ଟର ପରେ ଏବେ ଢେଙ୍କାନାଳ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଅଛନ୍ତି । ଦୂରଦୃଷ୍ଟି ଓ ଗଭୀର ଧୀ -ସମ୍ପନ୍ନ ପ୍ରଶାସନିକ ଅଧିକାରୀ ଭାବେ ଶ୍ରୀ ସେଠୀ ନିଜ ଜିଲ୍ଲାରେ ସମସ୍ତ ବିଭାଗର ସମନ୍ୱୟ ରକ୍ଷାକରି କିପରି ଜିଲ୍ଲାକୁ ଅଗ୍ରଗଣ୍ୟ କରିପାରିବେ ସେ ଦିଗରେ ସର୍ବଦା ଚେଷ୍ଟିତ । ତେବେ ପ୍ରଶାସନିକ କ୍ଷେତ୍ରରେ ହେଉ କିମ୍ବା ସାମାଜିକ କ୍ଷେତ୍ରରେ ସଦାସର୍ବଦା ଲୋକମାନଙ୍କ ପାଇଁ କାମ କରିବାର ଆଗ୍ରହ ତାଙ୍କୁ ଏଭଳି ସୁନାମ ଆଣି ଦେଇଛି ।

## ଫାଇଭ-ଟି ସଚିବଙ୍କ ଗସ୍ତକୁ ବିରୋଧ: ବହୁ ବିଜେପି ଓ କଂଗ୍ରେସ ନେତା ଅଟକ



ବାରିପଦା , ୧୨/୦୮ (ନି.ପ୍ର): ଆଜି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ଫାଇଭ-ଟି ସଚିବ ଭି.କେ. ପଣ୍ଡିଆନଙ୍କ ମୟୂରଭଞ୍ଜ ଗସ୍ତ ଥିବା ବେଳେ, ଜିଲ୍ଲା ଗସ୍ତ ପୂର୍ବରୁ ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା ପ୍ରଭାସ କର ମହାପାତ୍ର ଓ ମୋରଡା ନିର୍ବାଚନ ମଣ୍ଡଳୀର ସଭାପତି ତାପସ ରଂଜନ ରାଉତଙ୍କୁ ୧୦ ତାରିଖ ବିଳମ୍ବିତ ରାତ୍ରିରୁ ମୟୂରଭଞ୍ଜ ପୋଲିସ ଅଟକ ରଖିଥିବା ବେଳେ, ପୂର୍ବତନ ଲୋକସଭା ସାଂସଦ ତଥା ସିଡବ୍ଲ୍ୟୁସିର ସ୍ଥାୟୀ ସଦସ୍ୟା ସୁଶ୍ରୀ ସୁଶୀଳା ତିରିୟା ତଥା ବହୁ କଂଗ୍ରେସର କର୍ମକର୍ତ୍ତା ଘଟଣାକୁ ନିନ୍ଦା କରିଛନ୍ତି । ସେହିପରି ୫ଟ୍ଟ ସଚିବଙ୍କ ବାରିପଦା ଗସ୍ତକୁ ବିଜେପି ତରଫରୁ ଏକ ଶୋଭାଯାତ୍ରା ମାଧ୍ୟମରେ କଳା ପତାକା ଦେଖାଇ ବିରୋଧ ପ୍ରଦର୍ଶନ କରାଯାଇଥିଲା । ବିଜେପି ରାଜ୍ୟ ସଂପାଦକ ଡ଼ା. କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ, ବିଜେପିର ଆଦିବାସୀ ନେତା ସୁଗଦା ମୁର୍ମୁ, ଯୁବ ମୋର୍ଚ୍ଚା ସଭାପତି ବଳରାମ ସାହୁ, ଫାଗୁ ହାଁସଦା ପ୍ରମୁଖ ବିଜେପିର ବହୁ ନେତା ନେତ୍ରୀଙ୍କୁ ପୋଲିସ ଅଟକ ରଖିଥିବାର ଜଣାଯାଇଛି । ସେହିପରି ଯଶୀପୁର ଠାରେ ମଧ ବିରୋଧ ପ୍ରଦର୍ଶନ କରାଯାଇଥିବାର ଜଣାଯାଇଛି ।

### ଅକ୍ଷୟ କୁମାରଙ୍କ ପ୍ରାୟଶ୍ଚିତ ଅନଶନ ଚତୁର୍ଥ ଦିନରେ

ଭୁବନେଶ୍ୱର, ୧୨/୦୮ (ନି.ପ୍ର): ନବୀନଙ୍କ ଅପାରଗ ଓ ଭ୍ରଷ୍ଟାଚାର ସରକାରର ଅନ୍ତ ଘଟାଇବା ପାଇଁ ନବନିର୍ମାଣ ସ୍ୱରାଜ ସରକାରର ଆବାହକ ଅକ୍ଷୟ କୁମାର ଅଗଷ୍ଟ ୯ରୁ ୧୫ କ୍ରାନ୍ତି ଦିବସରୁ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ଲୋୟର ପିଏମ୍‌ଜିରେ ଚାଲିଥିବା ଅନଶନ ଚତୁର୍ଥ ଦିନରେ ପହଂଚିଛି । ଗତ କାଲି ଅକ୍ଷୟ କୁମାରଙ୍କ ଅନଶନକୁ ସମର୍ଥନ ଜଣାଇ ପାଖାପାଖି ୨୦ଟି ଜିଲ୍ଲାରେ କର୍ମୀମାନେ ଉପବାସରେ ବସିବା ସହ ଧାରଣା ଦେଇଥିଲେ । ପିଏମ୍‌ଜିରେ ଅନଶନ ବସିଥିବା ଶ୍ରୀ କୁମାର ଓଡ଼ିଶା ସରକାରଙ୍କ ଶାସନକୁ ସମାଲୋଚନା କରି କହିଥିଲେ ଯେ, ନବୀନ ସରକାର ମିଥ୍ୟା ପ୍ରଚାର ଓ ପ୍ରତାରଣାର ଆଧାର ଉପରେ ତିଷ୍ଠି ରହିଛି । ରାଜ୍ୟରେ ଠିକଣା ଢଙ୍ଗରେ ଏକ ଅସଲି ବିକଳ୍ପ ପାଇଁ ଜନମତ ସୃଷ୍ଟି କରାଗଲେ ବିଜେଡ଼ି ସରକାର ଅନାୟାସରେ ଭୁଷୁଡ଼ି ପଡ଼ିବ । ଓଡ଼ିଶାର ବିପୁଳ ପ୍ରାକୃତିକ ସମ୍ପଦର ସୁବିନିଯୋଗ ନ ହେବା କାରଣରୁ ଓଡ଼ିଆ ଲୋକଙ୍କର ଜୀବନଧାରଣ ମାନରେ ଗୁଣାତ୍ମକ ପରିବର୍ତ୍ତନ ଆଦୌ ହୋଇନାହିଁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ସ୍କୁଲ୍‌ରେ ....

ପ୍ରଚଣ୍ଡ ଶବ୍ଦ ପରେ ସ୍କୁଲର ଲାଇନ କଟି ଯାଇଥିଲା । ଆଉ କେହି କିଛି ବୁଝିବା ପୂର୍ବରୁ ୧୬ ଜଣ ଛାତ୍ରଛାତ୍ରୀ ଅଚେତ ହୋଇ ପଡ଼ିଯାଇଥିଲେ । ଏହା ଜଣାପଡ଼ିବା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଅଚେତ ହୋଇପଡ଼ିଥିବା ଛାତ୍ରଛାତ୍ରୀଙ୍କୁ ତୁରନ୍ତ ପାଟକୁର ଡାକ୍ତରଖାନା ନିଆ ଯାଇଥିଲା । ପାଟକୁରା ଡାକ୍ତରଖାନା ପକ୍ଷରୁ କୁହାଯାଇଛି ଯେ ୧୫ ଜଣ ଛାତ୍ରଛାତ୍ରୀ ଅବସ୍ଥା ଭଲ ଅଛି । ତେବେ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି ।

### ଟିଏମସି ରକ୍ତର ....

ଏସବୁ ସତ୍ତ୍ୱେ ବିଜେପି ଜିତିବାରୁ ଦଳର ସଦସ୍ୟଙ୍କ ବିରୋଧରେ ସେମାନେ ରାଲି ମଧ୍ୟ କରିଥିଲେ ।" ଜୁଲାଇ ୮ରେ ପଶ୍ଚିମବଙ୍ଗରେ ପଞ୍ଚାୟତ ନିର୍ବାଚନ ହୋଇଥିଲା । ଜୁଲାଇ ୧୧ରେ ୬୩,୨୨୯ ଗ୍ରାମ ପଞ୍ଚାୟତ ଆସନ ପାଇଁ ହୋଇଥିବା ଭୋଟ ଗଣତି ହୋଇଥିଲା । ଟିଏମସି ପ୍ରାୟ ୩୦ ହଜାର ଆସନ ଜିତିଥିବା ବେଳେ ବିଜେପି ୮ ହଜାର ଓ କଂଗ୍ରେସ ୨୦୨୨ ଆସନ ଜିତିଥିଲା । ତେବେ ଭୋଟିଂ ଓ ଗଣତି ବେଳେ ରାଜ୍ୟରେ ବ୍ୟାପକ ହିଂସା ଦେଖାଯାଇଥିଲା । ବାଲଟ ବକ୍ସ ଲୁଟ ଓ ରିଗିଂ ଅଭିଯୋଗ ମଧ୍ୟ ଆସିଥିଲା । ଏହାକୁ ନେଇ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଥିଲା । ଏବେ ପ୍ରଧାନମନ୍ତ୍ରୀ ମୋଦି ଉକ୍ତ ହିଂସା କଥା ଉଠାଇ ଟିଏମସିକୁ ଟାର୍ଗେଟ କରିଛନ୍ତି ।

### ୧୦ ଓଏଏସ୍ ଅଫିସରଙ୍କ....

ଅତିରିକ୍ତ ଜିଲ୍ଲାପାଳ, ବୀରମହାରାଜପୁର ଉପଜିଲ୍ଲାପାଳ ଅଶୋକ କୁମାର ଭୋଇଙ୍କୁ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା ଉପଜିଲ୍ଲାପାଳ ଅଭିମନ୍ୟୁ ମାଝୀଙ୍କୁ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ଓ ରାୟଗଡ଼ା ଉପଜିଲ୍ଲାପାଳ ଭୀମସେନ ଶବରଙ୍କୁ ନୂଆପଡ଼ା ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି । ରାସଗୋବିନ୍ଦପୁର ବିଡିଓ ଲଲାଟେନ୍ଦୁ ସିଙ୍କୁ ବୀରମହାରାଜପୁର ଉପଜିଲ୍ଲାପାଳ, ଫିରିଙ୍ଗିଆ ବିଡିଓ ରଶ୍ମୀରଞ୍ଜନ ମହାନ୍ତଙ୍କୁ ରେଢ଼ାଖୋଲ ଉପଜିଲ୍ଲାପାଳ, କେନ୍ଦୁଝର ସାହାଡ଼ାପଡ଼ା ବିଡିଓ ବିଜୟ କୁମାର ନାୟକଙ୍କୁ ପାନପୋଷ ଉପଜିଲ୍ଲାପାଳ, ଗଞ୍ଜାମ କୁକୁଡ଼ାଖଣ୍ଡି ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀଙ୍କୁ ରାୟଗଡ଼ା ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଛି ।

### ଉତ୍କୃଷ୍ଟ ତଦନ୍ତ ପାଇଁ ଗୃହମନ୍ତ୍ରୀ....

ପ୍ରଭାତ କୁମାର ବିଶ୍ୱାଳ ଏବେ ସୁନ୍ଦରଗଡ଼ରେ ଡିଏସ୍‌ପି ଭାବେ କାର୍ଯ୍ୟ କରୁଛନ୍ତି । ସେହିପରି ମାନସ ରଞ୍ଜନ ପ୍ରଧାନ ମଧ୍ୟ ସୁନ୍ଦରଗଡ଼ରେ ଡିଏସ୍‌ପି ଭାବେ କାର୍ଯ୍ୟ କରୁଛନ୍ତି । ଇନ୍ସପେକ୍ଟର ପ୍ରଶାନ୍ତ କୁମାର ସାହୁ ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟ କରୁଥିବା ବେଳେ ଇନ୍ସପେକ୍ଟର ଦୁର୍ଗେଶ ନନ୍ଦିନୀ ମହାନ୍ତି କଟକରେ କାର୍ଯ୍ୟ କରନ୍ତି । ଏହି ସଫଳ ୪ ଜଣ ଓଡ଼ିଆ ଅଧିକାରୀ ଗୃହମନ୍ତ୍ରୀ ପଦକ ପାଇଁ ମନୋନୀତ ହୋଇଥିବାରୁ ଓଡ଼ିଶା ପୁଲିସ ଅଭିନନ୍ଦନ ଜଣାଇଛି । ଦୁର୍ଗେଶ ନନ୍ଦିନୀ ମହାନ୍ତି ଅପହରଣ ଓ ଦୁଷ୍କର୍ମ ଭଳି ୫୦ରୁ ଅଧିକ ମାମଲାର ତଦନ୍ତ କରିଛନ୍ତି । ସେ ଏଥର ତିନୋଟି ପ୍ରମୁଖ ଘଟଣା ପାଇଁ ଗୃହମନ୍ତ୍ରୀ ପଦକ ଲାଗି ମନୋନୀତ ହୋଇଛନ୍ତି । ଏହି ୩ଟି ମାମଲା ହେଲା ସିଡିଏ ଫେଜ୍-୨ ଅଞ୍ଚଳରେ ୩ ବର୍ଷ ଝିଅକୁ ଦୁଷ୍କର୍ମ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ, କଟକ ଦୋଲମୁଣ୍ଡାଇ ଅଞ୍ଚଳରେ ଅଷ୍ଟମ ଶ୍ରେଣୀ ଛାତ୍ରୀକୁ ଦୁଷ୍କର୍ମ ଓ କଟକ ମଧୁପାଟଣା ଅଞ୍ଚଳରେ ମହିଳା ଥାନା ଅଞ୍ଚଳରେ ୪ ବର୍ଷର ଝିଅକୁ ଦୁଷ୍କର୍ମ ଘଟଣା । ଏହି ତିନୋଟି ଘଟଣାରେ ମାସେ ମଧ୍ୟରେ ତଦନ୍ତକାରୀ ଅଧିକାରୀ ଦୁର୍ଗେଶ ନନ୍ଦିନୀ ତଦନ୍ତ ସାରି କୋର୍ଟରେ ଚାର୍ଜସିଟ ଦାଖଲ କରିବା ପରେ ଅଭିଯୁକ୍ତଙ୍କୁ ଦଣ୍ଡବିଧାନ ହୋଇପାରିଥିଲା । ସେ ପୂର୍ବରୁ ରାଜ୍ୟ ଡିଜିପି ଡିସ୍କ ମେଡାଲ ମଧ୍ୟ ପାଇସାରିଛନ୍ତି । ସୂଚନାଯୋଗ୍ୟ, ଏହି ପଦକ ୨୦୧୮ ମସିହାରୁ ଦିଆଯାଉଛି । ପ୍ରତିବର୍ଷ ଅଗଷ୍ଟ ମାସ ୧୨ ତାରିଖରେ ଏହି ପଦକ ପାଇବା ପାଇଁ ମନୋନୀତ ହୋଇଥିବା ପୁଲିସ ଅଧିକାରୀଙ୍କ ନାମ ଘୋଷଣା କରାଯାଉଛି । କେନ୍ଦ୍ର ଗୃହମନ୍ତ୍ରୀ ପଦକ ପାଇଁ ଚଳିତ ବର୍ଷ ସିବିଆଇରୁ ୧୫, ଏନ୍ ?ଆଇଏରୁ ୧୨, ଉତ୍ତରପ୍ରଦେଶରୁ ୧୦, କେରଳ ଓ ରାଜସ୍ଥାନରୁ ୯ ଜଣ ଲେଖାଏଁ, ତାମିଲନାଡୁରୁ ୮, ମଧ୍ୟପ୍ରଦେଶରୁ ୭ ଓ ଗୁଜରାଟରୁ ୬ ଜଣ ଲେଖାଏଁ ମନୋନୀତ ହୋଇଛନ୍ତି ।

### ସାଂସଦ ପଦ ଫେରିବା ....

ରାହୁଲ ଗାନ୍ଧି କହିଛନ୍ତି, "ସେଠାରେ ଚାରିଆଡ଼େ କେବଳ ରକ୍ତ ହିଁ ରକ୍ତ । ସେଠାରେ ଚାରିଆଡ଼େ ହତ୍ୟା ଓ ଦୁଷ୍କର୍ମ ଭଳି ଘଟଣା ଘଟି ଚାଲିଛି । ମଣିପୁର ସ୍ଥିତି ଏବେ ଭୟଙ୍କର ରହିଛି ଓ ପ୍ରଧାନମନ୍ତ୍ରୀ ସଂସଦରେ ୨ ଘଣ୍ଟା ୧୩ ମିନିଟ ଭାଷଣ ଦେଲେ । କିନ୍ତୁ ସେ ମଣିପୁର ପ୍ରସଙ୍ଗରେ କେବଳ ୨ ମିନିଟ କହିଥିଲେ । ସେ ହସୁଥିଲେ, ଥଟ୍ଟା ପରିହାସ କରୁଥିଲେ । ତାଙ୍କ କ୍ୟାବିନେଟ ସଦସ୍ୟମାନେ ବି ହସୁଥିଲେ । ମଣିପୁରରେ କାହାର ଘର ଜଳି ଯାଇଛି ତ ଆଉ କାହାର ଭଉଣୀଙ୍କୁ ଦୁଷ୍କର୍ମ କାରାଯାଇଛି । କାହାର ଭାଇ ଓ ବାପା ମା'ଙ୍କୁ ହତ୍ୟା କରାଯାଇଛି । କେହି ଜଣେ ମଣିପୁରରେ କିରାସିନ ଢାଳିଛି ଓ ନିଆଁ ଲଗାଇ ଦେଇଛି ।" ବିଜେପି ସରକାର ମଣିପୁର ପ୍ରସଙ୍ଗରେ ଆଲୋଚନା କରୁ ନଥିବାରୁ ରାହୁଲ ଗାନ୍ଧି ତୀବ୍ର ସମାଲୋଚନା କରିଛନ୍ତି । ସେ କହିଛନ୍ତି, "ପ୍ରଧାନମନ୍ତ୍ରୀ ମୋଦି ଓ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀମାନେ ମଣିପୁର ଆଲୋଚନା ବେଳେ ଅନେକ ପ୍ରକାରର ପରିହାସ କରିଥିଲେ । ସେ କହିଛନ୍ତି, "ପ୍ରଧାନମନ୍ତ୍ରୀ ଗୃହରେ ୨ ଘଣ୍ଟା ୧୩ ମିନିଟର ଭାଷଣ ଦେଇଥିଲେ । ସେ କଂଗ୍ରେସ ବିଷୟରେ, ମୋ ବିଷୟରେ ଓ ଇଣ୍ଡିଆ ମେଣ୍ଟ ସମ୍ପର୍କରେ କହିଲେ । କିନ୍ତୁ ସେ ମଣିପୁର ପ୍ରସଙ୍ଗରେ କେବଳ ୨ ମିନିଟ ମତ ରଖିଥିଲେ ।" ରାହୁଲ ଗାନ୍ଧି ଆହୁରି କହିଛନ୍ତି, "ବିଜେପି ଭାବୁଛି ସେମାନେ ମଣିପୁରକୁ ଧ୍ୱଂସ କରି ଦେଇଛନ୍ତି । ଆମେ ମିଳିତ ଭାବେ ମଣିପୁରକୁ ଫେରାଇ ଆଣିବୁ । ଆମେ ୫ ବର୍ଷ ସମୟ ନେଇପାରୁ, କିନ୍ତୁ ମଣିପୁରରେ ଶାନ୍ତି ଓ ପ୍ରେମକୁ ଫେରାଇବାକୁ ସକ୍ଷମ ହେବୁ । ଏହା ବିଜେପି ଓ କଂଗ୍ରେସ ମଧ୍ୟରେ ଲଢ଼େଇ । ବିଜେପି ଓ ଆରଏସଏସ ଗୋଟିଏ ପରିବାର କ'ଣ ବୁଝନ୍ତି ନାହିଁ । ସେମାନେ ଆପଣମାନଙ୍କୁ ଓ ମୋତେ ଯେତେ ଅଲଗା କରିବାକୁ ଚେଷ୍ଟା କରିବେ, ଆମେ ସେତେ ପାଖକୁ ଆସିବା । ସେମାନେ ଭାବିଥିଲେ ଯେ ଯଦି ସେମାନେ ରାହୁଲ ଗାନ୍ଧିକୁ ଅଯୋଗ୍ୟ ଘୋଷଣା କରିଦେବେ, ତା'ହେଲେ ୱାୟନାଡ ସହ ତାଙ୍କର ସମ୍ପର୍କ ଭାଙ୍ଗିଯିବ । କିନ୍ତୁ ସେମାନେ ମନେ ରଖିବା ଦରକାର ଯେ ଯଦି ଆପଣମାନେ ରାହୁଲ ଗାନ୍ଧିକୁ ଅଯୋଗ୍ୟ ଘୋଷଣା କରିବେ, ୱାୟନାଡ ସହ ସମ୍ପର୍କ ସେତେ ଶକ୍ତିଶାଳୀ ହେବ ।"

### ଚାକିରି ନାଁରେ....

ଜାଲରେ ଫସାଉଥିଲେ । ୪୦ ହଜାର ଟଙ୍କା ଦେଲେ ଉକ୍ତ କମ୍ପାନୀ ଚାକିରି ଦେବେ ବୋଲି ଲୋଭନୀୟ ଅଫର ଦେଉଥିଲେ । ବିଶ୍ୱାସ ଜନ୍ମାଇବା ପାଇଁ ଅନଲାଇନରେ ଇଂଟରଭ୍ୟୁ ମଧ୍ୟ ନେଉଥିଲେ । ଓଡ଼ିଶା ସମେତ ଛତିଶଗଡ଼ ଓ ଝାରଖଣ୍ଡର ଅନେକ ଚାକିରି ଆଶାୟୀ ପ୍ରାର୍ଥୀ ଏହି ଜାଲରେ ପଡ଼ିଥିଲେ । ଅନ୍ୟପଟରେ ସାଇବର ଠକମାନେ ଜାଲି ଆକାଉଂଟ ଓ ପ୍ରିଆକ୍ଟିଭେଟ ସିମ୍ ମାଧ୍ୟମରେ ଟେଲି କଲିଂ ଓ ଅର୍ଥନୈତିକ କାରବାର କରୁଥିଲେ । ବିଭିନ୍ନ ଲୋକଙ୍କୁ ଦୁଇ ହଜାରରୁ ତିନି ହଜାର ଟଙ୍କା ଦେଇ ସେମାନଙ୍କ ଆକାଉଂଟ ଭଡ଼ାରେ ଆଣି ଏହି ଜାଲିଆତି କାମରେ ଲଗାଉଥିଲେ । ସାଇବର ପୁଲିସ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ନୂତନ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କୁ ରାଜ୍ୟ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୨/୦୮ (ନି.ପ୍ର): ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ କେନ୍ଦ୍ରରେ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ ଏବଂ ଏଥି ପାଇଁ କାର୍ଯ୍ୟରତ । ମୋଦି ସରକାର ଚାଷୀମାନଙ୍କୁ ବିହନ, ସାର, କୀଟନାଶକଠାରୁ ଆରମ୍ଭ କରି ବୈଷୟିକ ଓ ଆର୍ଥିକ ସହାୟତା ଯୋଗାଇ ଦେବା ସତ୍ତ୍ୱେ ଆଜି ଓଡିଶାରେ କୃଷକ ଭାଇଭଉଣୀଙ୍କ ସମସ୍ୟାର ଅନ୍ତ ଘଟୁନାହିଁ । ବିଜେଡିର ଚାଷୀମାରଣ ନୀତି କାରଣରୁ ଆଜି ଓଡିଶାର କୃଷକମାନଙ୍କ ଅର୍ଥନୈତିକ ବିକାଶରେ ବଡ ବାଧା ସୃଷ୍ଟି ହୋଇଛି । ରାଜ୍ୟର ଅଗଣିତ ଚାଷୀ ଭାଇଭଉଣୀଙ୍କ ସମସ୍ୟାକୁ ନେଇ ଭାରତୀୟ ଜନତା ପାର୍ଟୀ ସବୁବେଳେ ଲଢେଇ କରୁଛି ଏବଂ ଆଗାମୀ ଦିନରେ ଏହି ଲଢେଇକୁ ଆହୁରି ଶାଣିତ କରିବ ବୋଲି ନୂତନ ଭାବେ ଦାୟୀତ୍ୱ ନେଇଥିବା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି । ଶନିବାର ରାଜ୍ୟ କାର୍ଯ୍ୟାଳୟଠାରେ କୃଷକ ମୋର୍ଚ୍ଚା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ମୋର୍ଚ୍ଚା ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହା ପରେ ମୋର୍ଚ୍ଚାର ନୂତନ ସଭାପତି ମହେଶ୍ୱର ସାହୁଙ୍କୁ ବିଭିନ୍ନ ଜିଲ୍ଲାରୁ ଆସିଥିବା ଶହ ଶହ କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦମାନେ ସ୍ୱାଗତ ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ ।ଏହି ଅବସରରେ ବରିଷ୍ଠ ନେତା ସଜ୍ଜନ ଶର୍ମା, ଶିବାଜୀ ମହାନ୍ତି, ସମୀର ପାତ୍ର, ପ୍ରମିଳା ପଣ୍ଡା, ଶୁଭ୍ରାଂଶୁ ଶେଖର ପାଢ଼ୀ, ଦିଲୀପ ସ୍ୱାଇଁ, ଲକ୍ଷଣ ବାଗ, କାମାକ୍ଷା ପ୍ରସାଦ ପ୍ରଧାନ, ଶ୍ରୀରଞ୍ଜନ ମଙ୍ଗରାଜ, ଅଶୋକ ମହାନ୍ତି, ରାଜକିଶୋର ମେର୍ଲ୍ଲି, ବିଶ୍ୱଜିତ ସ୍ୱାଇଁ, ସୂର୍ଯ୍ୟନାରାୟଣ ମହାପାତ୍ର, ଅନିଲ କୁମାର ନନ୍ଦ, ବିପଦ ଭଞ୍ଜନ ଦାସ, ମାଧବ ସାଏ, ଦିବ୍ୟଶଙ୍କର ଭୋଇ, ଦ୍ୱିତୀୟ ଭୋଇ, ପ୍ରଦୀପ କୁମାର ସାହୁ, ହୃଷିକେଶ ଜେନା, ସତ୍ୟବାଦୀ ଚଇନୀ, ଉପେନ୍ଦ୍ର ଭଞ୍ଜ, ନୀଶିକାନ୍ତ ନାଏକ, ବୈରାଗୀ ଚରଣ ବେହେରା, ଶଂକଷଣ ଜେନା, ଶ୍ରୀଧର ସାହୁ ପ୍ରମୁଖ କୃଷକମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା



ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ୩୪ତମ ବାର୍ଷିକ ଉତ୍ସବ ପାଳନ ଅବସରରେ 'ପକ୍ଷୀଘର ପ୍ରକାଶନୀ' ଦ୍ୱାରା ପ୍ରକାଶିତ ଶ୍ରୁତି ଶୈଳଜାଙ୍କ ପ୍ରଥମ ଗଳ୍ପ ପୁସ୍ତକ 'ଚିତ୍ରପଟ୍ଟ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ।

# 'ଏଇ ଭାରତ ଦେଶ' ବ୍ୟଙ୍ଗ କବିତା ପୁସ୍ତକ ପାଠକାର୍ପିତ



ଭଦ୍ରକ, ୧୨/୦୮ (ନି.ପ୍ର): ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଭଦ୍ରକସ୍ଥ ଶ୍ରୀବାଳଗୋପାଳ ମନ୍ଦିର ପରିସରରେ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୩୦ ତାରିଖ ରକ୍ଷା ବନ୍ଧନ ଉତ୍ସବ ଉପଲକ୍ଷେ ଭଦ୍ରକ ଜିଲ୍ଲାରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ଗୁଡ଼ିକରେ କଟକ 'ଶ୍ରୀଜଗନ୍ନାଥ ପାଟ ସେବା ବିକାଶ ପରିଷଦ' ପକ୍ଷରୁ ପ୍ରଦାନ କରାଯାଇଥିବା ରାକ୍ଷୀ ଗୁଡ଼ିକ ମହାପ୍ରଭୁଙ୍କ ସେବା ନିମନ୍ତେ ଉପସ୍ଥିତ ଥିବା ବାସୁଦେବପୁର, ଆରଡ଼ି, ସବାରଙ୍ଗ, ଭଦ୍ରକର କେତେକ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିନିଧିଙ୍କୁ ବଣ୍ଟନ କରାଯାଇଥିଲା। ଅବଶିଷ୍ଟ ମନ୍ଦିରର ପ୍ରତିନିଧିଙ୍କୁ ଆସନ୍ତା ୨୦ ତାରିଖରେ ପ୍ରଦାନ କରାଯିବାକୁ ସମିତିରେ ପ୍ରସ୍ତାବ ଗ୍ରହଣ କରାଯାଇଛି। ଭଦ୍ରକ ଜିଲ୍ଲାର ବିଶିଷ୍ଟ ସାମ୍ବାଦିକ, ଅଧକ୍ଷ ତଥା ବହୁ ପ୍ରତିଭାର ଅଧିକାରୀ ତଥା ରାଷ୍ଟ୍ରପତି ସମ୍ମାନରେ ସମ୍ମାନୀତ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ରଚିତ ବ୍ୟଙ୍ଗ କବିତା ପୁସ୍ତକ 'ଏଇ ଭାରତ ଦେଶ' ପାଠକାର୍ପିତ କରାଯାଇଥିଲା। ପୁସ୍ତକଟିକୁ ସୁଦର୍ଶନ ପଣ୍ଡା ସମୀକ୍ଷା କରିଥିଲେ। ଏହି ଉତ୍ସବରେ ସନେଇ ଶିଅଳ, ନେପାଳ ଚନ୍ଦ୍ର ଦାଶ, ଦୈତାରୀ ଦୀକ୍ଷିତ, ଶମ୍ଭୁନାଥ ମହାନ୍ତି, ସଦାନନ୍ଦ ପାଣିଗ୍ରାହୀ, ବିକାଶ ଚନ୍ଦ୍ର ଶତପଥି, ଡ. ପ୍ରତାପ କୁମାର ପଣ୍ଡା, ଲକ୍ଷ୍ମୀଧର ଖଟୁଆ, ଚତୁର୍ଭୁଜ ତ୍ରିପାଠୀ, ମରୁତ ଦାଶ ପ୍ରମୁଖ ବହୁ ସେବକ ଯୋଗ ଦେଇଥିଲେ। ଉତ୍ସବ ପ୍ରାରମ୍ଭରେ ସମିତିର ମୁଖ୍ୟ ଆବାହକ ଶରତ କୁମାର ସାହୁ ଜଗନ୍ନାତଙ୍କ ସ୍ତୁତି ପାଠ କରିବା ସହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଇଲେକ୍ଟ୍ରି କରେଣ୍ଟ ଲାଗି ଯୁବକ ମୃତ: ମୃତ୍ୟୁକୁ ନେଇ ପରିବାରରେ ସନ୍ଦେହ



ନୀଳଗିରି, ୧୨/୦୮ (ନି.ପ୍ର): ପରିବାର ପ୍ରତିପୋଷଣ ପାଇଁ ଗାଁ ଛାଡି ବାଲେଶ୍ୱର ସଦର ବ୍ଲକ ସିଂଲା ଥାନା ସାର୍ଥା ଅଞ୍ଚଳରେ ଏକ ଚିଙ୍ଗୁଡ଼ି ପ୍ରସେସିଂ ଫ୍ୟାକ୍ଟ୍ରିରେ ଦୀର୍ଘ ୪ବର୍ଷ ଧରି କାମ କରୁଥିଲା ସଜନାଗଡ ନୂଆସାହି ଗ୍ରାମର ଶରତ ମଢେଇ ଙ୍କ ୪୫ବର୍ଷୀୟ ପୁଅ କମଳାକାନ୍ତ ମଢ଼େଇ। କିନ୍ତୁ ହଠାତ୍ ଆଜି (ଶନିବାର) ଦିନ ପ୍ରାୟ ୧୧ଟା ସମୟରେ ପରିବାର ଲୋକଙ୍କୁ ଖବର ଆସିଲା କମଳା କୁ କରେଣ୍ଟ ଲାଗିଛି।ବାଲେଶ୍ୱର ମୁଖ୍ୟ ହସ୍ପିଟାଲ କୁ ନିଆଯାଉଥିବା କଥା ଫୋନ୍ ଆସିଥିଲା। ପରିବାର ଲୋକ ହସ୍ପିଟାଲ ପହଞ୍ଚିଥିଲେ। ସେତେବେଳକୁ ଡାକ୍ତର କମଳାକାନ୍ତକୁ ମୃତ ଘୋଷଣା କରିଥିଲେ। ତେବେ କମଳାକାନ୍ତର ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରି ନାହାନ୍ତି। ତେବେ କମଳାକାନ୍ତଙ୍କ ସ୍ତ୍ରୀ ସ୍ୱାମୀଙ୍କର ମୃତ୍ୟୁ ପରେ ଭାଙ୍ଗି ପଡ଼ିଥିଲେ ମଧ୍ୟ ଏକ ମହତ ଉଦ୍ଦେଶ୍ୟ ରଖି ତାଙ୍କ ସ୍ୱାମୀଙ୍କ ଆଖିରେ ଅନ୍ୟଜଣେ ଏ ଦୁନିଆ ଦେଖୁ ଏଇ ଭାବନା ନେଇ ତାଙ୍କ ସ୍ୱାମୀଙ୍କ ଆଖିକୁ ଦାନ କରିଦେଇଛନ୍ତି। ଭୁବନେଶ୍ୱର ସ୍ଥିତ ଏଲ. ଭି ପ୍ରସାଦ ଦୃଷ୍ଟିହୀନ ଚକ୍ଷୁ ବ୍ୟାଙ୍କକୁ ଦାନ କରିଦେଇଛନ୍ତି। ତେବେ ନୀଳଗିରି ବିଧାୟକ କମଳାକାନ୍ତଙ୍କ ମୃତ୍ୟୁରେ ଶୋକ ବ୍ୟକ୍ତ କରିଥିବା ବେଳେ ତାଙ୍କ ସ୍ତ୍ରୀଙ୍କ ଏଭଳି କାମକୁ ପ୍ରଶଂସା କରିବା ସହିତ ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ମତବ୍ୟକ୍ତ କରିଥିଲେ। ବିଧାୟକଙ୍କ ସହ ସମାଜ ସେବୀ ସଞ୍ଜୟ ନାୟକ, ଉପେନ୍ଦ୍ର ନାୟକ, ରବୀନ୍ଦ୍ର ଖାଲପାଳିଆ, କୃଷ୍ଣଚନ୍ଦ୍ର ବାଗ, ଶଚିନ୍ଦ୍ର ପାତ୍ର ପ୍ରମୁଖ ପରିବାରକୁ ଭେଟି ସମବେଦନା ଦେବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ।

# ଦୁଇ ଶହ ଟଙ୍କା ପାଇଁ ସାଗଂକୁ ହାଣିଲା ସାଙ୍ଗ

ନୀଳଗିରି, ୧୨/୦୮ (ନି.ପ୍ର): ନୀଳଗିରି ବ୍ଲକ ଶ୍ୟାମସୁନ୍ଦରପୁର ଛକ ନିକଟରେ ଗତକାଲି ରାତିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଦୁଇ ଶହ ଟଙ୍କା ପାଇଁ ଗୋଟିଏ ସାଙ୍ଗକୁ ଅନ୍ୟ ସାଙ୍ଗ ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଛି। ଗତକାଲି ବିଳମ୍ବିତ ରାତିରେ ଶ୍ୟାମସୁନ୍ଦରପୁର ପଞ୍ଚାୟତ କୋଳିଗଡି ଗ୍ରାମର କପିଳ ସାମଲଙ୍କ ପୁଅ ଯୁକଗଡିଆ ଗ୍ରାମର ରାମଚନ୍ଦ୍ର ପାଣିଗ୍ରାହୀଙ୍କ ପୁଅର ବାମ ହାତକୁ ଏକ ମାରଣାସ୍ତରେ ହାଣିଦେଇଥିଲେ।ସୂଚନା ମୁତାବକ ଉଭୟ ହେଉଛନ୍ତି ବନ୍ଧୁ ରାମଚନ୍ଦ୍ରଙ୍କ ପୁଅ କପିଳଙ୍କ ପୁଅ ଠାରୁ ଦୁଇ ଶହ ଟଙ୍କା ପାଇବାର ଥିଲା ତେଣୁ ତାକୁ ସନ୍ତରାଗଡିଆ ଛକକୁ ପଇସା ନେବା ପାଇଁ ଡାକିଥିଲେ।ହେଲେ ସେଠାରେ ଉଭୟଙ୍କ ମଧ୍ୟରେ ଉକ୍ତ ୨ ଶହ ଟଙ୍କାକୁ ନେଇ ବଚସା ହେବା ପରେ ମରଣାତ୍ମକ ଆକ୍ରମଣର ଶିକାର ହୋଇଥିଲେ ରାମଚନ୍ଦ୍ରଙ୍କ ପୁଅ।ସାଙ୍ଗ ମାନଙ୍କ ସହାୟତାରେ ରାମଚନ୍ଦ୍ରଙ୍କ ପୁଅକୁ ଇଶ୍ୱରପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ କରାଯାଇଥିଲା।ଆଜି ଉଭୟ ପକ୍ଷ ତରଫରୁ ଇଶ୍ୱରପୁର ଫାଣ୍ଡିରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ରୋଟାରୀ କ୍ଲବ ପକ୍ଷରୁ ଥାଲାସେମିଆ ସଚେତନତା



ଜଳେଶ୍ୱର, ୧୨/୦୮ (ନି.ପ୍ର): ଆଜି ଆନ୍ତର୍ଜାତୀୟ ଯୁବ ଦିବସ ଅବସରରେ ରୋଟାରୀ କ୍ଲବ ଅଫ ଜଳେଶ୍ୱର ଆନୁକୂଲ୍ୟରେ ଦୀନକୃଷ୍ଣ ମହାବିଦ୍ୟାଳୟ ପରିସରରେ ଏକ ଥାଲାସେମିଆ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ୧୫୩ଜଣ ଛାତ୍ରୀଙ୍କ ରକ୍ତ ନମୁନା ପରୀକ୍ଷା ହୋଇଛି। ଆୟୋଜିତ କର୍ମଶାଳାରେ ଜଳେଶ୍ୱର ରୋଟରୀକ୍ଲବର ସଭାପତି ମଣିଭଦ୍ର ଅଧ୍ୟକ୍ଷତା କରି ଥାଲାସେମିଆ ରୋଗର ଭୟବହତା ଓ ଏହାର ନିକାରଣ ସଂପର୍କରେ ରୋଟାରୀ କ୍ଲବର ଭୂମିକା ସଂପର୍କରେ କହିଥିଲେ। ଏଥିରେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଫେସର ଡା. ଗୀତାଞ୍ଜଳି ସେଠୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଭିଟିଓଚିତ୍ର ମାଧ୍ୟମରେ ଏହି ରୋଗର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ସୂଚନାଦେଇ କହିଲେ ଯେ ଭାରତରେ ୧୫ ପ୍ରତିଶତ ଥାଲାସେମିଆ ରୋଗୀ ରହିଥିବା ବେଳେ ଓଡିଶାରେ ୧୮ ପ୍ରତିଶତ ଅଛନ୍ତି। କିନ୍ତୁ ଗୁଜୁରାଟ, ମହରାଷ୍ଟ୍ର ଓ ପଶ୍ଚିମବଂଗରେ ଏମାନଙ୍କ ସଂଖ୍ୟା ବହୁ ଅଧିକ। ପ୍ରକାଶଯୋଗ୍ୟ ଜଣେ ବାପା ଓ ମା ୫୦ ପ୍ରତିଶତ ରୋଗ ବାହକ ହୋଇଥିଲେ ସେମାନଙ୍କ ଠାରୁ ୨୫ଭାଗ ଗୁରୁତର ୨୫ଭାଗ ସାଧାରଣ ଓ ଅନ୍ୟ ୫୦ ଭାଗ ରୋଗର ବାହକ ଭାବେ ଶିଶୁ ଜନ୍ମିଥାନ୍ତି। କିନ୍ତୁ ବାପା, ମାଙ୍କ ମଧ୍ୟରୁ ଜଣେ ବାହକ ଓ ଅନ୍ୟଜଣେ ସାଧାରଣ ହୋଇଥିଲେ ସେମାନଙ୍କ ଠାରୁ ୫୦ଭାଗ ସାଧାରଣ ଓ ୫୦ ଭାଗ ବାହକ ଜନ୍ମ ହୋଇଥାନ୍ତି। ଏ ଦୃଷ୍ଟିରୁ ପ୍ରତ୍ୟେକେ ଛାତ୍ରଛାତ୍ରୀ ଛାତ୍ରାବସ୍ଥାରେ ସେମାନଙ୍କ ରକ୍ତ ପରୀକ୍ଷା କରିବା ଉଚିତ୍ ବୋଲି ସେ ପରରମର୍ଶ ଦେଇଥିଲେ। ଫଳରେ ଏହି ରୋଗର ନିରାକରଣ ଓ ସଂକ୍ରମଣକୁ ରୋକିହେବ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ରୋଟାରୀ କ୍ଲବର ପୂର୍ବତନ ସଭାପତି ଡା ଦିପ୍ତିମୟୀ ମହାପାତ୍ର ଯୋଗ ଦେଇ ରକ୍ତ ଭୂତାଣୁ ମଧ୍ୟରେ ଭାଂଗି ଯାଇଥାଏ ଓ ରକ୍ତ ତିଆରି ହୋଇପାରୁନଥିବା ବ୍ୟକ୍ତି ହିଁ ଥାଲାସେମିଆ ରୋଗର ବାହକ। ଏଥିରେ ପରିବାର ଓ ସରକାର ଦୁର୍ଗତି ଭୋଗନ୍ତି। ଥାଲାସେମୀଆ ରୋଗୀଙ୍କର ୩୫ ବର୍ଷ ମଧ୍ୟରେ ମୃତ୍ୟୁ ଘଟିଥାଏ। ନିରାକରଣ ଲାଗି ରକ୍ତ ପରୀକ୍ଷା ଏକହନ୍ତ ଆବଶ୍ୟକ ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ କଲେଜ ଅଧ୍ୟକ୍ଷ ଦୀଲ୍ଲିପ କୁମାର ପଣ୍ଡା, ରୋଟରୀର ସଂପାଦକ ମାନସ ମହାନ୍ତି ବକ୍ତବ୍ୟ ରଖିଥିବା ବେଳେ ସୁବ୍ରତ କୁମାର ରଣା, ବିକାଶ କୁମାର ଧର, ସୁରେଶ କୁମାର ଦାସ, ଅଶୋକ ମିଶ୍ର, ସଂଜୟ ପ୍ରଧାନ, ପ୍ରଫୁଲ୍ଲ କୁମାର ଦାସ, ଲେଲିନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରୋଟାରୀ କ୍ଲବ ପକ୍ଷରୁ ଗତ ଶୁକ୍ରବାର ପ୍ରବନ୍ଧ, ବକ୍ତୃତା ଓ ଏକକ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତିଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଆଜି ୧୩୫ ଜଣ ଛାତ୍ରୀଙ୍କ ରକ୍ତ ପରୀକ୍ଷା କରାଯାଇଥିବା ବେଳେ ସେଥିରୁ ୫ଜଣଙ୍କ ୭.୫ ରୁ କମ୍ ହିମଗ୍ଲୋବିନ ଥିବାରୁ ସେମାନଙ୍କ ଅଧିକ ପରୀକ୍ଷା ନିରିକ୍ଷା ଆବଶ୍ୟକ ବୋଲି କୁହାଯାଇଛି। ଅଧ୍ୟାପକ ବିରଞ୍ଚିଚରଣ ସାହୁ ଓ ଅଧ୍ୟାପିକା ପୁଷ୍ପାଞ୍ଜଳି ପାଇକରାୟ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶେଷରେ ନନ୍ଦନର କୁମାର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବାଦ ପ୍ରକାଶ ପରେ ବିଦ୍ୟାଳୟରେ ନାମ ଲେଖାଇଲା ମାନକ



ଉଦଳା, ୧୨/୦୮ (ନି.ପ୍ର): ଉଦଳା ବ୍ଲକର ବଡ଼ସିଙ୍ଗାରିଆ ପଂଚାୟତ ଅନ୍ତର୍ଗତ ନୂଆସାହି ଗ୍ରାମର ବାସିନ୍ଦା ରାମହରି ହେମ୍ବ୍ରମଙ୍କ ଜ୍ୟେଷ୍ଠ କନ୍ୟା 'ମାନକ' ଆଧାରକାର୍ଡ଼ ନଥିବା ଯୋଗୁଁ ବିଦ୍ୟାଳୟରେ ନାମ ଲେଖାଇପାରିନଥିଲା। ଉକ୍ତ ସମ୍ବାଦ ଖବରକାଗଜରେ ପରିବେଷିତ ହେବା ପରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଚଳଚଂଚଳ ହୋଇ ଉଠିଥିଲା। ଏଠାରେ କାର୍ଯ୍ୟରତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନତି ମଂଜରି ପଣ୍ଡା ଓ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ନବିନ ବେହେରା ନୂଆସାହିରେ ପହଂଚି ତଦନ୍ତ ଆରମ୍ଭ କରିଥିଲେ। ଶେଷରେ ଆଜି ଅଗଷ୍ଟ ୧୨ ତାରିଖ ଶନିବାର ଦିନ 'ମାନକ' ନୂଆସାହି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିବାର ଜଣାଯାଇଛି। ପ୍ରକାଶ ଥାଉକି ବିଦ୍ୟାଳୟରେ ପିଲାଙ୍କ ନାମ ଲେଖା କ୍ଷେତ୍ରରେ ଆଧାର ବାଧତା ମୂଳକ ନୁହେଁ ବୋଲି ଶିକ୍ଷା ବିଭାଗ ସ୍ପଷ୍ଟିକରଣ ଦେଇଛି।

# ପୁଣି ପାଠପଢ଼ିବାକୁ ଚାହୁଁଛନ୍ତି ସଲମା

ଉଦଳା, ୧୨/୦୮ (ନି.ପ୍ର): ଉଦଳା ବ୍ଲକର ବଡ଼ସିଙ୍ଗାରିଆ ପଂଚାୟତ ଅନ୍ତର୍ଗତ ନୂଆସାହି ଗ୍ରାମର ବାସିନ୍ଦା ଦୁବାଇ ମୁର୍ମୁ ଓ ମାତା ପାର୍ବତି ହାଁସଦାଙ୍କ କନ୍ୟା 'ସଲମା' ପୁଣିଥରେ ପାଠ ପଢ଼ିବାକୁ ଚାହୁଁଛନ୍ତି। ସଲମା ନିକଟରେ ଥିବା ନାଗପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି। ପରେ କରୋନା ଯୋଗୁଁ ବିଦ୍ୟାଳୟ ଛୁଟି ରହିବା ଫଳରେ ସେ ପାଠ ଠାରୁ ଦୁରେଇ ଯାଇଥିଲେ। ବିଦ୍ୟାଳୟ ଖୋଲିବା ପରେ ସଲମା କିପରି ବିଦ୍ୟାଳୟକୁ ଯିବେ ଓ ପାଠ ପଢ଼ିବେ ସେଥିପାଇଁ କୌଣସି ମହଲରେ କିଛି ତତ୍ପରତା ପ୍ରକାଶ ପାଇଲା ନାହିଁ। ଫଳରେ ସେ ବାଧ ହୋଇ ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ। 'ସଲମା'ଙ୍କର ବର୍ତ୍ତମାନ ବୟସ ୧୬ ବର୍ଷ ଛୁଇଁଲା। ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସରକାର ସମସ୍ତ ପିଲାଙ୍କୁ ମାଗଣା ଓ ବାଧତା ମୂଳକ ଶିକ୍ଷା ଘୋଷଣା କରିଛନ୍ତି। ସଲମାଙ୍କର ବୟସ ଅତିକ୍ରାନ୍ତ ହୋଇଯାଇଥିବାରୁ ସରକାରୀ ବାବୁ ମାନେ ଆମେ କିଛି ସହଯୋଗ କରିପାରିବୁ ନାହିଁ ବୋଲି ସଫେଇ ଦେଇ ନିଜର କର୍ତବ୍ୟ ସମ୍ପାଦନ କରିଦେଲେ। ଜିଲ୍ଲାପାଳ 'ସଲମା'ଙ୍କର ପାଠ ପଢ଼ାର ବ୍ୟବସ୍ଥା କରନ୍ତୁ ବୋଲି ବିଭିନ୍ନ ମହଲରେ ଦାବୀ ହେଉଛି। ଏହି ବୟସର ପିଲାମାନେ ପାଠ ଠାରୁ ଦୁରେଇଯିବା ଫଳରେ ବାଲ୍ୟ ବିବାହର ମାତ୍ରା ହୁ ହୁ ବଢ଼ି ଯାଉଛି ବୋଲି ବହୁ ଲୋକ ମତ ଦେଉଥିବାର ଶୁଣିବାକୁ ମିଳୁଛି।

# ପଞ୍ଚୁପାଲି ରେ 'ମେରି ମିଟି, ମେରା ଦେଶ୍' କାର୍ଯ୍ୟକ୍ରମ

ଲଙ୍ଗଳେଶ୍ୱର ୧୨/୮(ନିପ୍ର) ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ଠାରେ ଥିବା କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟ ପକ୍ଷରୁ 'ମେରି ମିଟି, ମେରା ଦେଶ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଲେଜ ଅଧକ୍ଷ ରାଜକିଶୋର ବାରିକ ଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ୯ ଅଗଷ୍ଟ କ୍ରାନ୍ତି ଦିବସ ଠାରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ ପାଳନ କରାଯିବ ପ୍ରୋଗ୍ରାମ ଅଫିସର ଡ଼ାଃ ଲକ୍ଷ୍ମୀକାନ୍ତ ରଥ ମେରି ମିଟି ମେରା ଦେଶ୍ କାର୍ଯ୍ୟକ୍ରମ ସମ୍ପର୍କରେ ସ୍ୱେଚ୍ଛାସେବୀ ସଂଗଠନ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ମାନଙ୍କ ଅବଗତ କରାଇଥିଲେ।ଅଧକ୍ଷ ରାଜକିଶୋର ବାରିକ ସରକାରଙ୍କ ଦ୍ୱାରା ଅଭିନବ ପ୍ରୟାସ କୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ କୃଷ୍ଣ ନନ୍ଦ ପାତ୍ର, ସୁଧୀର କୁମାର ନନ୍ଦ, ଚନ୍ଦନ ନନ୍ଦ, ଅଧାପିକା ସବିତା ସାହୁ, ସରୋଜିନୀ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ମାଟି ଓ ବୃକ୍ଷ ରୋପଣ କରିବା ସମ୍ପର୍କରେ ସଚେତନ କରାଇଥିଲେ।

# ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ତମାଖୁମୁକ୍ତ ଓ କୃମିନାଶକ ଅଭିଯାନ ଆରମ୍ଭ

ଜଳେଶ୍ୱର, ୧୨/୦୮ (ନି.ପ୍ର): ଜଳେଶ୍ୱର ବ୍ଲକର ଖୁଲୁଡାସ୍ଥିତ ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ତମାଖୁମୁକ୍ତ ଅଭିଯାନ ଓ କୃମିନାଶକ ସଚେତନତା ଉଦ୍ଦେଶ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଗତ ଗୁରୁବାର ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ଡ. ଅଜିତ୍ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଡା. ସଂଜିବ କୁମାର ପଣ୍ଡା, ସଂଯୋଜକା ଫକୀର କୁମାର ପ୍ରଧାନ, ଶିକ୍ଷକ ସଂଜୟ କୁମାର ପାକଳ, ଅଂଜନ କୁମାର ପ୍ରଧାନ, ମୌସୁମୀ ଗୁପ୍ତା, ଦୀପକ ପାତ୍ର, ରଣଜିତ୍ ଜେନା, ସଂଜୀବ ଗିରି, ପୂର୍ଣ୍ଣଚନ୍ଦ୍ର ଗିରି ଓ କମଳାକାନ୍ତ ସାମଲ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ତମାଖୁ ସେବନର ଅପକାରିତା ଏବଂ କୃମିନାଶକ ସଚେତନତା ସଂପର୍କରେ କହିଥିଲେ। ଉକ୍ତ ବିଦ୍ୟାଳୟ ତମାଖୁ ସେବନ ରୋଧ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରିଥିବାରୁ ଡ. ସଂଜିବ କୁମାର ପଣ୍ଡା ପ୍ରଧାନ ଶିକ୍ଷକ ଡ. ମହାନ୍ତିଙ୍କୁ ତମାଖୁମୁକ୍ତ ବିଦ୍ୟାଳୟର ପ୍ରମାଣପତ୍ର ସହିତ ସମ୍ବର୍ଦ୍ଧନା ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ତମାଖୁମୁକ୍ତ ସମାଜ ଲାଗି ପ୍ରବନ୍ଧ, ଭାଷଣ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାରୁ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂଯୋଜକ ସଂଜୟ ପାକଳଙ୍କୁ ମମେଣ୍ଟ ପ୍ରଦାନ କରାଯାଇଥିଲା। ଛାତ୍ରଙ୍କ ସାଧନାର ସୁଦ୍ଧି ମିଳିଥିବା ସଂପର୍କରେ ବକ୍ତାମାନେ କହିଥିଲେ।

# ଫାଇଭ-ଟି ସଚିବଙ୍କ ୨ଦିନିଆ ମୟୁରଭଞ୍ଜ ଗସ୍ତ



ବାରିପଦା, ୧୨/୦୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭିକେ ପାଣ୍ଡିଆନ ଦୁଇ ଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ଆଜି ପ୍ରଥମ ଦିନରେ ପୂର୍ବାହ୍ନ ୧୦ଟାରେ ହେଲିକପ୍ଟର ଯୋଗେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଅବତରଣ କରି ଜନଅଭିଯୋଗ ଶୁଣାଣି ରେ ଯୋଗଦେଇ ଲୋକଙ୍କ ଅଭିଯୋଗ ଗ୍ରହଣ କରିଥିଲେ. ସେଠାରୁ ବାହାରି ଯଶିପୁର ମାହାର୍ଦ୍ଧାପାଳଶା ମିନି ଷ୍ଟାଡିୟମ ଓ ପରେ ପରେ ରାଇରଙ୍ଗପୁରସ୍ଥିତ ମହୁଲଡିହା ପଡ଼ିଆରେ ଜନଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ସେହିପରି ଅପରାହ୍ନରେ ବିଶୋଇ ମିନି ଷ୍ଟାଡିୟମରେ ପହଞ୍ଚି ଜନଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଅଭିଯୋଗ ପତ୍ର ଗ୍ରହଣ କରିବା ପରେ ସେଠାରୁ ଆସି ୪ଟା ୨୦ରେ ବାରିପଦା ଛଉ ପଡ଼ିଆରେ ପହଞ୍ଚି ଉପସ୍ଥିତ ଜନସାଧାରଣଙ୍କ ଠାରୁ ଅଭିଯୋଗ ପତ୍ର ଗ୍ରହଣ କରି ଛନ୍ତି. ଆଜି ବାରିପଦା ସର୍କିଟ ହାଉସରେ ରାତ୍ରି ଯାପନ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ, ଶନିବାର ସକାଳେ ଜିଲ୍ଲାପରିଷଦ କ୍ୟାମ୍ପସରେ ଥିବା ମିଶନଶକ୍ତି କାଫେରେ କାର୍ଯ୍ୟକ୍ରମ ସାରି ୯ଟା ୩୦ମିନିଟରେ ବାଙ୍ଗରିପୋଷି ବ୍ଲକର କଳାବାଡିଆ ଫୁଟବଲ ପଡ଼ିଆ ଓ ୧୦ଟା ୪୫ରେ ମୋରଡା ସ୍ଥିତ ଇଞ୍ଜିନିୟରିଂ କଲେଜ ପଡିଆରେ ଜନଅଭିଯୋଗ ଶୁଣାଣି ଶିବିରରେ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିବେ। ପରେପରେ ବାରିପଦା ଛଉ ପଡ଼ିଆରେ ମିଶନ ଶକ୍ତି ମହିଳାମାନଙ୍କ ବିଶାଳ ସମାବେଶରେ ଯୋଗଦେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ପରେ ୨ଟା ୩୦ରେ ବଡସାହି ନିର୍ବାଚନ ମଣ୍ଡଳୀର ବୈଶିଙ୍ଗା ନିକଟ ଖୁଣ୍ଟାପୁର ଓ ୩ଟା ୪୫ରେ ଉଦଳା ହାଇସ୍କୁଲ ପଡ଼ିଆରେ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସାରି ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo